52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004 | Vol. : 45/ Issue : 196 | Brahmapur | Thursday 27 August 2026 | ବର୍ଷ: ୪୫/ ଅଙ୍କ: ୧୯୬ | ଗୁରୁବାର ୨୭ ଅଗଷ୍ଟ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦

### ନେପାଳରେ ପ୍ରଳୟଙ୍କାରୀ ବନ୍ୟା

# ୧୦୫ ଭାରତୀୟଙ୍କ ସହ ହଜାରେ ନିଖୋଜ

## ୧୬ ମୃତ , ୩୦ ସୁରକ୍ଷା କର୍ମୀଙ୍କ ପତ୍ତା ମିଳୁନି

କାଠମାଣ୍ଡୁ, ୨୬।୮: ତିବ୍ବତରୁ ହଠାତ୍ ଆସିଥିବା ପ୍ରଳୟଙ୍କରୀ ବନ୍ୟା ପଡ଼ୋଶୀ ନେପାଳରେ ତାଣ୍ଡବ ରଚିଛି। ରସୁଓ୍ୱା ଜିଲ୍ଲାର ତିମୁର ଏବଂ ସ୍ୟାଫ୍ରୁବେସିରେ ହଠାତ୍ ବନ୍ୟା ବ୍ୟାପକ ଆତଙ୍କ ସୃଷ୍ଟି କରିଛି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପାଞ୍ଚଟି ଜିଲ୍ଲାରେ ହାଇ ଆଲର୍ଟ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ନିର୍ଦ୍ଦେଶ ପରେ, ସେନା ଦାୟିତ୍ୱ ଗ୍ରହଣ କରି ପାଣିରେ ଫସି ରହିଥିବା ଜୀବନ ବଞ୍ଚାଇବା ପାଇଁ ହେଲିକପ୍ଟର ବ୍ୟବହାର କରି ଯୁଦ୍ଧକାଳୀନଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଏପର୍ଯ୍ୟନ୍ତ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ୧୦୦୦ ଲୋକ ଭାସି ଯାଇଥିବା ଆଶଙ୍କା କରାଯାଉଛି। ୩୦୦ ଲୋକ ଏବେ ବି ଫସି ରହିଛନ୍ତି। ୩୦ ପୁଲିସ କର୍ମଚାରୀ ନିଖୋଜ ରହିଥିବା କୁହାଯାଉଛି।



ପୁଲିସ କର୍ମଚାରୀଙ୍କ ସହିତ କୌଣସି ଯୋଗାଯୋଗ ହୋଇପାରୁନାହିଁ। ଚୀନ୍ ସୀମାରେ ଡ୍ୟୁଟିରେ ଥିବା ୯ ଯବାନ ମଧ୍ୟ ନିଖୋଜ ଅଛନ୍ତି। ଏହା ମଧ୍ୟ ଅନୁମାନ କରାଯାଉଛି, ୩୦୦ ଗାଡ଼ି ଭାସି ଯାଇଛି। ନେପାଳ ସେନା ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ଉଦ୍ଧାର କାର୍ଯ୍ୟ ପାଇଁ ସାତଟି ହେଲିକପ୍ଟର ଏବଂ ୩୫ ଜଣ ଉଦ୍ଧାର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନେପାଳ ସରକାର କହିଛନ୍ତି ଯେ ୩୪୫ ଜଣ ପର୍ଯ୍ୟଟକ ଏବେ ବି ନିଖୋଜ ଅଛନ୍ତି। ନିଖୋଜ ପର୍ଯ୍ୟଟକଙ୍କ ମଧ୍ୟରୁ ୨୯୧ ଜଣ ବିଦେଶୀ। ହଠାତ୍ ପାଣି ପ୍ରବାହିତ ହେବା ଫଳରେ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ୮ଟାରେ ତିବ୍ବତରେ ୪.୪ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହାର କିଛି ସମୟ ପରେ, ଲେଣ୍ଡେ ନଦୀ ନିକଟରେ ଏକ ଭୂସ୍ଖଳନ ଘଟି ନଦୀର ପ୍ରବାହ ଅବରୋଧ ହୋଇଯାଇଥିଲା ଏବଂ ରସୁଓ୍ୱା ନଦୀ ନେପାଳ ମୁହାଁ ପ୍ରବାହିତ ହୋଇଥିଲା। ରିପୋର୍ଟ ଅନୁଯାୟୀ, ବୁଧବାର ସକାଳେ ତିବ୍ବତରୁ ଆସିଥିବା ଏକ ପ୍ରଳୟଙ୍କରୀ ବନ୍ୟା ଉତ୍ତର ନେପାଳରେ ତାଣ୍ଡବ ସୃଷ୍ଟି କରିଛି, ଏବଂ ତଳମୁଣ୍ଡର ଅନେକ ଜିଲ୍ଲାକୁ ହାଇ ଆଲର୍ଟରେ ରଖାଯାଇଛି। ପୂର୍ବାହ୍ଣ ପ୍ରାୟ ୯ଟା ସମୟରେ ଭୋଟେ କୋଶି ନଦୀରେ ଜଳସ୍ତର ବୃଦ୍ଧି ପାଇ ତ୍ରିଶୂଳୀ ନଦୀ ଦେଇ ନୁଓ୍ୱାକୋଟ ଆଡକୁ ମୁହାଁଇଥିଲା। ପ୍ରାରମ୍ଭିକ ସୂଚନା ଅନୁଯାୟୀ ଉତ୍ତର ରସୁଓ୍ୱାରେ, ବିଶେଷକରି ତିମୁର ବଜାର ଅଞ୍ଚଳ, ତିମୁର କଷ୍ଟମ୍ସ କାର୍ଯ୍ୟାଳୟ ଏବଂ ସ୍ୟାବ୍ରୁବେସିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଜିଲ୍ଲା ଅଧିକାରୀମାନେ ଜୀବନ, ସମ୍ପତ୍ତି ଏବଂ ଭିତ୍ତିଭୂମିର କ୍ଷୟକ୍ଷତି ବିଷୟରେ ବିସ୍ତୃତ ସୂଚନା ସଂଗ୍ରହ କରୁଛନ୍ତି। ଜଳବିଜ୍ଞାନ ବିଶେଷଜ୍ଞମାନଙ୍କ ଅନୁସାରେ ହଠାତ୍ ଜଳପ୍ରବାହ ସ୍ଥାନୀୟ ବର୍ଷା ଯୋଗୁଁ ନୁହେଁ, ବରଂ ତିବ୍ବତରେ ହିମବାହ ହ୍ରଦ ବନ୍ୟା ଯୋଗୁଁ ହୋଇଛି। ଭୋଟେ କୋଶି ନଦୀ ତିବ୍ବତରୁ ଉତ୍ପତ୍ତି ହୋଇ ନେପାଳର ତ୍ରିଶୂଳୀ ନଦୀରେ ମିଶିଥାଏ, ଯାହା ପରେ ଗଣ୍ଡକ ନଦୀ ଭାବରେ ଭାରତରେ ପ୍ରବାହିତ ହେଉଛି। ନେପାଳ ସ୍ଥିତି ଦେଖି ଉତ୍ତରପ୍ରଦେଶ ଏବଂ ବିହାରରେ ସତର୍କ ସୂଚନା ଜାରି କରାଯାଇଛି। ବିହାରର ଚମ୍ପାରଣ, ବେତିଆ ଏବଂ ମଧୁବାଣୀ ସମେତ ଛଅଟି ସୀମାନ୍ତ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଜଳବିଜ୍ଞାନ ଏବଂ ପାଣିପାଗ ବିଭାଗ, ସ୍ଥାନୀୟ ପ୍ରଶାସନିକ କାର୍ଯ୍ୟାଳୟ ସହିତ ମିଳିତ ଭାବରେ, ଚୀନ୍ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରୁଛି ଏବଂ ଘଟଣାର ଉତ୍ସ ନିର୍ଣ୍ଣୟ କରିବା ପାଇଁ ସାଟେଲାଇଟ୍ ତଥ୍ୟ ଯାଞ୍ଚ କରୁଛି। ରାସୁଓ୍ୱା, ନୁଓ୍ୱାକୋଟ, ଧାଡିଂ, ଗୋର୍ଖା ଏବଂ ଚିତଓ୍ୱାନରେ ନଦୀକୂଳ ଅଞ୍ଚଳ ପାଇଁ ଏକ ହାଇ ଆଲର୍ଟ ଜାରି କରାଯାଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ମୁଗଲିଙ୍ଗରେ ମାର୍ଶ୍ୟାଙ୍ଗଡି ନଦୀର ସଂଗମରେ ଜଳସ୍ତର ପହଞ୍ଚିବ ବୋଲି ଆଶା କରାଯାଉଛି। ନେପାଳ ବିପର୍ଯ୍ୟୟ ପରିଚାଳନା ଅଧିକାରୀମାନେ ପ୍ରଭାବିତ ଅଞ୍ଚଳର ବାସିନ୍ଦାଙ୍କୁ ତୁରନ୍ତ ସୁରକ୍ଷା ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି।

## ନଭେମ୍ବର ୨୪ରୁ କଟକ ଐତିହାସିକ ବାଲିଯାତ୍ରା

### ଉପର ଓ ତଳ ପଡ଼ିଆରେ ହେବ ଆୟୋଜନ

କଟକ ୨୬।୦୮ : ନଭେମ୍ବର ୨୪ରୁ ବିଶ୍ୱପ୍ରସିଦ୍ଧ ବାଲିଯାତ୍ରା । ଆସନ୍ତା ନଭେମ୍ବର ମାସ ୨୪ ତାରିଖ୍ରୁ ଆରମ୍ଭ ହେବାକୁ ଯାଉଛି କଟକ ଐତିହାସିକ ବାଲିଯାତ୍ରା । ଯାହା ଡିସେମ୍ବର ୧ ଯାଏଁ ଚାଲିବ ବୋଲି ସୂଚନା ଦେଇଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଚଳିତ ବର୍ଷ ବାଲିଯାତ୍ରା ପୂର୍ବ ବର୍ଷ ଅପେକ୍ଷା ଭବ୍ୟ ହେବ । ଉଭୟ ତଳ ଓ ଉପର ପଡ଼ିଆରେ ଆୟୋଜିତ ହେବ ଐତିହାସିକ ବାଲିଯାତ୍ରା । ପୂର୍ବ ବର୍ଷ ଯେଉଁ ସବୁ ଭୁଲ ରହିଥିଲା । ଚଳିତ ବର୍ଷ ସେସବୁ ସୁଧାର କରାଯିବ । ଖାସ୍ କରି ବାଲିଯାତ୍ରା ବୁଲିବାକୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ବଡ଼ ପାର୍କିଂର ବ୍ୟବସ୍ଥା କରାଯାଇଛି । ଗାଡ଼ି ଯେପରି ବଡ଼ ସ୍ଥାନରେ ପାର୍କିଂ ହୋଇପାରିବ, ସେ ବ୍ୟବସ୍ଥା ମଧ୍ୟ କରାଯିବ ।

ସେହିପରି ଚଳିତ ବର୍ଷ ବାଲିଯାତ୍ରାକୁ ବାହାର ରାଜ୍ୟରୁ କଳାକାର ଆସିବେ । ବାଲିଯାତ୍ରା ଆରମ୍ଭରୁ ଶେଷ ଯାଏଁ ମହାନଦୀରେ ଜଳକ୍ରୀଡାର ଆୟୋଜନ କରାଯିବ ।ଉପର ଓ ତଳ ପଡ଼ିଆରେ ବାଲିଯାତ୍ରା ହେବାକୁ ଥିବା ବେଳେ, ସୁରକ୍ଷା ଏବଂ ବ୍ୟବସ୍ଥାରେ ଅଧିକ ଧ୍ୟାନ ଦିଆଯିବ । ଯେପରି ଯେଉଁ ଲୋକ ବାଲିଯାତ୍ରା ବୁଲିବାକୁ ଆସୁଥିବ, ସେ ହସଖୁସିରେ ଫେରିବ । ସେ ଦିନରେ ମଧ୍ୟ ଧ୍ୟାନ ଦିଆଯିବ ।

## ଆଜି ଗୋପାଳପୁର ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ

ଛତ୍ରପୁର, ୨୬।୮ (ଆନିସ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗଞ୍ଜାମ ଜିଲ୍ଲା ଗୋପାଳପୁର ଗସ୍ତରେ ଆସୁଛନ୍ତି । ତେବେ ଏହାକୁ ନେଇ ବ୍ୟାପକ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ । ସୁରକ୍ଷିତ ଓ ସୁବ୍ୟବସ୍ଥିତ କରିବା ନିମନ୍ତେ ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ପରିପ୍ରେକ୍ଷୀରେ ଗତକାଲି ଧବଳେଶ୍ୱର ମନ୍ଦିର ପରିସର ଏବଂ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜ୍ ପରିସରରେ ଗସ୍ତ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତି ଓ ବ୍ୟବସ୍ଥାର ସ୍ଥଳ ପରିଦର୍ଶନ କରାଯାଇଥିଲା । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଏସ୍‌ପି ଡା. ସରବଣା ବିବେକ ଏମ୍., ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ରହି ସ୍ଥଳ ପରିଦର୍ଶନ କରିଥିଲେ। ଧବଳେଶ୍ୱର ମନ୍ଦିର ନିକଟସ୍ଥ ପଡ଼ିଆରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ଉପସ୍ଥିତ ରହି ଏହି ଐତିହାସିକ ଆର୍ଥିକ ସହାୟତା ପ୍ୟାକେଜ୍ ଏବଂ ଜମି ପଟ୍ଟା ବଣ୍ଟନ କରିବେ।

# ଜମି ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ରାଜସ୍ୱ ବିଭାଗର କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର, : ରାଜ୍ୟରେ ଜମି ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଦାୟିତ୍ୱସମ୍ପନ୍ନ ଏବଂ ନିୟମ ଅନୁପାଳନ



ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଆସୁଛନ୍ତି। ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଁ ଅନେକ ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥା ମଧ୍ୟ ପ୍ରଚଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟକଳାପ ଉପରେ ନିୟମିତ ମନିଟରିଂ ତଥା କଡ଼ା ନଜର ରଖିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜିଲ୍ଲାପାଳମାନଙ୍କୁ ଦେଇଥିବା ବାର୍ତ୍ତାରେ ନୂଆପଡ଼ା ଜିଲ୍ଲାରେ ଜମି ପଞ୍ଜୀକରଣ ସମ୍ପର୍କିତ ଏକ ଗୁରୁତର ଜାଲିଆତି ଘଟଣା ସାମ୍ନାକୁ ଆସିଥିବା ଦର୍ଶାଇଛନ୍ତି । ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ନୂଆପଡ଼ା ଜିଲ୍ଲାର କୋମନା ତହସିଲର ତହସିଲଦାର ଭାବେ କାର୍ଯ୍ୟରତ ତଥା ସବ୍-ରେଜିଷ୍ଟ୍ରାରଙ୍କ ଦାୟିତ୍ୱ ତୁଲାଉଥିବା ଅଧିକାରୀ ସର୍ବେଶ୍ୱର ଜାଲଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଅଧିକାରୀ ସ୍ୱାର୍ଥାନ୍ୱେଷୀ ମହଲ ସହ ମିଳିତ ଭାବେ ଏକ ବୃହତ୍ ଜମିଖଣ୍ଡର ଜାଲିଆତିପୂର୍ଣ୍ଣ ପଞ୍ଜୀକରଣକୁ ସହଜ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନୂଆପଡ଼ା ଜିଲ୍ଲାପାଳଙ୍କଠାରୁ ସୂଚନା ମିଳିବା ପରେ ସମ୍ପୃକ୍ତ ତହସିଲଦାରଙ୍କୁ ରାଜ୍ୟ ସରକାର ତୁରନ୍ତ ନିଲମ୍ବିତ କରିଛନ୍ତି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ପଞ୍ଜୀକରଣ ସମ୍ପର୍କିତ କାର୍ଯ୍ୟକଳାପର ନିୟମିତ ମନିଟରିଂ ସୁନିଶ୍ଚିତ କରି ସ୍ପଷ୍ଟ ନଜର ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ଏଥିସହିତ, ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟପ୍ରଣାଳୀ ଓ କାର୍ଯ୍ୟକଳାପର ଆକସ୍ମିକ ପରିଦର୍ଶନ ତଥା ଯାଞ୍ଚ କରିବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯାହାଦ୍ୱାରା ଏଭଳି ଅନିୟମିତତାକୁ ସମୟୋପଯୋଗୀ ଭାବେ ଚିହ୍ନଟ କରି ରୋକାଯାଇପାରିବ।

ପ୍ରଯୁକ୍ତି ବିଦ୍ୟାର ସର୍ବାଧିକ ଉପଯୋଗ ପୂର୍ବକ ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ପ୍ରାଥମିକତା। ଏପରି ଅନିୟମିତତାକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ନିୟମର ସମୁଚିତ ଅନୁପାଳନ ସୁନିଶ୍ଚିତ କରିବା ସହ ଦୋଷୀଙ୍କ ବିରୋଧରେ ଯଥାବିଧି ପଦକ୍ଷେପ ନିଆଯିବ ।

## ଶ୍ରୀଜଗନ୍ନାଥଙ୍କ କାର୍ଟୁନକୁ ନେଇ ଶଙ୍କରାଚାର୍ଯ୍ୟ କ୍ଷୁବ୍ଧ

ପୁରୀ,୨୬।୮ : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ପ୍ରସ୍ତୁତ ଏକ ଆନିମେସନ୍ ଫିଲ୍ମର ବିବାଦ ଏବଂ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିର୍ଣ୍ଣୟ ସମ୍ପର୍କରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଜପତି ମହାରାଜାଙ୍କୁ ଏକ ଚିଠି ଲେଖିଛନ୍ତି।

ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିର୍ଣ୍ଣୟକୁ ନେଇ ଗଜପତିଙ୍କୁ ଚିଠି ଦ୍ୱାରା ଅବଗତ କଲେ ମୁକ୍ତିମଣ୍ଡପ ପଣ୍ଡିତ ସଭା। ଗଜପତିଙ୍କ ଶ୍ରୀନହର କାର୍ଯ୍ୟାଳୟ ପକ୍ଷରୁ ମୁକ୍ତିମଣ୍ଡପ ସମ୍ପର୍କିତ ଚିଠି ପ୍ରକାଶ। ଆନିମେସନ ଫିଲ୍ମ ଦ୍ବାରା ଶ୍ରୀଜଗନ୍ନାଥଙ୍କ ପରମ୍ପରା, ସଂସ୍କୃତି ଓ ତତ୍ତ୍ୱ ନଷ୍ଟ ହେଉଛି। ଫିଲ୍ମରେ ଜଗନ୍ନାଥଙ୍କୁ ବିକୃତ ଭାବେ ଦର୍ଶାଯାଇଛି। ଏହା ଅକ୍ଷମଣୀୟ ଅପରାଧ 'ଆଇନ ସମ୍ମତ ନୁହେଁ ଫିଲ୍ମ ରିଲିଜ। ସମସ୍ତ ମାଧ୍ୟମରେ ଏହାର ପ୍ରସାରଣ ଉପରେ ରୋକ ଲଗାଇବାକୁ ଦାବି ହୋଇଛି। ସୁପ୍ରିମ କୋର୍ଟଙ୍କ ନିଷ୍ପତ୍ତିର ପୁନର୍ବିଚାର ହେବା ଆବଶ୍ୟକ। ସୂଚନା ଥାଉକି ସୁପ୍ରିମକୋର୍ଟ ଏହି ଚଳଚ୍ଚିତ୍ରର ମୁକ୍ତିଲାଭ ବିରୋଧରେ ଓଡ଼ିଶା ସରକାରଙ୍କ ଆବେଦନକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି । ସେ ଏହା କହିଛନ୍ତି ଯେ ଦେଶରେ ସୃଜନଶୀଳତା ବୃଦ୍ଧି ପାଉଛି ଏବଂ ଆନିମେସନ୍ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ।ବିଚାରପତି ବିଭି ନାଗରତ୍ନ ଏବଂ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି ।

ଯୁକ୍ତି ଶୁଣିବା ପରେ, ଖଣ୍ଡପୀଠ ଚଳଚ୍ଚିତ୍ରର ମୁକ୍ତିଲାଭକୁ ଅନୁମତି ଦେଇଥିବା ପୂର୍ବ ନିର୍ଦ୍ଦେଶକୁ ସଂଶୋଧନ କରିବାକୁ ମନା କରିଦେଇଛନ୍ତି । ଖଣ୍ଡପୀଠ ମତ ଦେଇଛନ୍ତି ଯେ ଆନିମେସନ୍ ହେଉଛି ପିଲାମାନଙ୍କ ପାଇଁ ସୃଷ୍ଟି ହୋଇଥିବା କଳାର ଏକ ନୂତନ ରୂପ ଏବଂ ଏପରି ଆବେଦନ ଯୋଗୁଁ ଏହାକୁ ହ୍ରାସ କରାଯାଇପାରିବ ନାହିଁ ।

## ୧୫ ନବଜାତ ଜୀବନ୍ତଦଗ୍ଧ

ଇସଲାମାବାଦ: ପାକିସ୍ତାନର ରାଜଧାନୀ ଇସଲାମାବାଦର ଏକ ଡାକ୍ତରଖାନାରୁ ଦୁଃଖଦ ଖବର ଆସିଛି। ସ୍ଥାନୀୟ ପାକିସ୍ତାନ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (ପିଆଇଏମ୍ଏସ୍)ର ସ୍ତ୍ରୀ ରୋଗ ବିଭାଗରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଏହି ଭୟଙ୍କର ଅଗ୍ନିକାଣ୍ଡରେ ୧୫ ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଛି। ପିଆଇଏମ୍ଏସ୍ ଅଧିକାରୀମାନେ କହିଛନ୍ତି ଯେ ଅଗ୍ନିକାଣ୍ଡ ସମୟରେ ନର୍ସରୀରେ ୧୬ ଜଣ ନବଜାତ ଶିଶୁ ଥିଲେ, ଯେଉଁଥିରୁ କେବଳ ଜଣେ ଶିଶୁକୁ ଉଦ୍ଧାର କରାଯାଇପାରିଥିଲା। ଉଦ୍ଧାରକାରୀ ଅଧିକାରୀମାନେ କହିଛନ୍ତି ଯେ ନର୍ସରୀ ଭିତରେ ଏକ ଏୟାର-କଣ୍ଡିସନର କମ୍ପ୍ରେସର ବିସ୍ଫୋରଣ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ହସ୍ପିଟାଲର ସ୍ତ୍ରୀ ରୋଗ ବିଭାଗରେ ସକାଳ ପ୍ରାୟ ୭ଟା ସମୟରେ ନିଆଁ ଲାଗିଥିଲା। ଉଦ୍ଧାରକାରୀ ଦଳଗୁଡ଼ିକୁ ହସ୍ପିଟାଲକୁ ପଠାଯାଇଥିଲା ଏବଂ ନିଆଁ ଲିଭାଇବା ଏବଂ ଭିତରେ ଥିବା ଲୋକଙ୍କୁ ବାହାର କରିବା ପାଇଁ କାର୍ଯ୍ୟ କରାଯାଇଥିଲା ଏବଂ ଘଟଣାସ୍ଥଳରେ କୁଲିଂ ଅପରେସନ ମଧ୍ୟ କରାଯାଇଥିଲା। ଏହି ଘଟଣା ହସ୍ପିଟାଲର ନବଜାତ ଏବଂ ପ୍ରସୂତି ପ୍ରତିଷ୍ଠାନରେ ସୁରକ୍ଷା ବ୍ୟବସ୍ଥା ବିଷୟରେ ଚିନ୍ତା ସୃଷ୍ଟି କରିଛି।

## ତଳିଆ ଅଞ୍ଚଳର ନଦୀ ଫୁଲିବ, ବନ୍ୟା ହେବ ନାହିଁ

ଭୁବନେଶ୍ୱର ୨୬।୦୮ : ବୁଧବାର ସଂଧ୍ୟା ସୁଦ୍ଧା ମୁଣ୍ଡୁଳିରେ ସାଢେ ୬ ଲକ୍ଷ ପାଣି ପ୍ରବାହିତ ହେବ । ତଳିଆ ଅଞ୍ଚଳରେ ନଦୀ ଫୁଲିବ । ହେଲେ ବନ୍ୟା ହେବ ନାହିଁ ବୋଲି ସୂଚନା ଦେଇଛନ୍ତି ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟରେ ବର୍ଷା କମିଛି । ସମ୍ବଲପୁରରେ ବାମରାରେ ସର୍ବାଧିକ ୪୯ ମିଲିମିଟର ବର୍ଷା ହେଇଛି। ରାଜ୍ୟର କୌଣସି ନଦୀରେ ବନ୍ୟାର ପ୍ରଭାବ ନାହିଁ । ହୀରାକୁଦରେ ୧୬ଟି ଗେଟ୍ ଦେଇ ପାଣି ନିଷ୍କାସନ ହେଉଛି। ବୁଧବାର ସନ୍ଧ୍ୟାରେ ୬ ଲକ୍ଷ ୫୦ ହଜାର କ୍ୟୁସେକ ପାଣି ମୁଣ୍ଡୁଳିରେ ପ୍ରବାହିତ ହେବ। ହୀରାକୁଦ ଜଳଭଣ୍ଡାରରେ ବର୍ତ୍ତମାନ ୬୨୩ ଫୁଟ ପାଣି ରହିଛି।
ସେହିପରି ଲଗାଣ ବର୍ଷା ପରେ ରାଜ୍ୟରେ ଅନେକ ଅଞ୍ଚଳରେ ସ୍ଥିତି ସୁଧୁରୁଛି । ଖାସ୍ କରି ବୈତରଣୀରେ ବନ୍ୟା ସ୍ଥିତିର ସୁଧାର ଆସୁଛି । ଆଖୁଆପଦା, ବ୍ରାହ୍ମଣୀ, ସାଳନ୍ଦୀରେ ବି ସତର୍କ ଲେବୁଲ ତଳେ ପାଣି ପ୍ରବାହିତ ହେଉଛି। ତଳିଆ ଅଞ୍ଚଳର ନଦୀ ଫୁଲିବ, ହେଲେ ବନ୍ୟା ହେବ ନାହିଁ ।

# ମୋଦିଙ୍କ ନୂଆ କ୍ୟାବିନେଟରେ ଦିଶିବେ ନୂଆ ମୁହଁ

ନୂଆଦିଲ୍ଲୀ, ୨୬।୮: ବିଜେପିର ନୂଆ ଜାତୀୟ ଟିମ୍ ଘୋଷଣା ହେବା ପରେ ଏବେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ଚର୍ଚ୍ଚା। ଦଳୀୟ ସଂଗଠନରେ ନୂଆ ଦାୟିତ୍ୱ ପାଇଥିବା ମନ୍ତ୍ରୀ, ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେଉଥିବା ନେତାଙ୍କ ସ୍ଥାନରେ ନୂଆ ସହଯୋଗୀ ଦଳ ଓ ଯୁବ ଚେହେରାଙ୍କୁ କେନ୍ଦ୍ର କ୍ୟାବିନେଟ୍‌ରେ ମିଳିପାରେ ସୁଯୋଗ।

ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମୋଟ ୬୯ ଜଣ ସଦସ୍ୟ ଅଛନ୍ତି। ସମ୍ବିଧାନର ଧାରା ୭୫(୧ଏ) ଅନୁଯାୟୀ କେନ୍ଦ୍ର କ୍ୟାବିନେଟରେ ସର୍ବାଧିକ ୮୧ ଜଣ ସଦସ୍ୟ ରହିପାରିବେ। ଅର୍ଥାତ୍ ଏବେ ୧୨ଟି ମନ୍ତ୍ରୀ ପଦ ଖାଲି ରହିଛି। ୨୦୨୯ ଲୋକସଭା ନିର୍ବାଚନ ଓ ଏହା ପୂର୍ବରୁ ହେବାକୁ ଥିବା କିଛି ରାଜ୍ୟର ବିଧାନସଭା ନିର୍ବାଚନକୁ ନଜରରେ ରଖି ମୋଦି ସରକାର ମନ୍ତ୍ରିମଣ୍ଡଳରେ କରିପାରନ୍ତି ପରିବର୍ତ୍ତନ। ତେବେ କେବଳ ରାଜନୀତିକ ସମୀକରଣ ନୁହେଁ, ଏକାଧିକ ବିଭାଗର ଦାୟିତ୍ୱ ନେଇଥିବା ମନ୍ତ୍ରୀଙ୍କ କାର୍ଯ୍ୟଭାର କମାଇବାକୁ ବି ଲକ୍ଷ୍ୟ ରହିଛି।ମୋଦିଙ୍କ ମନ୍ତ୍ରିମଣ୍ଡଳରେ ଥିବା ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷାମନ୍ତ୍ରୀ ପଦରୁ ଛାତ୍ର ଆନ୍ଦୋଳନ ଯୋଗୁ ଇସ୍ତଫା ଦେଇଥିବା ବେଳେ ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଏନ୍ ଓ ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁଙ୍କ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହୋଇଛି।

ଉଭୟ ମଧ୍ୟ ଧର୍ମେନ୍ଦ୍ରଙ୍କ ଭଳି ଇସ୍ତଫା ଦେଇ ସାରିଛନ୍ତି। ସେହିପରି ହର୍ଷ ମାଲହୋତ୍ରା ଓ ପଙ୍କଜ ଚୌଧୁରୀଙ୍କୁ ଯଥାକ୍ରମେ ଦିଲ୍ଲୀ ଓ ଉତ୍ତରପ୍ରଦେଶ ବିଜେପିର ରାଜ୍ୟ ସଭାପତି କରାଯାଇଛି। ସେହିପରି ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ବିଜେପିର କୋଷାଧ୍ୟକ୍ଷ ଦାୟିତ୍ୱ ମିଳିଛି। ତେଣୁ ନୂଆ ସାଂଗଠନିକ ଦାୟିତ୍ୱ ପାଇଥିବା ନେତାଙ୍କ ମନ୍ତ୍ରୀ ପଦ କଟିପାରେ। ଏହାବାଦ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେବାକୁ ଥିବା କିଛି ମନ୍ତ୍ରୀଙ୍କ ଉପରେ ମଧ୍ୟ ନଜର ରହିବ। ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଓ ସାମାଜିକ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ବିଏଲ୍ ବର୍ମାଙ୍କ କାର୍ଯ୍ୟକାଳ ଆସନ୍ତା ନଭେମ୍ବରରେ ଶେଷ ହେବ। ଏହାଛଡ଼ା କାର୍ଯ୍ୟଦକ୍ଷତାକୁ ଆଧାର କରି କିଛି ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇପାରେ ବୋଲି ଜଣାପଡ଼ିଛି।

ବିଜେପି ପାରମ୍ପରିକ ଜଣେ ବ୍ୟକ୍ତି ଗୋଟିଏ ନୀତି କଥା କହୁଥିବାରୁ ମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାରେ ଥିବା ସ୍ମୃତି ଇରାନୀ, ବିନୋଦ ତାଓ୍ୱଡେ, ସତୀଶ ପୁନିଆ ଓ ତରୁଣ ଚୁଘଙ୍କ ଭଳି ନେତାଙ୍କ ଭାଗ୍ୟ କ'ଣ ହେବ, ତା' ଉପରେ ମଧ୍ୟ ନଜର ରହିଛି। କାରଣ ଏମାନଙ୍କୁ ନୀତୀନ ନବୀନଙ୍କ ଟିମରେ ସାଂଗଠନିକ ଦାୟିତ୍ୱ ମିଳିଛି।

ମନ୍ତ୍ରିମଣ୍ଡଳ ସଂପ୍ରସାରଣ ବେଳେ ବୟସ ମଧ୍ୟ ଏକ ପ୍ରମୁଖ ମାପଦଣ୍ଡ ହୋଇପାରେ। ୨୦୨୪ରେ ମୋଦି ୩.୦ ସରକାର ଗଠନ ସମୟରେ ୬୫ ପ୍ରତିଶତରୁ ଅଧିକ ମନ୍ତ୍ରୀଙ୍କ ବୟସ ୫୧ରୁ ୭୦ ବର୍ଷ ମଧ୍ୟରେ ଥିଲା। ୩୧ରୁ ୫୦ ବର୍ଷ ବୟସର ମନ୍ତ୍ରୀଙ୍କ ସଂଖ୍ୟା ଥିଲା ପ୍ରାୟ ୨୪ ପ୍ରତିଶତ। ବର୍ତ୍ତମାନ ୧୨ ଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ସ୍ୱାଧୀନ ଦାୟିତ୍ୱରେ ଥିବା ରାଷ୍ଟ୍ରମନ୍ତ୍ରୀଙ୍କ ବୟସ ୭୦ ବର୍ଷରୁ ଅଧିକ। ୮୧ ବର୍ଷୀୟ ବିହାରର ଜିତନ ରାମ ମାଞ୍ଝୀ ସବୁଠାରୁ ବୟସ୍କ କ୍ୟାବିନେଟ୍ ମନ୍ତ୍ରୀ। ୩୮ ବର୍ଷୀୟ କେ ରାମମୋହନ ନାଇଡୁ ସବୁଠାରୁ କନିଷ୍ଠ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଆଗାମୀ ମନ୍ତ୍ରିମଣ୍ଡଳ ଅଦଳବଦଳ ସମୟରେ ଯୁବ ଓ ମହିଳାଙ୍କ ସଂଖ୍ୟା ବଢ଼ିପାରେ। ମନ୍ତ୍ରିମଣ୍ଡଳରେ ନୂଆ ମୁହଁ ସାମିଲ କରିବା ପାଇଁ ହିମାଚଳ ପ୍ରଦେଶ ଓ କର୍ଣ୍ଣାଟକା ଭଳି ରାଜ୍ୟ କଥା ବିଚାର କରାଯାଇପାରେ। କାରଣ ଏହି ଦୁଇ ରାଜ୍ୟରେ ଏବେ କଂଗ୍ରେସ କ୍ଷମତାରେ ରହିଛି। ଏହାବାଦ ମଧ୍ୟପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶରୁ ମଧ୍ୟ ନୂଆ ମୁହଁଙ୍କୁ ସୁଯୋଗ ମିଳିପାରେ।

ଉତ୍ତରପ୍ରଦେଶରେ ଆସନ୍ତା ବର୍ଷ ଆରମ୍ଭରେ ନିର୍ବାଚନ ହେବାକୁ ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗୁଜରାଟରେ ଆସନ୍ତା ବର୍ଷ ଶେଷ ବେଳ ଭୋଟ ହେବ। ଏହାକୁ ଦୃଷ୍ଟିରେ ରଖି ସେଠାକାର ନେତାଙ୍କୁ ମନ୍ତ୍ରୀ କରାଯାଇ ପାରେ।ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବସେନାର ବର୍ତ୍ତମାନ ୧୩ ଜଣ ସାଂସଦ ଅଛନ୍ତି। ଉଦ୍ଧବ ଠାକରେ ଗୋଷ୍ଠୀର କିଛି ସାଂସଦ ଯୋଗ ଦେବା ପରେ ଦଳର ଶକ୍ତି ବଢ଼ିଛି। ତେଣୁ ଏକନାଥ ସିନ୍ଦେଙ୍କ ପୁଅ ଶ୍ରୀକାନ୍ତ ସିନ୍ଦେ କ୍ୟାବିନେଟ୍ ମନ୍ତ୍ରୀ ହୋଇପାରନ୍ତି । ପଞ୍ଜାବରେ ବିଧାନସଭା ନିର୍ବାଚନ ସହ ଦଳବଦଳ ଦେଖିବାକୁ ମିଳିଛି। ରାଘବ ଚଡ୍ଢାଙ୍କ ନେତୃତ୍ୱରେ ଆମ୍ ଆଦମୀ ପାର୍ଟିରୁ ବିଜେପିକୁ ଆସିଥିବା ୭ ଜଣ ରାଜ୍ୟସଭା ସାଂସଦଙ୍କୁ ମଧ୍ୟରୁ ଜଣଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ। ପୂର୍ବରୁ ଏହି ଗୋଷ୍ଠୀର ସନ୍ଦୀପ ପାଠକଙ୍କୁ ଦଳର ସମ୍ପାଦକ ଦାୟିତ୍ୱ ଦେଇଛି ବିଜେପି। ପଞ୍ଜାବର ଶିରୋମଣି ଅକାଳୀ ଦଳ ମଧ୍ୟ ପୁଣି ଏନ୍‌ଡିଏକୁ ଫେରିପାରେ ବୋଲି ଚର୍ଚ୍ଚା ହେଉଛି। ଅକାଳୀ ଦଳ-ବିଜେପି ମେଣ୍ଟ ପୁଣି ଗଠନ ହେଲେ ହରସିମରତ କୌର ବାଦଲଙ୍କୁ ପୁଣି ମୋଦିଙ୍କ କ୍ୟାବିନେଟରେ ସାମିଲ କରାଯାଇପାରେ। ୨୦୨୦ରେ କୃଷି ଆଇନକୁ ବିରୋଧ କରି ସେ ମନ୍ତ୍ରୀ ପଦ ଛାଡ଼ିଥିଲେ। ପଶ୍ଚିମବଙ୍ଗରୁ କାକୋଳି ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ଟିଏମ୍‌ସିର ୨୦ ଜଣ ସାଂସଦ ଏନ୍‌ଡିଏକୁ ସମର୍ଥନ କରୁଛନ୍ତି। ଏହି ଗୋଷ୍ଠୀରୁ ମଧ୍ୟ ଜଣେ କିମ୍ବା ଦୁଇ ଜଣଙ୍କୁ କ୍ୟାବିନେଟ ପାହ୍ୟା ମିଳିପାରେ।

ବର୍ତ୍ତମାନ କେନ୍ଦ୍ର ସରକାରରେ ଏମିତି ୧୪ ଜଣ ମନ୍ତ୍ରୀ ଅଛନ୍ତି, ଯେଉଁମାନେ ଏକାଧିକ ବିଭାଗର ଦାୟିତ୍ୱ ପାଇଛନ୍ତି। ମନ୍ତ୍ରିମଣ୍ଡଳ ଅଦଳବଦଳ ହେଲେ ଏହି ଅତିରିକ୍ତ ଦାୟିତ୍ୱକୁ ଅନ୍ୟମାନଙ୍କୁ ଦିଆଯାଇପାରେ।

## ଠକ ସୁକେଶ ଚନ୍ଦ୍ରଶେଖର ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ: ଠକ ସୁକେଶ ଚନ୍ଦ୍ରଶେଖରଙ୍କୁ ଦିଲ୍ଲୀର ତିସ୍ ହଜାରୀ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ନିଜକୁ ସୁପ୍ରିମକୋର୍ଟ ବିଚାରପତି ଭାବରେ ପରିଚୟ ଦେଇ ଏକ ସ୍ୱତନ୍ତ୍ର ଏସିବି ବିଚାରପତିଙ୍କୁ ପ୍ରଭାବିତ କରିବାର ପ୍ରୟାସ କରିଥିବା ଅଭିଯୋଗ ହୋଇଥିଲା। କୋର୍ଟ ସୁକେଶଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୧୭୦, ୧୮୯ ଏବଂ ୫୦୭ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୋଜକଙ୍କ ଅନୁଯାୟୀ, ନ୍ୟାୟିକ ହାଜତରେ ଥିବା ସମୟରେ ସୁକେଶ କନଷ୍ଟେବଲ ମନଜିତଙ୍କ ମୋବାଇଲ୍ ଫୋନ୍ ପାଇଥିଲେ।ଏହି ଫୋନ୍ ବ୍ୟବହାର କରି ସେ ଦୁର୍ନୀତି ମାମଲାର ଶୁଣାଣି କରୁଥିବା ଏସିବି ସ୍ୱତନ୍ତ୍ର ବିଚାରପତିଙ୍କ ସରକାରୀ ଲ୍ୟାଣ୍ଡଲାଇନ୍ ନମ୍ବରରେ ଯୋଗାଯୋଗ କରିଥିଲେ। ସୁକେଶ ପ୍ରଥମେ ନିଜକୁ ସୁପ୍ରିମକୋର୍ଟ ବିଚାରପତିଙ୍କ ସଚିବ ଏବଂ ପରେ ନିଜକୁ ସୁପ୍ରିମକୋର୍ଟ ବିଚାରପତି ଭାବରେ ପରିଚୟ ଦେଇଥିଲେ। ସେ ଜାମିନ ପ୍ରଦାନ କରିବା ଏବଂ ନ୍ୟାୟିକ ଫଳାଫଳକୁ ପ୍ରଭାବିତ କରିବା ପାଇଁ ସ୍ୱତନ୍ତ୍ର ବିଚାରପତିଙ୍କ ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିବା ବୋଲି ଅଭିଯୋଗ ହୋଇଥିଲା। କୋର୍ଟ କହିଛନ୍ତି ଯେ ଏହା କେବଳ ଭୁଲ ପରିଚୟ କିମ୍ବା ଗୋଟିଏ ଫୋନ୍ କଲ୍ ନୁହେଁ, ବରଂ ନ୍ୟାୟିକ ବ୍ୟବସ୍ଥାକୁ ପ୍ରଭାବିତ କରିବା ପାଇଁ ଜାଣିଶୁଣି କରାଯାଇଥିବା ଏକ ଯୋଜନାବଦ୍ଧ ପ୍ରୟାସ। କୋର୍ଟ କହିଛନ୍ତି ଯେ ଜଣେ ବିଚାରପତିଙ୍କ ପରିଚୟ ଦେବା ନ୍ୟାୟିକ ପ୍ରତିଷ୍ଠାନର କର୍ତ୍ତୃତ୍ୱ ଏବଂ ବିଶ୍ୱସନୀୟତାକୁ ହଡ଼ପ କରିବାର ଏକ ପ୍ରୟାସ। କୋର୍ଟଙ୍କ ଅନୁଯାୟୀ ପ୍ରମାଣ ଅଭିଯୁକ୍ତଙ୍କ ଦୋଷକୁ ସୂଚିତ କରିଛି। କୋର୍ଟ ଦିଲ୍ଲୀ ପୁଲିସକୁ କନଷ୍ଟେବଲ ମନଜିତ୍‌ଙ୍କ ଭୂମିକାର ପୁନଃ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତର ମୁଖ୍ୟ ପ୍ରସଙ୍ଗ ହେଉଛି ସୁକେଶ କିପରି ମନଜିତ୍‌ଙ୍କ ଫୋନ୍ ପାଇଲେ ଏବଂ ସମଗ୍ର ଷଡ଼ଯନ୍ତ୍ରରେ କନଷ୍ଟେବଲଙ୍କ ଭୂମିକା କ'ଣ ଥିଲା।

# ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ଦାବିରେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ରପ୍ରଦାନ

ରାଇରଙ୍ଗପୁର, ୨୬।୮ (ଆନିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକ ରୁ ତା ୧୬/୦୮/୨୬ ରିଖରେ ବାହାରିଥିବା ପଦଯାତ୍ରା ରାଜଧାନୀ ଭୁବନେଶ୍ବର ରେ ତା୨୪/୮/୨୬ ରିଖରେ ପହଞ୍ଚି ମାନ୍ୟବର ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରାଶାସନିକ ବ୍ୟବହାରକୁ ଅଧିକ ପ୍ରୋତ୍ସାହନ କରାଯାଉ। ରାଜ୍ୟ ସରକାର ହୋ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚିରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପୁର୍ନବାର ସୁପାରିଶ କରନ୍ତୁ।ହୋ ଭାଷା ଏକ ସମୃଦ୍ଧ ଭାଷା ଯାହା ଅଷ୍ଟ୍ରୋ - ଜାମଦା ର ପଦଯାତ୍ରାରେ ଅନେକ ସାମାଜିକ ସଙ୍ଗଠନ ଯୋଗଦେଇଥିଲେ।ହୋ ଭାଷା କ୍ରିୟାନୁଷ୍ଠାନ କମିଟି,ସିଦାହର ସୁସାର ଅକାଳା କମିଟି, ମାସକୋ କମିଟି, ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଅକାଳା, କେନ୍ଦୁଝର ର ଏବଂ ଅନ୍ୟାନ୍ୟ ବହୁ ସାମାଜିକ



ବିର୍ ବିର୍ସା ମୁଣ୍ଡା କମିଟିର ସଭାପତି ଘନଶ୍ୟାମ ପିଙ୍ଗୁଆଙ୍କ ନେତୃତ୍ୱରେ ପଦଯାତ୍ରା ବାହାରି ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର,କଟକ, ଖୋର୍ଦ୍ଧା ଜିଲ୍ଲା ଅତିକ୍ରମ କରି ଶେଷରେ ରାଜଭବନ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ହୋ ଭାଷାକୁ ଓଡିଶାରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ କରାଯାଉ।

ହୋ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ସରକାରୀ କାର୍ଯ୍ୟାଳୟରେ ହୋ ଭାଷାର ବ୍ୟବହାର ସୁନିଶ୍ଚିତ କରାଯାଉ।ସମଗ୍ର ସରକାରୀ ବିଜ୍ଞପ୍ତି, ଫର୍ମ ଓ ଜନସେବା ସୂଚନା ହୋ ଭାଷାରେ ଉପଲବ୍ଧ କରାଯାଉ।ହୋ ଭାଷାରେ ଶିକ୍ଷା,ସାହିତ୍ୟ, ଗବେଷଣା ଓ ଏସିଆଟିକ୍ ମୁଣ୍ଡଭାଷା ପରିବାରରୁ ଆସିଛି।ହୋ ଭାଷାର ନିଜସ୍ୱ ଲିପି ରହିଛି ଯାହା ୱାରଙ୍ଗ ଚିତିଲିପି ,ଏହାର ନିଜସ୍ୱ ,ସାହିତ୍ୟ, ସଂସ୍କୃତି, ଓ ଐତିହ୍ୟ ରହିଛି।ଭାରତ ବର୍ଷର ଓଡ଼ିଶା , ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ଛତିଶଗଡ଼,ସହିତ ଅନ୍ୟାନ୍ୟ ରାଜ୍ୟରେ ପାଖାପାଖି ୫୦ ଲକ୍ଷରୁ ଉର୍ଦ୍ଧ ହୋ ଭାଷାଭାଷୀ ଲୋକମାନେ ବସବାସ କରିଥାନ୍ତି ଏବଂ ଓଡ଼ିଶାରେ ପ୍ରାୟ ୧୫ ଲକ୍ଷ ରୁ ଉର୍ଦ୍ଧ ବସବାସ କରନ୍ତି,ସେହି ଦୃଷ୍ଟିକୋଣରୁ ଯଦି ସରକାର ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରନ୍ତି ତେବେ ଭାଷାର ସଂରକ୍ଷଣ,ପ୍ରଚାର ପ୍ରସାର, ଓ ବିକାଶରେ ଏକ ଦୃଢ଼ଭିତ୍ତି ଭୂମି ସୃଷ୍ଟି ହେବ ବୋଲି କମିଟି ମତ ପ୍ରକାଶ କରିଛି । ବୀର୍ ବିର୍ସା ମୁଣ୍ଡା କମିଟି, ସଙ୍ଗଠନ କର୍ମକର୍ତ୍ତା। ଯୋଗଦେଇଥିଲେ ।ଏହି ପଦଯାତ୍ରାର ଜଟେୟ ସାୟାଏଁ ,ଶୁକୁଲାଲ ପାଲେୟା, ଗମାୟ ରିମିଲ ସିଂ ଗାଇପାଇ, ରାମେଶ୍ବର କଣ୍ଡାଙ୍କେଲ, ପିଣ୍ଟୁ ହେମ୍ବ୍ରମ,ସଞ୍ଜୟ ହେମ୍ବ୍ରମ,କୃଷ୍ଣ ଚନ୍ଦ୍ର କରୁଆ,ଚନ୍ଦ୍ର ମୋହନ ପିଙ୍ଗୁଆ,ତୁରିରାମ୍ ବିରୁଆ ଓ ତୁରାମ୍ ହୋ ସାମିଲ ହୋଇଥିଲେ। ପଦଯାତ୍ରାର ଶେଷଦିନରେ ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାମରାଇ ମୁଣ୍ଡୁଇୟା,ରାଜ୍ୟ ସଭାପତି ବସନ୍ତସିଂ ବୁଲିଉଲି, ସମ୍ପାଦକ ନାରଣ ପୂର୍ତ୍ତି,କୋଷାଧ୍ୟକ୍ଷ କ୍ଷୀରୋଦ ହେମ୍ବ୍ରମ,ସକ୍ରିୟ ଯୁବସଦସ୍ୟ ସାଧୁ ଚରଣ ବିରୁଆ ସାମିଲ ହୋଇଥିଲେ।

# ନଦୀରେ ଭାସି ଶଶୁର ଓ ବୋହୂ ନିଖୋଜ



ଫୁଲବାଣୀ,୨୬।୮(ଆନିସ): କନ୍ଧମାଳ ଜିଲ୍ଲା ଅଞ୍ଚଳ ରେ ସୁଦ୍ଧାକ୍ରିୟାରେ ଯୋଗ ଦେବେ ପାଇଁ ଆସି ନଦୀର ଆର ପାରିରେ ମାମୁଁ ଘରକୁ ବୁଲିବାକୁ ଯାଇ ଫେରିବା ସମୟରେ ଡଙ୍ଗା ବୁଡ଼ିଯିବା ଫଳରେ ଶଶୁର ଗୁନ୍ଦନା ମଳିକ ଓ ବୋହୂ ରାଇଙ୍ଗି ମଳିକ ପାଣି ସ୍ରୋତ ରେ ଭାସି ନିଖୋଜ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଥାନା ଅନ୍ତର୍ଗତ ସଲାଗୁଡ଼ା ପଞ୍ଚାୟତ ଦୁର୍ଗମ ଅଞ୍ଚଳ ଡାକା ଗାଁର ଖଡ଼ଗନଦୀରେ । ସୂଚନା ମୁତାବକ ବାପ ଘର ଡାକା କୁ ଶୁଦ୍ଧକ୍ରିୟାରେ ଯୋଗଦେବା ପାଇଁ ଆସିଥିଲେ । କିନ୍ତୁ ନଦୀ ଆର ପାରିରେ ମାମୁଁ ଘରକୁ ଯାଇ ଅପରାହ୍ନ ସମୟରେ ଡଙ୍ଗା ସାହାଯ୍ୟରେ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଡଙ୍ଗାଟି ବୁଡ଼ି ଯାଇଥିଲା। ଫଳରେ ୬ ଜଣ ଉଦ୍ଧାର ହୋଇଥିବା ବେଳେ ଦୁଇ ଜଣ ପ୍ରଖର ସ୍ରୋତରେ ଭାସି ନିଖୋଜ ହୋଇଛନ୍ତି। ଖବର ପାଇ ବାଲିଗୁଡ଼ା ଅଗ୍ନିଶମ ବାହିନୀ ସନ୍ଧ୍ୟା ସମୟରେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ନିଖୋଜଙ୍କ କୌଣସି ସନ୍ଧାନ ମିଳି ପାରି ନାହିଁ। ଯେହେତୁ ଖଡ଼ଗ ନଦୀର ଜଳସ୍ତର ବୃଦ୍ଧି ସାଙ୍ଗକୁ ସ୍ରୋତ ପ୍ରଖର ଥିବା ଯୋଗୁଁ ଏ ପର୍ଯ୍ୟନ୍ତ ଦୁଇ ନିଖୋଜଙ୍କ ଶରୀର ଉଦ୍ଧାର କାର୍ଯ୍ୟ ଅଗ୍ନିଶମ କର୍ମଚାରୀ ମାନେ ମିଳିବା କଷ୍ଟ ସାଧ୍ୟ ହେଉଛି

# ଉଦୟଗିରିରେ ପ୍ରଫେଟ ମହମ୍ମଦଙ୍କ ଜନ୍ମଜୟନ୍ତୀ ପାଳିତ

ଫୁଲବାଣୀ,୨୬/୦୮ (ଆନିସ): ଆଜି ମହାପୁରୁଷ ମହମ୍ମଦ ସ୍ୱଲେ ଆଲ୍ଲା ଆଲେହି ଓ୍ୱସଲମ ଙ୍କ ଜନ୍ମ ଦିନ ଘୁ ଉଦୟଗିରି ରେ ମହା ଆଡମ୍ବରରେ ପାଳିତ କରାଗଲା। ଜାମା ମସଜିଦ୍ ଠାରୁ ଏକ ଶାନ୍ତି ପଦଯାତ୍ରାରେ ସମସ୍ତ ଇସଲାମ ଧର୍ମୀ ୧୮୦ଜଣ ଅଞ୍ଚଳ ସାସି ବାହାରି ପଠାଣ ସାହିସ୍ଥ ମଦରସା ଏବଂ ପଠାଣ ସାହି ପରିକ୍ରମା କରି ମସଜିଦ ପ୍ରାଙ୍ଗଣରେ ପ୍ରବଚନ ରେ ଅଂଶ ଗ୍ରହଣ କରିଥିଲେ। ପ୍ରବଚ୍ଚନ ଜାମାମସଜିଦର ଇମାମ ଜନାବ ହାମିଦ ରଜା, ପୂର୍ବତନ ଇମାମ, ମହମ୍ମଦ ତାଜମ୍ମୁଲ ହୁସେନ ରିଜଓ୍ୱି ପୂର୍ବତନ ମୌଲବି ଅବଦୁଲ ସତାର ମହାପୁରୁଷ ମହମ୍ମଦ ସ୍ୱଲେ ଆଲ୍ଲା ଆଲେହି ଓ୍ୱସଲମ ଙ୍କ ଜିବନୀ ଏବଂ ବିଶ୍ୱମାନବ ସମାଜ ପ୍ରତି ତାଙ୍କର କର୍ମ ପରାୟଣତା, ସମାଜରୁ ଅନ୍ଧବିଶ୍ୱାସ ବିଷୟରେ ଅବଗତ କରିଥିଲେ, ସେ କହୁଥିଲେ ଦୈନନ୍ଦିନ ମଜୁରୀୟା ର ଦେହରୁ ଝାଳ ସୁଖିବା ପୂର୍ବରୁ ତାର ପ୍ରାପ୍ୟ ମାଲିକ ପୈଠ କରିବା ଉଚିତ। ଜାତିର୍ଧମ ର୍ନିବିଶେଷରେ ନିଜ ନିଜ ଘର ର ଚର୍ତ୍ତୁ ଦିଗରେ ବସବାସ କରୁଥିବା ଘରେ ଚୁଲି ଜଳିଛିନା ନାହିଁ ଏବଂ ସେ ଘରରେ ବସବାସ କରୁଥିବା ଲୋକ ମାନେ ଯେପରି ଭୁକିଲା ନ ରୁହନ୍ତି ତାହା ପ୍ରତ୍ୟେକ ବ୍ୟକ୍ତିଙ୍କ ଦାୟୀତ୍ୱ ଅଟେ ନିଜ ରୋଜଗାରର ୨.୫% ଅର୍ଥ ନିଜ ପରିବାର, କିମ୍ୱା ସାହି ପଡିଶାରେ କିମ୍ୱା ଗାଁ ରେ ଆର୍ଥିକ ଅନଟନ ବ୍ୟକ୍ତିଙ୍କୁ ଅର୍ଥ, ଆବଶ୍ୟକ ଖାଦ୍ୟ ସସ୍ୟ ଦାନ କରି ସେମାନଙ୍କୁ ଆର୍ଥିକ ସ୍ୱଛଳ କରି। ଆମ ମାନଙ୍କ ର କର୍ତ୍ତବ୍ୟ ହେବା ଉଚିତ। ଏହି କାର୍ଯ୍ୟକ୍ରମ କୁ ମସଜିଦ୍ ର ସଭାପତି ମହମ୍ମଦ ଜାମିଲ, ସମ୍ପାଦକ ସୟଦ କରିମ୍, ମହମ୍ମଦ ଗୁଫରାନ, ମହମ୍ମଦ ଇସମାଇଲ, ମହମ୍ମଦ ସଲିମ, ମହମ୍ମଦ ହାମିଦ ରଜା, ଏମ. ଡି ମଜିଦ, ଏଡି. ଇସମାଇଲ, ମହମ୍ମଦ ଆବାସ , ମହମ୍ମଦ ସାକିଲ, ମହମ୍ମଦ ସାବୁଦ୍ଦିନ, ଉପସ୍ଥିତ ଥିଲେ କାର୍ଯ୍ୟକ୍ରମ ଶାନ୍ତିଶଙ୍ଖଳତାର ସହିତ ସମାପ୍ କରିବାରେ ସ୍ଥାନୀୟ ଆଇ ଆଇ ସି ଶ୍ରୀଯୁକ୍ତ ବିଜୟ କୁମାର ଶ୍ୱାଇଁ ,ସେକେଣ୍ଡ ଅଫିସର ଶୁଶ୍ରୀ ଲକ୍ଷ୍ମୀ ମାଝି, ହାବିଲଦାର ଶ୍ରୀ ବିଷ୍ଣୁ ସେଠୀ, ସଂଞ୍ଜୟ ପ୍ରଧାନ, ପବିତ୍ର ଛେତ୍ରୀୟା,, ସୁମା ମଲ୍ଲିକ, ସତ୍ୟାନନ୍ଦ ମଲ୍ଲିକ, ବସନ୍ତ କହଁର ସହଯୋଗ କରିଥିଲେ।

# ବାଲୁଗାଁ ପ୍ରଜାପିତା ବ୍ରହ୍ମାକୁମାରୀ ଶାଖାରେ ରକ୍ଷା ବନ୍ଧନ ଉତ୍ସବ

ଖୋର୍ଦ୍ଧା, ୨୬।୮ (ଆନିସ):ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା



ଅନ୍ତର୍ଗତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଶିବ ଜ୍ୟୋତି ଧାମ,ବାଲୁଗାଁ ଶାଖା ତରଫ ରୁ ବିଶ୍ୱ ଭ୍ରାତୃତ୍ୱ ଦିବସ ତଥା ରକ୍ଷା ବନ୍ଧନ ପର୍ବ ପାଳିତ ହୋଇଯାଇଛି । ଆଜିର ଦିନ ରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମାଉଣ୍ଟ ଆବୁ ସ୍ଥିତ ମୁଖ୍ୟାଳୟ ର ପୂର୍ବ ମୁଖ୍ୟ ପ୍ରଶାସିକା ବି. କେ. ପ୍ରକାଶମଣି ଦାଦି ଙ୍କ ୧୯ ତମ ସ୍ମୃତି ଦିସ ପାଳନ ଅବସର ରେ ଏକ ଅଧ୍ୟାତ୍ମିକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯକ୍ରମ ରେ ଅଞ୍ଚଳ ର ଖ୍ୟାତିନାମା ଆଇନଜୀବୀ ତଥା ସମାଜସେବୀ ଶ୍ରୀଯୁକ୍ତ ଜଗନ୍ନାଥ ଭୋଳ ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂସାର ରେ ପିତା ମାତା ଙ୍କ ମୂଲ୍ୟ ବୋଧ ଉପରେ ଆଲୋକପାତ କରି ବହୁ ଉପାଦେୟ ମନ୍ତବ୍ୟ ରଖିବା ସହ ଜୀବନ ରେ ଶାନ୍ତି, ପ୍ରେମ , ମୈତ୍ରୀ ଭାବ କୁ ଗୁରୁତ୍ୱ ଦେଇ ସତ୍ କର୍ମ ରେ ନିୟୋଜିତ ରହିବା ପାଇଁ ଦିଗର୍ଶନ ଦେଇଥିଲେ ।

ସେହିଭଳି ସମ୍ମାନିତ ଅତିଥି ଭାବେ ଅଞ୍ଚଳ ର ସୁନାମଧନ୍ୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଭାଗିରଥୀ ସ୍ବାଇଁ ମହୋଦୟ ଏବଂ ଚିଲିକା ପଞ୍ଚାୟତ ସମିତି ବି. ଏଲ. ଏଫ୍ ଶ୍ରୀମତୀ ସନ୍ତୋଷୀ ବିଶ୍ୱାଳ ମହୋଦୟା ପ୍ରମୂଖ ଯୋଗ ଦେଇ ନିଜ ନିଜର ବହୁ ମୂଲ୍ୟ ମନ୍ତବ୍ୟ ରଖିଥିଲେ। କାର୍ଯକ୍ରମ ରେ ବାଲୁଗାଁ ବ୍ରହ୍ମା କୁମାରୀ ଆଶ୍ରମ ର ବଡ଼ ଭଉଣୀ ବି.କେ ସରିତା ପ୍ରକାଶମଣି ଦାଦୀ ଙ୍କ ଜୀବନୀ ଉପରେ ବହୁ ଉପାଦେୟ ମନ୍ତବ୍ୟ ରଖିଥିଲେ। ଆଶ୍ରମ ର ଭଉଣୀ ବି.କେ ଲତା, ଏବଂ ଭାଇ ବି.କେ ଯୁଧିଷ୍ଠିର ଏବଂ ଭାଇ ସୁରେନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷ ରେ ସମସ୍ତ ଭାଇ ଭଉଣୀ ଏବଂ ଶ୍ରଦ୍ଧାଳୁ ରକ୍ଷା ବନ୍ଧନ ଉତ୍ସବ ରେ ସାମିଲ ହୋଇ ବେଶ୍ ଆନନ୍ଦ ଅନୁଭବ କରିଥିଲେ।

# ସିଂହପୁରରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜନ୍ମଜୟନ୍ତୀ ପାଳିତ



ଯାଜପୁର, ୨୬।୮(ଆନିସ) ଯାଜପୁର ଜିଲ୍ଲାର ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ବିଜେପି କାର୍ଯ୍ୟାଳୟରେ ମଙ୍ଗଳବାର ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଦଳୀୟ ନେତା ଓ କର୍ମୀମାନେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କ ଆଦର୍ଶ ଓ ଚିନ୍ତାଧାରାକୁ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଂଝାରପୁର ମଣ୍ଡଳ ସଂଯୋଜକ ନିରଞ୍ଜନ ବେଉରିଆ, ସାଂସଦ ପ୍ରତିନିଧି ପୁରୁଷୋତ୍ତମ ବେହେରା, ରବିନ୍ଦ୍ର ବେଉରିଆ, ଶଶଧର ଏବଂ ମଣ୍ଡଳ ସଭାପତି ଶ୍ରୀଧର ଜେନାଙ୍କ ସମେତ ଦଳର ଅନେକ କର୍ମୀ ଉପସ୍ଥିତ ରହିଥିଲେ। ଉପସ୍ଥିତ ନେତାମାନେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୀବନୀ, ତ୍ୟାଗ, ବଳିଦାନ ଓ ସମାଜ ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଭାରତୀୟ ରାଜନୈତିକ ଚିନ୍ତାଧାରାର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ। ସେ 'ଏକାତ୍ମ ମାନବବାଦ' ଚିନ୍ତାଧାରା ମାଧ୍ୟମରେ ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ କଲ୍ୟାଣ ଓ ସମାଜର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ତାଙ୍କ ସରଳ ଜୀବନ, ନିଷ୍ଠା, ତ୍ୟାଗ ଓ ଦେଶସେବାର ଆଦର୍ଶ ଆଜି ମଧ୍ୟ ଅନେକଙ୍କୁ ପ୍ରେରଣା ଯୋଗାଇଥାଏ। କାର୍ଯ୍ୟକ୍ରମରେ ତାଙ୍କ ଆଦର୍ଶକୁ ଅନୁସରଣ କରି ସମାଜର ଦୁର୍ବଳ ଓ ଅବହେଳିତ ବର୍ଗଙ୍କ ଉନ୍ନତି ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଉପସ୍ଥିତ ନେତା ଓ କର୍ମୀମାନେ ଆହ୍ୱାନ ଦେଇଥିଲେ। ଶେଷରେ ଦେଶ ଓ ସମାଜ ପ୍ରତି ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା।

# ଯାଜପୁର ପୌର ଦଖଲ ଲକ୍ଷ୍ୟରେ ବିଜେପି: ମଇଦାନକୁ ଓ୍ୱାଇଲେ ସଂଗ୍ରାମ-ଅବିନାଶ!

ଯାଜପୁର ୨୬।୮(ଆନିସ): ଯାଜପୁର ପୌରପାଳିକା ଅଞ୍ଚଳରେ ବିଜେପିର ସାଂଗଠନିକ ରାଜନୀତିକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଯାଜପୁର ପୌରପାଳିକାର ୬ ନମ୍ବର ୱାର୍ଡସ୍ଥିତ ଆର ଆର ଆର ଭେନ୍ୟୁରେ ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅବିନାଶ ନାୟକଙ୍କ ନେତୃତ୍ୱରେ ଆୟୋଜିତ ସ୍ୱାଗତ ସମାରୋହରେ ୩୦୦ରୁ ଉର୍ଦ୍ଧ୍ୱ ଦଳୀୟ କର୍ଯ୍ୟକର୍ତ୍ତା, ନେତା ଓ ବିଭିନ୍ନ ବର୍ଗର କର୍ମୀ ଯୋଗଦେଇ ବିଜେପି ନେତା ସଂଗ୍ରାମ କେଶରୀ ପାତ୍ରଙ୍କୁ ସ୍ୱାଗତ କରିଥିଲେ।

ବିଶେଷକରି ଏହି ବିଶାଳ ସମାଗମ ଯାଜପୁର ନଗର ବିଜେପିର ଆଗାମୀ ରାଜନୀତିକ ଦିଗକୁ ନେଇ ଚର୍ଚ୍ଚାକୁ ତୀବ୍ର କରିଛି। ଦଳର ବିଭିନ୍ନ ବର୍ଗର କର୍ମୀଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ କେବଳ ସ୍ୱାଗତ ସମାରୋହରେ ସୀମିତ ରଖିନଥିବା ବେଳେ ଏହାକୁ ଏକ ପ୍ରକାର ରାଜନୀତିକ ଶକ୍ତି ପ୍ରଦର୍ଶନ ଭାବେ ମଧ୍ୟ ଦେଖାଯାଉଛି।

କାର୍ଯ୍ୟକ୍ରମରେ ଯାଜପୁର ନଗର ବିଜେପିର ସାଂଗଠନିକ ଗତିଶୀଳତାକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା। କିଛି କର୍ମୀଙ୍କ ମତରେ, ଗତ କିଛି ସମୟ ଧରି ନଗର ସଂଗଠନରେ ନେତୃତ୍ୱର ଅଭାବ ଓ କାର୍ଯ୍ୟକ୍ରମର ନିଷ୍କ୍ରିୟତା ଯୋଗୁଁ ଅନେକ କର୍ମୀ ନିଜକୁ ମୁରବିଶୂନ୍ୟ ଭଳି ଅନୁଭବ କରୁଥିଲେ। ତେବେ ଏବେ ନୂଆ ନେତୃତ୍ୱ ଓ ସକ୍ରିୟ ସାଂଗଠନିକ ପ୍ରୟାସ ମାଧ୍ୟମରେ ନଗର ବିଜେପିକୁ ଅଧିକ ସୁଦୃଢ଼ କରିବାର ଆଶା କର୍ମୀଙ୍କ ମଧ୍ୟରେ ଦେଖାଦେଇଛି। ଏହି ଅବସରରେ ସଂଗ୍ରାମ କେଶରୀ ପାତ୍ର ନିଜ ଅଭିଭାଷଣରେ ଦଳୀୟ କର୍ମୀଙ୍କୁ ଏକଜୁଟ ହୋଇ ସଂଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ଯାଜପୁର ନଗରରେ ବିଜେପିକୁ ଏକ ଶକ୍ତିଶାଳୀ ବିକଳ୍ପ



ଭାବେ ଗଢ଼ି ତୋଳିବା ପାଇଁ କର୍ମୀଙ୍କ ସହ ସେ ସବୁବେଳେ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଅନ୍ୟପଟେ, ଯାଜପୁରର ରାଜନୀତିରେ ଦୀର୍ଘ ସମୟ ଧରି ପ୍ରଭାବଶାଳୀ ରହିଥିବା ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ ରାଜନୀତିକ ପ୍ରଭାବକୁ ନେଇ ମଧ୍ୟ ସଂଗ୍ରାମ ପାତ୍ର ନିଜ ଅଭିଭାଷଣରେ ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିଲେ। ଯେତେବେଳେ ଅନେକ ନେତା ପ୍ରଣବ ପ୍ରକାଶ ଦାସଙ୍କ ବିରୋଧରେ ରାଜନୀତିକ ଭାବେ ମୁହାଁମୁହିଁ ହେବାକୁ ସାହସ ଜୁଟାଇ ପାରୁନଥିଲେ, ସେତେବେଳେ ସଂଗ୍ରାମ ପାତ୍ର ଖୋଲାଖୋଲି ରାଜନୀତିକ ଲଢ଼େଇର ଆହ୍ୱାନ ଦେଇଥିଲେ ବୋଲି କର୍ମୀମାନେ କହିଛନ୍ତି। ସଂଗ୍ରାମ ପାତ୍ରଙ୍କ ଏହି ଆକ୍ରମଣାତ୍ମକ ରାଜନୀତିକ ଆଭିମୁଖ୍ୟ ସହ ଅବିନାଶ ନାୟକଙ୍କ ସାଂଗଠନିକ ନେତୃତ୍ୱର ସମନ୍ୱୟ ଯାଜପୁର ନଗର ବିଜେପିକୁ ଆଗାମୀ ଦିନରେ ଏକ ନୂଆ ଦିଗ ଦେଇପାରେ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି। ବିଶେଷକରି ଆଗାମୀ ପୌର ରାଜନୀତିକୁ ନେଇ ଏହି ନୂଆ ସମୀକରଣ ଗୁରୁତ୍ୱ ବହନ କରୁଛି। ଯାଜପୁର ପୌରପାଳିକାରେ ବିଜେପି ନିଜର ସଂଗଠନକୁ ତଳସ୍ତରରୁ ମଜବୁତ କରିପାରିଲେ ଆଗାମୀ ଦିନରେ ଶାସନ ଦଖଲ ପାଇଁ ଦଳ ଦୃଢ଼ ଦାବିଦାର ହୋଇପାରେ ବୋଲି ସମାବେଶରେ ଉପସ୍ଥିତ କର୍ମୀମାନେ ଆଶା ପ୍ରକାଶ କରିଛନ୍ତି।୩୦୦ରୁ ଉର୍ଦ୍ଧ୍ୱ କର୍ମୀଙ୍କ ଉପସ୍ଥିତି, ନେତୃତ୍ୱ ପ୍ରତି ସମର୍ଥନ ଓ ଆଗାମୀ ଦିନରେ ସଂଗଠନକୁ ଅଧିକ ସକ୍ରିୟ କରିବାର ଆହ୍ୱାନଏସବୁକୁ ମିଶାଇ ଦେଖିଲେ ଯାଜପୁର ନଗର ବିଜେପିରେ ଏକ ନୂଆ ରାଜନୀତିକ ଅଧ୍ୟାୟର ସଙ୍କେତ ମିଳୁଛି। ଏବେ ଏହି ନୂଆ ନେତୃତ୍ୱ କେତେଦୂର ତୃଣମୂଳସ୍ତରରେ ସଂଗଠନକୁ ସକ୍ରିୟ କରିପାରୁଛି ଏବଂ ପୌର ରାଜନୀତିରେ ବିଜେପି କେତେ ଦୃଢ଼ ଚ୍ୟାଲେଞ୍ଜ ଦେଇପାରୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

# ରାଇରଙ୍ଗପୁରରେ କୁଡୁମୀ ସେନାର କଳା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ରାଇରଙ୍ଗପୁର, ୨୬।୮ (ଆନିସ): ରାଇରଙ୍ଗପୁରସ୍ଥ ପିସିଏମ୍ କଲ୍ୟାଣ ମଣ୍ଡପଠାରେ ଓଡିଶା କୁଡୁମୀ ସେନାର ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତଙ୍କ ନେତୃତ୍ୱରେ ଓଡିଶା କୁଡୁମୀ ସେନାର କଳା ଦିବସ ପାଳନ ନେଇ ସାମ୍ବାଦିକ ସମ୍ମିଳନୀ ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୫୦ ମସିହା ସେପ୍ଟେମ୍ବର ୬ ରେ ସେତେବେଳର କେନ୍ଦ୍ର ସରକାର କୌଣସି କାରଣ ନ ଥାଇ ଚକ୍ରାନ୍ତ କରି କୁଡୁମୀ ଜାତି କୁ ଏସ.ଟି ତାଲିକାରୁ ବାଦ ଦେଇଛନ୍ତି ଉକ୍ତ ଦିନଟି କୁଡୁମି ଜାତି ପାଇଁ ଅଭିଶାପ ତଥା ଅନ୍ୟାୟର ଦିନ ବୋଲି କହି ସେପ୍ଟେମ୍ବର ୬ କୁ କଳା ଦିବସ ରୂପେ କୁଡୁମୀ ଜାତି ପାଳନ କରି ଆସୁଛି । କୁଡୁମୀ ଜାତି କୁ ପୁନଃ ଏସ. ଟି ବର୍ଗରେ ସାମିଲ କରିବା ପାଇଁ ଓଡିଶା କୁଡୁମୀ ସେନା ଜାରି ରଖିଥିବା ସଂଗ୍ରାମ ବର୍ତ୍ତମାନ ଏକ ନିର୍ଣ୍ଣାୟକ ମୋଡ଼ରେ ଆସି ପହଞ୍ଚିଛି ବୋଲି ବୈଠକରେ




ଆଲୋଚନା ହୋଇଥିଲା । ଓଡିଶା କୁଡୁମୀ ସେନା ବିଭିନ୍ନ ସମୟରେ ଜାତିର ମୌଳିକ ଅଧିକାର ଓ ହକ ପାଇଁ ଲଢେଇ କରି ଆସୁଛି, ସଡକରୁ ସଂସଦ ପର୍ଯ୍ୟନ୍ତ, ପଲ୍ଲୀ ରୁ ଦିଲ୍ଲୀ ପର୍ଯ୍ୟନ୍ତ, ରାସ୍ତା ରୋକ ଠାରୁ ମୁଖ୍ୟମନ୍ତ୍ରୀ ନିବାସ ଘେରାଉ ପର୍ଯ୍ୟନ୍ତ, ବୃକ୍ଷ ରୋପଣ ଠାରୁ ରକ୍ତଦାନ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମଠାରୁ ଜାତ ଜଳନ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରିଆସୁଛି ବୋଲି ଉପସ୍ଥିତ କୁଡୁମୀ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ମାନେ ମତ ରଖିଥିଲେ। କୁଡୁମୀ ଜାତିକୁ ପୁନଃ ଅନୁସୂଚିତ ଜନଜାତିରେ ସାମିଲ କରାଯାଉ,କୁଡୁମାଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦ ରେ ସାମିଲ କରାଯାଉ,କୁଡୁମୀ ଜାତିର ବିକାଶ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଉ । କୁଡୁମୀ ଜାତିର ସମସ୍ତ ଭାଇ ଭଉଣୀ ମାନଙ୍କୁ ଅନୁରୋଧ ଆସନ୍ତା ସେପ୍ଟେମ୍ବର ୦୬ ତାରିଖ ଦିଲ୍ଲୀ ଯନ୍ତର ମନ୍ତର ରେ ହେବାକୁ ଥିବା କଳା ଦିବସ ରେ ଯୋଗଦାନ କରି ଏ ଜାତିର ଏକତା ବଜାଇ ରଖିବେ ଏବଂ ସରକାରଙ୍କ ସହ ନିଜର ହକ ଲଢେଇରେ ନିଜକୁ ସାମିଲ କରିବା ନେଇ ମୁଖ୍ୟ ଦାବୀ ଗୁଡ଼ିକ ରହିଥିଲା। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଦିବ୍ୟ ସିଂହ ମହାନ୍ତ, ରାଜ୍ୟ ସମ୍ପାଦକ, ଲାଲମୋହନ ମହାନ୍ତ, ଜିଲ୍ଲା ସଭାପତି ଫନ୍ଦୁସ ମହାନ୍ତ, ସମ୍ପାଦକ ତରଣୀସେନ ମହାନ୍ତ, ମହିଳା ସଭାନେତ୍ରୀ ପୂର୍ଣ୍ଣିମା ମହାନ୍ତ, ବାମନଘାଟି ସଭାନେତ୍ରୀ ପ୍ରତିଭା ମହାନ୍ତ, ରାଇରଙ୍ଗପୁର ମ୍ୟୁନିସିପାଲିଟି ସଭାନେତ୍ରୀ ଗୀତାରାଣୀ ମହାନ୍ତ ବିଶୋଇ ବ୍ଲକ ସଭାନେତ୍ରୀ ଆରତୀ ମହାନ୍ତ,କୁସୁମୀ ବ୍ଲକ ସଭାପତି ରୁଦ୍ର ମାଧବ ମହାନ୍ତ, ଛାତ୍ର ସଭାପତି ଚିନ୍ମୟ ମହାନ୍ତ, ଯୁବ ନେତା ଅରୁଣ କୁମାର ମହାନ୍ତ ଯଶିପୁର ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ସାଇବର ସୁରକ୍ଷା ଉପରେ ଆଲୋଚନାଚକ୍ର

## ସାଇବର ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏବଂ ଅନଲାଇନ୍ ଠକେଇରୁ ନିଜକୁ ସୁରକ୍ଷିତ ରହିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ

ସାରସକଣା, ୨୬।୮ (ଆନିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ଗୁଡ଼ିକରେ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅଧିନସ୍ଥ ରାଜାଲୋକା ଉଚ୍ଚ ବିଦ୍ୟାଳୟ ସଭାଗୃହ ପରିସରରେ ସାଇବର ସୁରକ୍ଷା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଝାରପୋଖରିଆ ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହଚାର୍ଯ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧ, ଅନଲାଇନ୍ ଠକେଇ, ଭୁଲ ଲିଙ୍କ୍, ଓଟିପି ଏବଂ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଏଥିସହିତ



କୌଣସି ଅଜଣା ବ୍ୟକ୍ତିଙ୍କ ଫୋନ୍, ସନ୍ଦେହଜନକ ମେସେଜ୍ କିମ୍ବା ଲିଙ୍କ୍ ପ୍ରତି ସତର୍କ ରହିବା ଏବଂ କୌଣସି ପରିସ୍ଥିତିରେ ଓଟିପି, ପାସୱାର୍ଡ ଓ ବ୍ୟାଙ୍କ ସମ୍ବନ୍ଧୀୟ ଗୋପନୀୟ ତଥ୍ୟ ଅନ୍ୟକୁ ନଦେବାକୁ ସେ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏବଂ ଡିଜିଟାଲ୍ ଯୁଗରେ ଅନଲାଇନ୍ ଠକେଇରୁ ନିଜକୁ ସୁରକ୍ଷିତ ରଖିବା ଏହି ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉକ୍ତ ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଙ୍କ ସହ ଅଧ୍ୟକ୍ଷ ମୁରାରୀ ମୋହନ ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସିଂ, ବରିଷ୍ଠ ଶିକ୍ଷକ ଶାନ୍ତନୁ କୁମାର ଦତ୍ତଙ୍କ ସହିତ ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ସମ୍ବଲପୁରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ସମ୍ବଲପୁରୀ ରାକ୍ଷୀ ଷ୍ଟଲ୍



ସମ୍ବଲପୁର: ୨୬।୦୮, (ଆନିସ): ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସମ୍ବଲପୁର ସହରର ପୀର ବାବା ଚୌକ ଏବଂ ଜିଲ୍ଲା ପରିଷଦ କାର୍ଯାଳୟ ଠାରେ ସ୍ୱତନ୍ତ୍ର ରାକ୍ଷୀ ଷ୍ଟଲ୍ ର ଆୟୋଜନ କରାଯାଇଛି। ସମ୍ବଲପୁର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ରଙ୍କ ଦ୍ୱାରା ଏହି ଷ୍ଟଲ୍ ଉଦଘାଟିତ ହୋଇଯାଇଛି। ଏହି ଷ୍ଟଲ୍‌ରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀ ର ମହିଳା ସଦସ୍ୟାମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହାତତିଆରି ସୁନ୍ଦର ସମ୍ବଲପୁରୀ ବସ୍ତ୍ରର ରାକ୍ଷୀ ତଥା ବିଭିନ୍ନ ପ୍ରକାରର ଫ୍ୟାନ୍ସି ରାକ୍ଷୀ ପ୍ରଦର୍ଶିତ ଏବଂ ବିକ୍ରି କରାଯାଉଛି। ସମ୍ବଲପୁର ଜିଲ୍ଲା ପ୍ରଶାସନର ସକ୍ରିୟ ସହଯୋଗରେ ଏବଂ ଓରମାସର ପରିଚାଳନାରେ ଏହି ମହତ ପ୍ରୟାସ ଆରମ୍ଭ କରାଯାଇଛି।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ଶରୀରଂ ଆଦ୍ୟଂ ନା ସୁସ୍ୱାଦୁ ଖାଦ୍ୟଂ

ଆଜିର ଯୁଗରେ ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ଘରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଅପେକ୍ଷା ଅଧିକ ପସନ୍ଦ କରିଥାନ୍ତି ଚଟାପଟ୍ ଖାଦ୍ୟ ( ଫାଷ୍ଟ ଫୁଡ୍, ପ୍ରୋସେସଡ୍ ଫୁଡ୍, ଜଙ୍କ୍ ଫୁଡ୍ ଇତ୍ୟାଦି ) । ବେଳେ ବେଳେ ଆମେ ସମସ୍ତେ ସମୟ ଅଭାବରୁ ହୁଏ ତ ଏପରି ପସନ୍ଦ କରିବାକୁ ଏକ ପ୍ରକାର ବାଧ ହୋଇଥାଉ । କିନ୍ତୁ ସମୟ ଅଭାବ ନ ଥିଲେ ମଧ୍ୟ ଫାଷ୍ଟ ଫୁଡ୍ ଗୁଡ଼ିକ ସାଧାରଣତଃ ଅତି ଶୀଘ୍ର ଓ ଅତୀବ ସୁସ୍ୱାଦୁ ହେତୁ ଆମେ ସେ ସବୁକୁ ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ତା ପ୍ରତି ମନ ବଳାଇ ଥାଉ । କିନ୍ତୁ ତାର ଆମ ମନ ଓ ଶରୀର ଉପରେ ପ୍ରଭାବ ବିଷୟରେ ଆମେ କେବେ ଚିନ୍ତା ବି କରି ନ ଥାଉ । କିନ୍ତୁ ପ୍ରତି ଏକ ସର୍ଭିଂ ( ଥରେ ମାତ୍ର ପରଷା ଯାଇଥିବା ଖାଦ୍ୟ ) ରୁ ଆମେ କେତେ 'ମିନିଟ୍ ଜୀବନ ସମୟ ଲାଭ କରୁଛେ ଅବା ହରାଉଛେ ' ସନ୍ଦର୍ଭରେ ମିଚିଗାନ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଲବ୍ଧ ତଥ୍ୟ ନିକଟ ଅତୀତରେ ପ୍ରକାଶ ପାଇଛି। ସେଥିରେ ବର୍ଣ୍ଣିତ ଯେ ଆଧୁନିକ ଜୀବନଶୈଳୀରେ ଆମର ଖାଦ୍ୟାଭ୍ୟାସ , ସ୍ୱାସ୍ଥ୍ୟ ସହ ଗଭୀର ସମ୍ପର୍କ ରଖେ। ଖାସ୍ କରି ପ୍ରସ୍ତୁତ (ପ୍ରୋସେସଡ୍ ଫୁଡ୍ ) ଖାଦ୍ୟ, ଫାଷ୍ଟ ଫୁଡ୍ ଓ ଅଧିକ ସ୍ୱାଦିଷ୍ଟ ହେଉଥିବା ସତ୍ତ୍ୱେ ପୌଷ୍ଟିକ ତତ୍ତ୍ୱ ବିହୀନ ଖାଦ୍ୟଦ୍ରବ୍ୟମାନ ଦୀର୍ଘକାଳରେ ଶରୀରକୁ ବିଭିନ୍ନ ବିପଦରେ ପକାଉଛନ୍ତି । ଏହି ବାସ୍ତବତାକୁ ଅଧିକ ବୈଜ୍ଞାନିକ ତଥା ପରିସଂଖ୍ୟାନାତ୍ମକ ଭାବରେ ବିଶ୍ଳେଷଣ କରିବା ପାଇଁ ଉକ୍ତ ଗବେଷକମାନେ ଏକ ନୂତନ ଅଧ୍ୟୟନ କରିଥିଲେ । ଏହି ଗବେଷଣାର ମୁଖ୍ୟ ଲକ୍ଷ୍ୟ ଥିଲା କେଉଁ ଖାଦ୍ୟ ଆମର ଜୀବନକୁ କେତେ 'ମିନିଟ୍' କମାଏ କିମ୍ବା ବଢ଼ାଏ ।

ଏହି ଗବେଷକ ଦଳ ନାମକ ଏକ ସୂଚକ ବ୍ୟବହାର କରି ମାନବ ଶରୀରରେ ଖାଦ୍ୟର ପ୍ରଭାବକୁ 'ମିନିଟ୍‌ରେ' ମାପିବା ନିମନ୍ତେ କରିଛନ୍ତି ଏକ ନୂତନ ପ୍ରୟାସ । ଏହା ମୂଳତଃ ବିଶ୍ୱ ଇପିଡେମିଓଲୋଜି (ସଂକ୍ରାମକ ରୋଗ ବିଜ୍ଞାନ/ ବହୁଜନ ବ୍ୟାପି ବ୍ୟାଧି ଓ ତା ର ନିୟନ୍ତ୍ରଣ ବିଦ୍ୟା ) ଏହାର ସଂକ୍ଷିପ୍ତ ତଥ୍ୟ, ରୋଗ ହେବା ସମ୍ଭାବନା, ଖାଦ୍ୟର ପୋଷକମୂଲ୍ୟ ଓ ଖାଦ୍ୟର ପ୍ରସ୍ତୁତିକରଣ ଭଳି ଅନେକ କାରଣକୁ ଏକତ୍ର କରି ବିଶ୍ଳେଷଣ କରେ । ଅନେକ ପ୍ରକାରର ଖାଦ୍ୟ ଉପରେ ଏହି ଗବେଷଣା କରାଯାଇଥିଲା ।

ଏହି ମଡେଲ୍ ଏକ ସର୍ଭିଂ ଖାଦ୍ୟ ଖାଇବାରୁ ଶରୀରକୁ ମିଳୁଥିବା ଲାଭ ଓ ହାନିକୁ ଗଣନା କରି ଶେଷରେ ଦେଖାଇ ଦେଇଛି

କେଉଁ ଖାଦ୍ୟ ଖାଇବା ଫଳରେ ଜଣେ ବ୍ୟକ୍ତିର ଜୀବନ ଅବଧି କେତେ ମିନିଟ୍ ଜୀବନ କାଳ ବଢ଼ୁଛି

ଅଥବା କେତେ ମିନିଟ୍ କମୁଛି । ଏହି ଗବେଷଣାର ଅନେକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ମଧ୍ୟ ଜଣାପଡିଛି । ଯଥା: କ) ହଟ୍ ଡଗ୍ ଏବଂ ପ୍ରସ୍ତୁତ ମାଂସ ମାନବ ଜୀବନରୁ ସର୍ଭିଂ ପିଛା ପ୍ରାୟ ୩୬ ମିନିଟ୍ କମାଇଦିଏ ( ହ୍ରାସ କରେ ) । ଏହାର କାରଣ: ଅତ୍ୟଧିକ ସୋଡିଅମ୍ , ମନୋସୋଡିୟମ୍ ଗ୍ଲୁଟାମେଟ୍ , ଟ୍ରାନ୍ସଫ୍ୟାଟ୍ ଓ ସାଚୁରେଟେଡ୍ ଫ୍ୟାଟ୍ ଡାଇବେଟିସ , କ୍ୟାନ୍ସର ଓ ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ମାରାତ୍ମକ ରୋଗ ସୃଷ୍ଟି କରିବା ସମ୍ଭାବନା ବଢ଼ାଇବାରେ ସାହାଯ୍ୟ କରେ । ଖ) ଚିକେନ, ରେଡ୍ ମିଟ୍, ଚିପ୍ସ ଏବଂ ଫାଷ୍ଟ ଫୁଡ୍ ଜୀବନର ଅବଧି/ ସମୟରେ ଅଳ୍ପ ଠାରୁ ମଧ୍ୟମ ହାନି କରନ୍ତି। ଅଧିକ ତେଲରେ ଭଜା ,ଅଧିକ ଲୁଣ , ଅଧିକ କ୍ୟାଲୋରୀ ଏସବୁ କାରଣରୁ ସର୍ଭିଂ ପିଛା ୧ ଠାରୁ ୧୦ ମିନିଟ୍ ପର୍ଯ୍ୟନ୍ତ ଜୀବନସମୟ କମାଇ ଥାଏ। ଗ) ସବୁଜ ପନିପରିବା , ଫଳ, ନଟ୍ସ ଏବଂ ସମ୍ପୂର୍ଣ୍ଣ ଶସ୍ୟ ଏହି ଶ୍ରେଣୀର ଖାଦ୍ୟ ବିପରୀତ କ୍ରମେ ଜୀବନ ଅବଧି ବଢ଼ାଇଥାଏ । ଉଦାହରଣସ୍ୱରୂପ: ଫଳ ଓ ସବୁଜ ଶାଗ ୧୦ ଠାରୁ ୨୦ ମିନିଟ୍ ଜୀବନ କାଳ ବଢ଼ାଇଥାଏ ।ଏହାର କାରଣ ହେଉଛି ଏଗୁଡିକ ଆଣ୍ଟି ଅକ୍ସିଡେଣ୍ଟ ( ପ୍ରତିଜାରକ ) , ଫାଇବର୍ , ଭିଟାମିନ୍ ଓ ଖଣିଜ ଲବଣ ଆଦିରେ ଭରପୂର ଥିବା ହେତୁ ହୃଦ୍ ସ୍ୱାସ୍ଥ୍ୟ ଓ ପାଚନକ୍ରିୟାରେ ସୁଧାର ଆଣିବା ନିମନ୍ତେ ସାହାଯ୍ୟ କରନ୍ତି । ଏହି ଗବେଷଣାର ଉଦ୍ଦେଶ୍ୟ ଲୋକମାନଙ୍କୁ ଭୟଭୀତ କରିବା ନୁହେଁ, ବରଂ ସଚେତନ କରିବା।

ଯଦି ପ୍ରତିଦିନ ଆମେ ଏକାଧିକ ପୁଷ୍ଟିହୀନ ସର୍ଭିଂ ଖାଉଛୁ, ତାହେଲେ ଏହା କିଛି ମିନିଟ୍ , କିଛି ଘଣ୍ଟା, କିଛି ଦିନ, ଏବଂ ଦୀର୍ଘକାଳରେ ଜୀବନସମୟ ( ) କୁ ଗଭୀର ପ୍ରଭାବିତ କରେ।

ଉକ୍ତ ଗବେଷଣା କହେ: ୧୦୦ କ୍ୟାଲୋରି ବିଶିଷ୍ଟ ହଟ୍ ଡଗ୍ ଖାଇବା ଫଳରେ ଜୀବନରୁ ୩୬ ମିନିଟ୍ ସମୟ କମିଯାଏ । କିନ୍ତୁ ୧୦୦ କ୍ୟାଲୋରି ନଟ୍ସ ( ଚଣା ) ଖାଇବା ଦ୍ୱାରା ଜୀବନ କାଳରେ ୨୫ ମିନିଟ୍ ବଢ଼େ । ସେହିପରି ମୃଦୁ ପାନୀୟ ୧୨ ମିନିଟ୍, ସ୍ୟାଣ୍ଡ୍ ଉଇଚ୍ ୧୩ ମିନିଟ୍, ବର୍ଗର୍ ୯ ମିନିଟ୍ କମ୍ କରିଦିଏ। କୌତୁହଳର ବିଷୟ ଏହି ଯେ ପ୍ରୋସେସଡ୍ ମାଛ ୨୮ ମିନିଟ୍ କମ୍ କରୁଥିବା ବେଳେ ସାଧାରଣ ମାଛ ତରକାରୀ ଜୀବନ କାଳରେ ୩୨ ମିନିଟ୍ ବୃଦ୍ଧି କରିପାରେ।

ଏହାର ଗବେଷକମାନଙ୍କ ମତାନୁସାରେ, ଆମେ ସମ୍ପୂର୍ଣ୍ଣ ଫାଷ୍ଟ ଫୁଡ୍ ବନ୍ଦ କରିବାକୁ ପଡ଼ିବ ନାହିଁ, କିନ୍ତୁ: ପ୍ରତି ଦିନ ଅଧିକ ପୌଷ୍ଟିକ ଖାଦ୍ୟ ଗ୍ରହଣର ମାତ୍ରା ବଢ଼ାଇବା , ପ୍ରସ୍ତୁତ ମାଂସ, ହଟ୍ ଡଗ୍, ଚିପ୍ସ ଓ ଫାଷ୍ଟ ଫୁଡ୍ ଖାଇବା ଯଥା ସମ୍ଭବ କମ୍ କରିବା , ନଟ୍ସ, ଫଳ, ସବୁଜ ସବ୍ ଓ ସମ୍ପୂର୍ଣ୍ଣ ଶସ୍ୟ ଭଳି ଖାଦ୍ୟକୁ ନିଜ ଆହାର ତାଲିକାରେ ଯୋଗ କରିବା । କାରଣ ଏହା ଆମର ଦୀର୍ଘକାଳୀନ ସ୍ୱାସ୍ଥ୍ୟକୁ ବହୁତ ସୁଧାରେ।

ଅତଏବ ଏହି ଗବେଷଣାର ନିଷ୍କର୍ଷ ଆମକୁ ଏହି ଶିକ୍ଷା ଦିଏ ଯେ ଆମର ଏକ ଛୋଟିଆ ଖାଦ୍ୟ ପସନ୍ଦ ମଧ୍ୟ ଦୀର୍ଘକାଳରେ ଜୀବନର ସ୍ଥାୟୀତ୍ୱକୁ ଚରମ ଭାବେ ପ୍ରଭାବିତ କରିପାରେ । ଯେପରିକି ଜଙ୍କଫୁଡ୍ କମ୍ କରିବା ଓ ପୌଷ୍ଟିକ ତତ୍ତ୍ୱ ଯୁକ୍ତ ଖାଦ୍ୟର ମାତ୍ରା ବଢ଼ାଇବା ଫଳରେ ଏହା ଆମର ସ୍ୱାସ୍ଥ୍ୟରେ ସୁଧାର ଆଣି ପାରିବ। ଏହି ଗବେଷଣା ଆମକୁ ଆହାର ସମ୍ପର୍କରେ ଏକ ସଚେତନତା ଭରା ପସନ୍ଦ ଯୋଗ୍ୟ ଖାଦ୍ୟଟିଏ ଚୟନ କରିବାକୁ ଉତ୍ସାହିତ କରେ। ଏହା ସହିତ ଶାରୀରିକ ପରିଶ୍ରମ ଓ ଉତ୍ତମ ମାନସିକ ସ୍ୱାସ୍ଥ୍ୟ ଆମକୁ ନୀରୋଗ ତଥା ଦୀର୍ଘଜୀବି କରାଇପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବିଜ୍ଞାନୀମାନେ ମତ ପୋଷଣ କରିଛନ୍ତି। ଅତଏବ ଆମ ସାମ୍ନାରେ ଦୁଇଟି ମାତ୍ର ବିକଳ୍ପ, ଶରୀରଂ ଆଦ୍ୟଂ ଅଥବା ସୁସ୍ୱାଦୁ ଖାଦ୍ୟଂ – ଅର୍ଥାତ୍ ନିକଟ ମୃତ୍ୟୁ ।

ଶ୍ରୀ ଶ୍ୟାମା ପ୍ରସାଦ ମିଶ୍ର , ଶିକ୍ଷକ ,
ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ , ଭଂଜନଗର

# ସ୍ନେହ ଶ୍ରଦ୍ଧାର ପ୍ରତୀକ ରକ୍ଷା ବନ୍ଧନ

ସ୍ନେହ, ଶ୍ରଦ୍ଧା, ସମ୍ମାନର ପ୍ରତୀକ ରକ୍ଷା ବନ୍ଧନ ସମଗ୍ର ଭାରତବର୍ଷର ଏକ ସମୃଦ୍ଧ ଉତ୍ସବ । ' ବସୁଧୈବ କୁଟୁମ୍ବକମ୍? ' ଆଦର୍ଶ ଏହାର ମୂଳମନ୍ତ୍ର । ତେଣୁ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଭାବେ ବିଶ୍ୱାସ କରୁଥିବା ଭାରତୀୟ ସଂସ୍କୃତିରେ ରକ୍ଷାବନ୍ଧନ ପର୍ବର ଗୁରୁତ୍ୱ ବେଶ୍? ପ୍ରଭାବଶାଳୀ । ଏହା ରକ୍ଷା ବନ୍ଧନ ବନାମ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା । ଏହାକୁ ମଧ୍ୟ ପବିତ୍ର ଦେବୀ ପୂର୍ଣ୍ଣିମା କୁହାଯାଏ । ମୁଖ୍ୟତଃ ଏହା ଏକ ଜନପ୍ରିୟ ପାରମ୍ପରିକ ହିନ୍ଦୁ ପର୍ବ । ଯାହା ଭାରତୀୟଙ୍କ ଦ୍ୱାରା ପାଳିତ ହୋଇଆସୁଛି ।

ଶ୍ରାବଣ ପୂର୍ଣ୍ଣିମାର ଶୁଭ ଅବସରରେ ପାଳିତ ହେଉଥିବା ଏହି ଉତ୍ସବଟି କେବଳ ଭାଇ–ଭଉଣୀର ପବିତ୍ର ସ୍ନେହର ବନ୍ଧନ ନୁହେଁ ବରଂ ଦୁଇଟି ଆତ୍ମା, ଦୁଇଟି ହୃଦୟ ଓ ଦୁଇଟି ପ୍ରାଣ ମଧ୍ୟରେ ପରସ୍ପର ପ୍ରତି ଘନିଷ୍ଠତା ଆବେଗ ଓ ସମ୍ମାନର ପ୍ରତୀକ। ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ଥିବା ସଂପର୍କକୁ ସୁଦୃଢ଼ କରିଥାଏ । ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ । ପ୍ରତି ବଦଳରେ ଭାଇ ତାର ଭଉଣୀକୁ ରକ୍ଷା କରିବାର ସଂକଳ୍ପ ନେଇଥାଏ ଓ ଏହି ଅବସରରେ ଭଉଣୀକୁ ମଧ୍ୟ ମନଲାଖି ଉପହାର ଦେଇଥାଏ । ଉପହାର ପାଇ ଭଉଣୀ ବେଶ ଖୁସିହୁଏ । ଅନ୍ୟପଟେ ଦୂରରେ ଥିବା ଭାଇ ପାଇଁ ଭଉଣି ରାକ୍ଷୀ ପଠାଇ ମଙ୍ଗଳ କାମନା କରେ । ସାରା ଦେଶରେ ଏହି ପର୍ବକୁ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରାଯାଇଥାଏ । କେବଳ ଘରେ ନୁହେଁ, ମନ୍ଦିର ଗୁଡ଼ିକରେ ମଧ୍ୟ ଏହି ପର୍ବ ପାଳନ କରାଯାଇଥାଏ । ବିଶେଷ କରି ଶ୍ରୀମନ୍ଦିରରେ ଏହି ପର୍ବ ମଧ୍ୟ ପାଳନ କରାଯାଉଛି । ଭଉଣୀ ସୁଭଦ୍ରା ବଳଭଦ୍ର ଓ ଜଗନ୍ନାଥଙ୍କ ହାତରେ ରାକ୍ଷୀ ବାନ୍ଧିଥାନ୍ତି । ଏଥିପାଇଁ ପାଟରା ବିଶୋଇ ସେବାୟତ ପ୍ରସ୍ତୁତ କରିଥାନ୍ତି ସ୍ୱତନ୍ତ୍ର ପାଟରାକ୍ଷୀ ଓ ଗୁଆମାଳ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ବାସୁଙ୍ଗା ପାଟରେ ତିଆରି ହୋଇଥାଏ ୪ଟି ରଙ୍ଗର ରାକ୍ଷୀ । ଏହି ୪ଟି ରାକ୍ଷୀ ସହିତ ୫୪ଟି ଲେଖାଏଁ ଗୁଆରେ ୪ଟି ଗୁଆମାଳ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ଜଗନ୍ନାଥଙ୍କୁ ହଳଦିଆ, ନାଲିରଙ୍ଗର ରାକ୍ଷୀ ଓ ଗୁଆମାଳ ଲାଗି କରାଯାଏ । ସେହିପରି ବଳଭଦ୍ରଙ୍କୁ ନେଳି ଓ ବାଇଗଣି ରଙ୍ଗର ରାକ୍ଷୀ ଓ ଗୁଆମାଳ ଲାଗି କରାହୁଏ ।

ଏହି ପର୍ବକୁ ବଳଭଦ୍ରଙ୍କ ଜନ୍ମ ଦିବସ କୁହାଯାଇଥାଏ । ତେଣୁ ଏହି ଦିନରେ ପାଳନ କରାଯାଉଥିବା ଅନ୍ୟାନ୍ୟ ପର୍ବ ପର୍ବାଣି ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମାକୁ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ତିଥିଭାବେ ଗ୍ରହଣ କରାଯାଏ । ହଳମୂଷଳ ଧାରଣ କରିଥିବା ବଳଭଦ୍ରଙ୍କୁ ସମ୍ମାନ ଜଣାଇ ଏହିଦିନ ଗୋମାତାଙ୍କୁ ପୂଜା କରାଯାଏ । ସେମାନଙ୍କୁ ସକାଳୁ ଗାଧୋଇ ଦିଆଯାଇ ତାଙ୍କ ଶିଙ୍ଗରେ ରାକ୍ଷୀ ବାନ୍ଧିବା ଓ ପିଠା ଖାଇବାକୁ ଦେବାର ପରମ୍ପରା ରହିଛି । ବ୍ରାହ୍ମଣମାନେ ଏହି ଦିନ ମନ୍ତୁରା ପଇତା ମଧ୍ୟ ପ୍ରଦାନ କରିଥାନ୍ତି । ସେହି ପଇତା ପିନ୍ଧିଲେ ବ୍ରହ୍ମରାକ୍ଷସ କବଳରୁ ମୁକ୍ତି ମିଳେ ବୋଲି ମଧ୍ୟ ବିଶ୍ୱାସ ରହିଛି । ଏହି ଦିନ ସବୁ ପାଳିତ ପଶୁ ଗାଈ, ଗୋରୁ ଆଦିଙ୍କୁ ସଜାଯାଇ ପୂଜା କରାଯାଏ । ଘରେ ବିଭିନ୍ନ ପ୍ରକାରର ପିଠା ଓ ମିଠା ତିଆରି କରାହୁଏ । ପରିବାର ଓ ବନ୍ଧୁ ବାନ୍ଧବମାନଙ୍କ ମଧ୍ୟରେ ବଣ୍ଟାଯାଏ । ଅପରପକ୍ଷରେ ଦ୍ୱାପରରେ କୃଷ୍ଣଙ୍କ ବଡ଼ ଭାଇ ଭଗବାନ ବଳରାମ ଏହି ଦିନ ଅବତୀର୍ଣ୍ଣ ହୋଇଥିବାରୁ ଦିନଟିକୁ ବଳରାମ ଜୟନ୍ତୀ ରୂପେ ମଧ୍ୟ ପାଳନ କରାଯାଏ ।

ଧାର୍ମିକ ଦୃଷ୍ଟିକୋଣରୁ ଏହି ପର୍ବ ପାଳନ କରିବା ପଛରେ ରହିଛି ପୌରାଣିକ ତଥ୍ୟ । ମହାଭାରତର ମୁଖ୍ୟ ଚରିତ୍ରଙ୍କ ମଧ୍ୟରୁ ଦ୍ରୌପଦୀ ଅନ୍ୟତମ । ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତସ୍ରାବ ବନ୍ଦ ହେଇଯାଇଥିଲା । ଦ୍ରୌପଦୀଙ୍କ ଠାରୁ ଶ୍ରୀକୃଷ୍ଣ ଭଉଣୀର ସ୍ନେହ ପାଇଥିଲେ । ଯାହା ଫଳରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ସକଳ ବିପଦରୁ ରକ୍ଷା କରିବେ ବୋଲି କଥା ଦେଇଥିଲେ । ଯେତେବେଳେ କୁରୁସଭାରେ କୌରବମାନେ ଦ୍ରୌପଦୀଙ୍କୁ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ । ସେହି ଦିନ ଠାରୁ ଏହି ପର୍ବ ପାଳିତ ହୋଇ ଆସୁଛି ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ରହିଛି ।

ସେଭଳି ଅନ୍ୟ ଏକ ପୌରାଣିକ ଘଟଣା ଯୋଡ଼ି ହୋଇ ରହିଛି । ଯାହା ଆମ ବିଶ୍ୱାସ ଓ ସଂକଳ୍ପକୁ ଶକ୍ତ କରିପାରିଛି । ମହାଭାରତରେ ଦାନବରାଜ ବଳି ଓ ବିଷ୍ଣୁଙ୍କୁ ନେଇ ଆଧ୍ୟାତ୍ମିକ ଅଧ୍ୟାୟର ଏକ ଅଂଶଭାବେ ସ୍ୱିକୃତ। ବାମନ ଅବତାରରେ ଭଗବାନ ବିଷ୍ଣୁ ଦାନବରାଜ ବଳିକୁ ତିନିପାଦ ଭୂମି ମାଗିବା ପରେ ଦାନବୀର ବଳି ନିଜ ସଂଙ୍କଳ୍ପ ରକ୍ଷା ସ୍ୱରୂପ ତିନିପାଦ ଭୂମି ଦାନ କରିଥିଲେ । ଫଳତଃ ଭଗବାନ ଆକାଶ –ପାତାଳ ଓ ଧରିତ୍ରୀକୁ ତିନିପାଦ କରିବା ସହ ରାଜା ବଳିକୁ ରସାତଳ ପାତାଳକୁ ଚାପି ଦେଇଥିଲେ । କିନ୍ତୁ ଏହାର ପ୍ରତିବଦଳରେ ବଳି ଭକ୍ତିର ପରାକାଷ୍ଠା ଯୋଗୁଁ ସବୁସମୟରେ ବଳି ସାମ୍ନାରେ ରହିବା ପାଇଁ ଭଗବାନ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଏହା ମା ଲକ୍ଷ୍ମୀଙ୍କୁ ଚିନ୍ତାରେ ପକାଇଲା । ତେଣୁ ନାରଦଙ୍କ କଥାନୁସାରେ ମା ଲକ୍ଷ୍ମୀ ବଳି ପାଖକୁ ଯାଇ ରକ୍ଷା ବନ୍ଧନ କରି ତାକୁ ନିଜ ଭାଇ ଭାବେ ଗ୍ରହଣ କରିବା ସହ ଭଗବାନ ବିଷ୍ଣୁଙ୍କୁ ନିଜ ସଂଗରେ ଧରି ଫେରିଥିଲେ । ବିଶ୍ୱାସ ଅନୁସାରେ ସେହି ଦିନଠାରୁ ରକ୍ଷା ବନ୍ଧନ ପର୍ବ ପାଳିତ ହୋଇ ଆସୁଅଛି।

ପୌରାଣିକ ଆଖ୍ୟାନ କ୍ରମେ ଦେବତା ଓ ଦାନବ ମାନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧରେ ଦାନବମାନେ ଦେବତାଙ୍କୁ ପରାସ୍ତ କରୁଥିବାର ଦେଖି ଇନ୍ଦ୍ରଙ୍କ ପତ୍ନୀ ଇନ୍ଦ୍ରାଣୀ ଭଗବାନଙ୍କ ଆରାଧନା କରିଥିଲେ । ଫଳତଃ ଭଗବାନ ଏକ ମନ୍ତ୍ରଯୁକ୍ତ ସୂତା ଇନ୍ଦ୍ରାଣୀଙ୍କୁ ପ୍ରଦାନ କରିବାପରେ ସେଇ ସୂତାକୁ ଇନ୍ଦ୍ରାଣୀ ନେଇ ଇନ୍ଦ୍ରଙ୍କ ହାତରେ ବାନ୍ଧି ଦେଇଥିଲେ । ଫଳତଃ ସେହି ଯୁଦ୍ଧରେ ଇନ୍ଦ୍ର ବିଜୟୀ ହୋଇଥିଲେ । ରକ୍ଷା–ବନ୍ଧନକୁ ନେଇ ମହାଭାରତରେ ମଧ୍ୟ ଏକ ରୋଚକ ପ୍ରସଙ୍ଗ ରହିଛି। ଭଗବାନ ଶ୍ରୀକୃଷ୍ଣଙ୍କ ପରାମର୍ଶକ୍ରମେ ଧର୍ମରାଜ ଯୁଧିଷ୍ଠିର ନିଜର ସମସ୍ତ ସୈନ୍ୟମାନଙ୍କ ହାତରେ ରକ୍ଷା–ସୂତା ବାନ୍ଧିଥିଲେ।

ପୁରାଣ ଓ ଇତିହାସରେ ରକ୍ଷାବନ୍ଧନର ଅନେକ ଘଟଣା ରହିଛି । ପୁରାଣରେ ଅସୁର ରାଜା ବଳିଙ୍କ ଠାରୁ ଇତିହାସରେ ମୋଗଲ ସମ୍ରାଟ ହୁମାୟୁନଙ୍କ ପର୍ଯ୍ୟନ୍ତ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି । ତେଣୁ ବିଚାର ଦୃଷ୍ଟିରୁ ଇତିହାସରେ ମଧ୍ୟ ରହିଛି ରକ୍ଷାବନ୍ଧନ । ଯଦିଓ ଏହାପଛରେ ରହିଛି ରାଜନୈତିକ ଅଭିସନ୍ଧି ମୂଳକ ଧରାଯାଇପାରେ । ତଥାପି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ କେବେ ପଛଘୁଞ୍ଚା ଦେଇନାହିଁ , ତାହାହିଁ ପ୍ରମାଣିତ ହୋଇଛି ।

ପ୍ରଥମ ଘଟଣାଟି ହେଉଛି ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳର ଐତିହାସିକ ଗାଥା । ମାସିଡୋନିଆର ସମ୍ରାଟ ଆଲେକଜାଣ୍ଡାର ଭାରତ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବା ବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହେଇଥିଲେ । ପ୍ରଥମ ଥର ପୁରୁଙ୍କ ଠାରୁ ଆଲେକଜାଣ୍ଡାର ପରାସ୍ତ ହେଲେ । ସେତେବେଳେ ଆଲେକଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ନିକଟକୁ ଏକ ରାକ୍ଷୀ ପ୍ରେରଣ କରିଥିଲେ । ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରି ନିଜର ନୈତିକ କର୍ତ୍ତବ୍ୟ କରିଥିଲେ । ସେହିପରି ଦ୍ୱିତୀୟ ଘଟଣାଟି ହେଉଛି ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ । ମଧ୍ୟ ଯୁଗର ରାଜପୁତ ଯୋଦ୍ଧମାନେ ପରାକ୍ରମୀ ଥିଲେ । ସେମାନେ କୌଣସି ଆକ୍ରମଣକାରୀ ସତ ପ୍ରାଣ ଦେଇ ଲଢୁଥିଲେ । ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବା ପରେ ଯେତେବେଳେ ଅନୁଭବ କଲେ ଯେ, ସୁଲତାନ ବାହାଦୁରଶାହାଙ୍କୁ ସହଜରେ ପ୍ରତିହତ କରାଯାଇପାରିବ ନାହିଁ, ସେତେବେଳେ ସେ ଉପାୟ ଚିନ୍ତାକଲେ । ସେ ତୁରନ୍ତ ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଗୋଟିଏ ରାକ୍ଷୀ ପଠେଇ ଦେଲେ । ହୁମାୟୁନ ମଧ୍ୟ ଏହାକୁ ଆଗ୍ରହ ସହକାରେ ଭଉଣୀର ସ୍ନେହ ଉପହାର ମନେ କରି ଚିତୋରର ସୁରକ୍ଷାପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇ ଦେଇଥିଲେ । ଅପରପକ୍ଷରେ ଏହା ହିନ୍ଦୁ ଓ ମୁସଲମାନମାନଙ୍କ ଭାବନାତ୍ମକ ଏକତାର ଏବେ ଏକ ଅବିସ୍ମରଣୀୟ ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ।

ସତରେ ଭାଇ–ଭଉଣୀର ଏଭଳି ନିବିଡ଼ ସମ୍ପର୍କକୁ ନେଇ ଅନେକ ନାଟକ ଓ କଥାଚିତ୍ର ପ୍ରସ୍ତୁତ ହେଇଛି । ଭଉଣୀର ସୁରକ୍ଷା ପାଇଁ ଭାଇ ନିଜର ସୁଖ ସୁବିଧା ମଧ୍ୟ ଭୁଲିଯାଏ । ଉଭୟ ଓଡ଼ିଆ ଓ ହିନ୍ଦୀ ସିନେମାରେ ଏଭଳି ଦୃଶ୍ୟ ରହିଛି । କେତେକ ସିନେମାରେ ରାକ୍ଷୀ ମାଧ୍ୟରେ ଏହି ଆବେଗ ଓ ତ୍ୟାଗର ଦୃଶ୍ୟ ଦର୍ଶକମାନେ ଉପଭୋଗ କରିଛନ୍ତି । ଏମିତି କିଛି ସିନେମା ଆଉ ରାକ୍ଷୀ ଗୀତ ହେଲା – ଓଡ଼ିଆରେ ଚକା ଆଖି ସବୁ ଦେଖୁଛିରେ ରାକ୍ଷୀରେ ରାକ୍ଷୀ ତୁ ରହିଲୁ ସାକ୍ଷୀ, ରାକ୍ଷୀ ବାନ୍ଧିଲି ମୋ ରଖିବ ମାନର ଶୀର୍ଷକ ଗୀତ ଓ ରାକ୍ଷୀ ଭିଜିଗଲା ଆଖି ଲୁହରେର ଶୀର୍ଷକ ଗୀତ । ହିନ୍ଦୀ ସିନେମା କାଜଲରେ ମେରେ ଭୈୟା ମେରେ ଚନ୍ଦା, ଅନପଢ଼ରେ ରଙ୍ଗ ବିରଙ୍ଗ ରାକ୍ଷୀ ଲୋକେ, ବେଇମାନରେ ଯେ ରାକ୍ଷୀ ବନ୍ଧନ ହେ ଐସା ଓ ରେଶମ କି ଡୋରୀରେ ବହେନ୍? ନେ ଭାଇ କି କଲାଇ ସେ ପରି ଅନେକ ଗୀତ ଅଦ୍ୟାବଧି ଅଭୁଲା ରହିଛି ।

ଏହି ପର୍ବ କେବଳ ଓଡ଼ିଶା ରେ ନୁହେଁ ଭାରତ ଅନ୍ୟ ରାଜ୍ୟମାନଙ୍କରେ ଭିନ୍ନ ରୀତିରେ ପାଳିତ ହୋଇଥାଏ । ତନ୍ମଧ୍ୟରୁ ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା ନାରିକେଳ ପୂର୍ଣ୍ଣିମା ଭାବେ ପାଳିତ ହେଇଥାଏ । ଏହି ଦିନ ସମୁଦ୍ର ଦେବତା ବରୁଣଙ୍କୁ ନାରିକେଳ ବା ନଡ଼ିଆ ପ୍ରଦାନ କରାଯାଇଥାଏ । ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷ କରି ଯେଉଁମାନେ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ସମୁଦ୍ର ଉପରେ ନିର୍ଭର କରିଥାନ୍ତି ସେମାନଙ୍କ ପାଇଁ ଏହି ପର୍ବ ଯଥେଷ୍ଟ ମହତ୍ତ୍ୱ ରଖେ । ଶ୍ରାବଣର ପ୍ରତି ସୋମବାର ଶିବ ମନ୍ଦିରରେ ଜଳଲାଗି ସହ ପୂର୍ଣ୍ଣିମାରେ ଏହି ପର୍ବ ମହା ଆଡ଼ମ୍ବର ସହିତ ପାଳିତ ହେଇଥାଏ । ଉତ୍ତରଭାରତରେ ଏହି ପର୍ବ କାଜରି ପୂର୍ଣ୍ଣିମା ଭାବେ ଜଣାଶୁଣା । ଭଲ ଫସଲ ଉତ୍ପାଦନ ପାଇଁ ଏହି ଦିନ ଦେବୀଙ୍କୁ ପୂଜା କରାଯାଇଥାଏ । ତେବେ ଏହା ସବୁ ସ୍ଥାନରେ ନୁହେଁ , କିଛି ସ୍ଥାନରେ ପାଳନ କରାଯାଇଥାଏ । ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଛତିଶଗଡ଼ର କେତେକ ସ୍ଥାନରେ ଏହା ପାଳିତ ହୋଇଥାଏ । ତେବେ ଦକ୍ଷିଣ ଭାରତରେ ଏହି ତିଥିକୁ ଅବନୀ ନାଁରେ ପାଳନ କରାଯାଇଥାଏ । ଏହାକୁ ଓଡ଼ିଶାର ବ୍ରାହ୍ମଣଶାସନରେ ଶ୍ରାବଣୀ ବେଦଉପାକର୍ମ ମଧ୍ୟ କୁହାଯାଏ । ବ୍ରାହ୍ମଣମାନେ ଏହିଦିନ ପବିତ୍ର ବୁଡ଼ ପକାଇ ଶ୍ଳୋକ ଉଚ୍ଚାରଣ ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି । ବ୍ରାହ୍ମଣଙ୍କ ଦ୍ୱାରା କରାଯାଉଥିବା ଉତ୍ସବକୁ ବ୍ରହ୍ମ ଯଜ୍ଞ ମଧ୍ୟ କୁହାଯାଏ ।

ବାସ୍ତବରେ ଭାରତୀୟ ସଂସ୍କୃତିରେ ସଂରକ୍ଷଣର ଏହି ରକ୍ଷା ବନ୍ଧନ ହେଉଛି ଭାଇ ଓ ଭଉଣୀଙ୍କ ମଧ୍ୟରେ ଅବିସ୍ମରଣୀୟ ପ୍ରେମ ଓ ଅଦୃଶ୍ୟ ସ୍ନେହର ଏକ ପବିତ୍ର ବନ୍ଧନ । ସଂପ୍ରତି ଭାରତରେ ଏହା ଏକ ଗଣପର୍ବ ଭାବେ ପରିଗଣିତ ହୋଇ ଯାଇଛି...!!!

ଡକ୍ଟର ଲକ୍ଷ୍ମଣ ସାହୁ
ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ:୪

# ବୟସର କୃଷ୍ଣଚୁଡା

ପଖାଳ ଦିବସରେ ଆଜି ଘରେ ସମସ୍ତଙ୍କ ପାଇଁ ପାଖାଳର ଆୟୋଜନ ହୋଇଛି । ଦହି ପକାଇ, ଲେମ୍ବୁ ଚିପୁଡ଼ି ପୁଣି ଭୃରୁସୁଙ୍ଗା ପତ୍ର ଓ ଜୀରା ବଘରାର ଛୁଙ୍କ ପଡି ପ୍ରସ୍ତୁତ ହୋଇଛି ପାଖାଳ । ତା ସାଙ୍ଗରେ ଖାଇବା ପାଇଁ ସଜନା ଛୁଇଁ, ପୋଟଳ, ଗାଜର, ବିନ, ଆଳୁ ଭଜା ସାଙ୍ଗକୁ ଆଳୁ ବାଇଗଣ, ଟମାଟ ଓ ବଡି ଇତ୍ୟାଦି ପଡି ପାଗ,ପଥରମୁଣ୍ଡି ଶୁଖୁଆ ଓ ମାଛ ଭଜା ପୁଣି ମୁଗ ନଡ଼ିଆ ପଡି ରସୁଣ ଫୁଟା ସଜନା ଶାଗ । ପିଆଜ ସରସର ପଡି ପ୍ରସ୍ତୁତ ପିତା ଶାଗ ସହିତ ନାମକୁ ମାତ୍ର ମୁଗଡାଲି ଦିଟା ପଁଡି କଲରା ସିଝା ସହ ପିତା ଶାଗ ବଡା ଥାଳି ଦେଖି ରାମବାବୁ କହିଲେ ମୁଁ ଆଜି ଖାଇବି ନାହିଁ । ତାଙ୍କର କୋଲେଷ୍ଟ୍ରାଲ ଅଧିକ ତ ସଜନା ଶାଗରେ ନଡ଼ିଆ ପଡିଛି । ରୋହି ମାଛ କି ଲୁଣି ଶୁଖୁଆ ସେ ଖାଇବେନି । ଡାଇବେଟିସ ଯୋଗୁଁ ତାଙ୍କୁ ଆଳୁ ପଡିଥିବା ଭଜା ଚକଟା ଦିଆଯାଇନି ପୁଣି ଛୁଇଁ ଚୋବାଇବାକୁ ଦାନ୍ତଟା ବିନ୍ଧୁଛି । ଦହି ଖାଇଲେ ଇସନଫିଲସ ବଢ଼ିଯିବ । ତାଙ୍କ ରୋଗକୁ ପଥ୍ୟ ରୁଟିକୁ ଅଳ୍ପ କ୍ଷୀର ବା ଅମୁଲ ପାଣିରେ ବତୁରେଇ ଅମୃତଭଣ୍ଡା ସିଝା ଖାଇବା ପରିବର୍ତ୍ତେ ଆଜି ଦିଟା ଭାତ ଓ ଡ଼ାଲମା ଯେମିତି ଦୟାରେ ଦିଆଯାଇଛି ତାଙ୍କୁ । ଡ଼ାଲମା କଣ ଆଉ କହନ୍ତି କିଛି ନକହି ଛାତ ଉପରକୁ ଉଠିଗଲେ ରାମବାବୁ ।

ସବୁଦିନ ତଳକୁ ଶୁଭୁଥାଏ ଗୋଟେ କୁକୁରର କ୍ରନ୍ଦନ ରଡି । ରାମବାବୁ ଭାବନ୍ତି ବୋଧହୁଏ ଦୁଷ୍ଟ ପଡୋଶୀ କୁକୁରଟାକୁ କ୍ଷତାକ୍ତ କରି ପକେଇ ଦେଇଛି ଯେ ସେ କରୁଣ ସ୍ୱର ମେଲେଇ କାନ୍ଦୁଛି । କୋଉ ପଟେ ଯାଇ କୁକୁର ଆଗରେ ତାଙ୍କ ବେଲାରୁ କ୍ଷୀର ରୁଟି ନେଇ ଦେଇ ଆସନ୍ତେ କି ଭାବନ୍ତି ଯେ କଲ୍ୟାଣୀ ବିରକ୍ତ ହୁଅନ୍ତି । କହନ୍ତି ତମେ କଣ ଜାଣିନ କି ଆମ ପଡୋଶୀ କି ଭୟଙ୍କର!ତା ଘରେ ସାପ ପଶିଲା କୋଉବାଟେ ଯେ ସେ ଆମକୁ ଦୋଷ ଦେଲା ଯେ ତୁମ ବାଡ଼ିପଟେ ବାଉଁଶ କାଛକୁ ଡେରି ରଖିଛ ତେଣୁ ସେଇପଟେ ସାପ ଚଢି ମୋ ବାଡ଼ିରେ ପଶି ଆମ ଘରକୁ ଆସିଛି । କହିବାକୁ ଯୁ ନଥିଲା ଯେ ଆମ ବାଡ଼ିପଟେ କଣ ଆମେ ସାପ ସଫାରୀ କରିଛୁ ନା ସାପକୁ ବାଉଁଶ ଚଢା ଶିଖେଇ କହିଛୁ ବାଉଁଶ ଚଢି ସେପଟକୁ ଡେଇଁ ପଡୋଶୀ ଘରେ ପଶିଯା । କାହାକୁ କହିବଏକଥା!ତୁନି ହୋଇ ନରହିଲେ କିଏ କଜିଆ କରିବ!ସେଇଥିପାଇଁ ତ ବିଲେଇ, କୁକୁର, କୁକୁଡ଼ା ନେଉଳ ପୋଷିବା ସବୁ ବନ୍ଦ । ଏମିତିକି ବୁଲା କୁକୁରଙ୍କୁ ଖାଦ୍ୟ ଦେଲେ କହିବ ତୁମେ ଖାଇବାକୁ ଦେବାରୁ ସେମାନେ ମୋ ଘର ଆଗରେ ମଳତ୍ୟାଗ କରୁଛନ୍ତି । ତେଣୁ ଆଲୋ ସଖି ଆପଣା ମହତ ଆପେ ରଖି ନ୍ୟାୟରେ କୋଉଠି କୁକୁର କାନ୍ଦୁଛି ଯନ୍ତ୍ରଣାରେ ତୁମେ ଚୁପ ରୁହ କହି ସବୁଥର ଅଟକେଇ ଦେବା କଲ୍ୟାଣୀଙ୍କୁ ପରାସ୍ତ କରି ଆଜି ଠା କଲେ ରାମବାବୁ । କୁକୁରଟି ପ୍ରାପ୍ତବୟସ୍କ ନୁହେଁ ବରଂ ପିଲା କୁକୁରଟିଏ । ପ୍ରଥମ ପଡୋଶୀ ଘର ଡେଇଁ ଯେଉଁ ଭଡାଟିଆ ରହିଛନ୍ତି ତାଙ୍କ ପୁଅ ପାଳିଛି କୁକୁର ଛୁଆଟିଏ । ଖାଇପିଇ ଖୁବ ଡଉଲ ଡାଉଲ ହୋଇଥିବା କୁକୁର ଛୁଆଟି ଘରେ କେହି ନଥିବା ବେଳେ ସ୍ୱାଧୀନତା ପାଇଁ ଚିତ୍କାର କରୁଛି । କ୍ରନ୍ଦନ କରୁଛି ବାହାରକୁ ଯାଇ ସ୍ୱାଧୀନତାର ସ୍ୱାଦ ଯେତେ କଷ୍ଟ ହେଉ ପଛେ ସେହି ଆନନ୍ଦ ଲଭି ପରମ ତୃପ୍ତି ପାଆନ୍ତା ।

ବହୁବର୍ଷ ତଳକୁ ଫେରିଗଲେ ରାମବାବୁ । ସେ ମଧ୍ୟ ଏମିତି ଗୋଟେ ଛୋଟ କୁକୁର ଛୁଆ ପାଳିଥିଲେ ଯାହାକୁ ଛାଡ଼ିଦେଇ ସ୍ୱାମୀ ସ୍ତ୍ରୀ ଦୁହେଁ ଅଫିସ ଗଲାପରେ ପିଲା ଦୁହେଁ ସ୍କୁଲ ଯିବାପରେ ସେ ଚିକେନ, ମାଛ ଗୋଳା ଭାତ ଆଡେଇ ଦେଇ ଖୋଜୁଥାଏ ସ୍ୱାଧୀନତା । ବାହାରେ ବୁଲନ୍ତା, କୁକୁର ମାନଙ୍କ ସଙ୍ଗେ ଏମୁଣ୍ଡ ସେମୁଣ୍ଡ ଯାଏଁ ଦଉଡିଯାଆନ୍ତା । ଖାଇଲେ ଖାଉ ନଖାଇଲେ ନାହିଁ ବଳ କଷିବାକୁ ନୂଆ କୁକୁରକୁ ବା କୁକୁରମାନଙ୍କୁ ଘଉଡ଼େଇବା ପାଇଁ ନିଜ ଦଳ ସହ ଦୌଡୁଥାଆନ୍ତା । ଖାତିର ନଥାନ୍ତା କିଏ ଟେକା ମାରି ଘାଏଲା କରୁ, ଛୋଟା ହେଉ ଅବା ପେଟ ପୋଡ଼ିଗଲେ ଶୁଖିଲା ଗୋବର ଖାଉଥାଉ ଦାନ୍ତେଇ ଦାନ୍ତେଇ । ରାମବାବୁ ଦାମୀ ଇଞ୍ଜେକ୍ସନ ଦେଉଛନ୍ତି କୁକୁର ହୁଣ୍ଡାକୁ । ଝିଅ ଭଲ ସାବୁନ ଡେଟଲ ଲଗେଇ ଗାଧେଇ ଦେଉଛି କୁକୁରଟିକୁ , ପୁଅ ଶିଙ୍କୁଳି ଧରି ଦୁଇବେଳା ବାଡ଼ିକୁ ବୁଲେଇ ନେଇ ନିତ୍ୟକର୍ମ କରେଇ ଆଣୁଛି । କଲ୍ୟାଣୀ କଞ୍ଚା ଚିକେନ ନଦେଇ ତା ପାଇଁ ହଳଦୀ ଲୁଣ ପକେଇ ଶିଝେଇ ଦେଉଛନ୍ତି । ମାଛ ମଧ୍ୟ ଅଳ୍ପ ଭାଜି ଥୋଉଛନ୍ତି ଗିନାରେ । ପୁଣି ସେ ଆସିବାଠୁ କ୍ଷୀରରୁ ସର କଢ଼ାହୋଇ ଦହି ପଡି ଘିଅ ହେବା ପାଇଁ ରଖା ହେବା ପରିବର୍ତ୍ତେ ଯାଉଛି ହୁଣ୍ଡା ଗିନା ପାଇଁ ହେଲେ ମଧ୍ୟ ହୁଣ୍ଡା ଖୋଜୁଥାଏ ତା ପ୍ରକୃତିଗତ ସ୍ୱାଧୀନତା । ଯେମିତି ଆଜି ରାମବାବୁ ପାଖାଳ ଦିବସରେ ଖୋଜୁଛନ୍ତି ତାଙ୍କ ସ୍ୱାଧୀନତା । ସେ ମଧ୍ୟ ମନଇଚ୍ଛା ଖାଇଥାନ୍ତେ ବାସ ରସ ଭରା ସଜ ଦହି ପକା, ଅଦା ଭୃରୁସୁଂଗା ପତ୍ର ଛୁଙ୍କ ବାସ୍ନା ଭରା ତୋରାଣୀ ସାଙ୍ଗକୁ ପାଗପୁଗା ଓ ଶୁଖୁଆ ଭଜା । ଆଉ ଖାଇନପାରି ସେ ଯେମିତି ଭିତରେ ଭିତରେ ଫାଟି ପଡୁଛନ୍ତି ସେମିତି କୁକୁରଟି ମଧ୍ୟ ଉଚ୍ଚ ସ୍ୱରରେ ବୋବାଳି ଛାଡ଼ୁଛି । ଜଣେ ବାର୍ଦ୍ଧକ୍ୟ ସମୟର ସଦୁପଯୋଗ ନକରି ସ୍ୱାଧୀନତା ଚାହୁଁଥିଲା ବେଳେ ଜଣେ ଆସନ୍ତା ବାର୍ଦ୍ଧକ୍ୟର ଅସରା ଆଶ୍ରୟକୁ ଗୋଇଠା ମାରି ଚାହୁଁଛି ସ୍ୱାଧୀନତା, ଯାହା ତାର ଜନ୍ମଗତ ଅଧିକାର । ଅନ୍ୟ ପାଞ୍ଚଟା କୁକୁରଙ୍କ ପରି, ହେଉ ପଛେ ଯେତେ ସରି ।ତଳୁ କଲ୍ୟାଣୀ ଡାକ ଛାଡିଥିଲେ ଖାଇବା ଥଣ୍ଡା ହେଲା ଯେ । କୁକୁର ସିନା ବୁଝୁନି ତା ଭାଗ୍ୟରେ ଆଶ୍ରୟ ମିଳିଯାଇଛି ତ କାହିଁକି ଛାଟିପିଟି ହୋଇ ଚିତ୍କାର କରୁଛି ସେ କାରୁଣ୍ୟ ଭରା ସ୍ୱାଧୀନତା ପାଇଁ ମଣିଷର କିନ୍ତୁ ଉପାୟ କଣ ସମୟ ସହିତ ବାର୍ଦ୍ଧକ୍ୟ ଓ ରୋଗରୁ ରକ୍ଷା ପାଇବାକୁ ହେଲେ ତାକୁ ମଧ୍ୟ ସ୍ୱାଧୀନତା ହରେଇବାକୁ ପଡିବ । କାରଣ କଲ୍ୟାଣୀଙ୍କର ଚୁଡ଼ି ଶାଢ଼ୀ ଓ ଅଳତା ପିନ୍ଧା ପାଦ ଦେଖି ମାଆ ଦୁର୍ଗାଙ୍କ ମଣ୍ଡପ ବୁଲେଇବାକୁ ନେବାକୁ ରାମବାବୁଙ୍କ ବିନା କେମିତି ସମ୍ଭବ!କଲ୍ୟାଣୀ ମଧ୍ୟ ନାରୀ । ସାବିତ୍ରୀଙ୍କ ପରି ଯମଦେବଙ୍କ ପାଖରୁ ସ୍ୱାମୀଙ୍କୁ ଛଡେଇ ଆଣି ପାରିବେ କି ନା ତାହା ତ ଏକ ବରଦାନ କିନ୍ତୁ ନିଜ ମଥାର ସିନ୍ଦୁର ପାଇଁ ପଥିରେ ରଖିପାରିବେତ ପତିଦେବ ରାମବାବୁଙ୍କୁ । ରାମବାବୁ ବତୁରା ରୁଟି ପାଟିରେ ପୁରେଇ ଅମୃତଭଣ୍ଡା ଶିଝା ପାଟିକୁ ନେଲାବେଳେ ଶୁଭୁଥିଲା କୁକୁରଟିର ବିକଳ ଚିତ୍କାର । ରାମବାବୁ କହୁଥିଲେ ମାଆ ଦୁର୍ଗତିନାଶିନୀ ମା ଦୁର୍ଗା । ତତେ ସବୁ ଜଣା ମାଆ । ଏଣିକି ତେଣିକି ଚାହିଁ ନାତି ଛାଡିଯାଇଥିବା ଥାଳିରୁ ଶୁଖୁଆ ଖଣ୍ଡେ ଆଣି ପାଟିରେ ଦେଉ ଦେଉ କଲ୍ୟାଣୀ ପଚାରୁଥିଲେ ଦାନ୍ତ ବିନ୍ଧୁନି ତ ନା କହିବାରୁ କଲ୍ୟାଣୀ କିଛି ଛୁଇଁ ଭଜା ଥୋଇଲେ ପାଖରେ । ତାକୁ ପାଟିକୁ ନେଉ ନେଉ ରାମବାବୁ କହୁଥିଲେ ଯା ଦେବୀ ସର୍ବେ ଭୂତେଷୁ ଶକ୍ତି ରୁପେଣ ସଂସ୍ଥିତା ।କଲ୍ୟାଣୀ କହୁଥିଲେ କିଛି କହିଲକି ନା ନା ଦେବୀଙ୍କ ନାମ ନେଇ ଛୁଇଁ ଖାଇବାକୁ ପଡିବ ତ ନହେଲେ ଦାନ୍ତବିନ୍ଧା ଓଃ କି କଷ୍ଟ ।

ସେଦିନ ବି ଏମିତି କେତେ କଷ୍ଟ ହୋଇଥିଲା ଯେବେ ହୁଣ୍ଡାକୁ ଛାଡ଼ି ଦିଆଯାଇଥିଲା । ପୂର୍ଣ୍ଣ ଯୌବନ ପ୍ରାପ୍ତ କୁକୁରକୁ ଆଉ ବାନ୍ଧି ହେଉନଥିଲା ଘରେ । କେତେବେଳେ ବେକରୁ ଶିକୁଳି ଫିଟେଇ ପାଚେରୀ ଡେଇଁ ବାହାରକୁ ଚାଲି ଯାଉଥିଲା ତ କେତେବେଳେ ବୀର ଦର୍ପରେ ଦାଣ୍ଡ ଦୁଆର ଆଗରେ ଯିଏ ଯାଉଥିଲା ତାକୁ ପ୍ରଥମେ ଭୁକୁଥିଲା ଆଉ ସେମାନଙ୍କର ପ୍ରତିକ୍ରିୟାର ପାର୍ଶ୍ୱ ପ୍ରତିକ୍ରିୟା ଦେବାକୁ ଯାଇ କାମୁଡୁ ଥିଲା ଆଉ ସିଧା ଯାଇ କଲ୍ୟାଣୀଙ୍କ ଆଗରେ ହାରି ଗୁହାରି କରୁଥିଲା । ବାହାରକୁ ଆସି କଲ୍ୟାଣୀ ଦେଖୁଥିଲେ ରାମବାବୁଙ୍କୁ ବେଢ଼ି ଯାଇଛନ୍ତି କୁକୁର କାମୁଡା ଖାଇଥିବା ବ୍ୟକ୍ତିଙ୍କ ସହ ତାର ଚିହ୍ନା ଜଣା ସପରିବାର ବନ୍ଧୁ ପରିଜନ । କେହି ବୁଝିବାକୁ ନାରାଜ କୁକୁର ଇଞ୍ଜେକ୍ସନ ନେଉଛି ବିଶେଷ ଅସୁବିଧା ନାହିଁ । ହେଲେ ଘୋର ଅସୁବିଧା ହେଲା । ହୁଣ୍ଡାକୁ ଫିଟେଇଲେ ତ୍ରାହି ନଥିଲା କି ବାନ୍ଧି ରଖିଲେ ତ୍ରାହି । ଶେଷକୁ ଅଟୋରେ ଷ୍ଟେସନ ନେଇ ପାଖ ଜଟଣୀ ଷ୍ଟେସନରେ ଛାଡ଼ିଦେଇ ଆସିବା ପୂର୍ବରୁ ହୁଣ୍ଡା ବେକରେ ମାଆ ଦୁର୍ଗାଙ୍କ ଲକେଟ ଓହଳେଇ କଲ୍ୟାଣୀ ନିଜ ଭାବନାକୁ କେତେ ମାତ୍ରାରେ ନିୟନ୍ତ୍ରଣ କଲେ କେଜାଣି କିନ୍ତୁ ଏକାକି କରି ପୋଷା କୁକୁରକୁ ବେଘର କରି ଆସିବା ପରେ ବ୍ଲଡ଼ ପ୍ରେସର ବଢ଼ି ଦୟନୀୟ ଅବସ୍ଥା ରାମବାବୁଙ୍କର ।ବ୍ଲଡ଼ ପ୍ରେସର ବଢ଼ି ଡାଇବେଟିସ ହେଲାବେଳେ ମଧ୍ୟ ତାଙ୍କ ବେକରେ ଦୁର୍ଗା ମାଆଙ୍କ ଲକେଟଟିଏ ଓହଳାଇ କଲ୍ୟାଣୀ ମୁଣ୍ଡିଆ ମାରୁଥିଲେ ମାଆ ଲୋ ତୁ ଭରସା ମାଆ । ଔଷଧ ସହିତ ଖାଦ୍ୟ କଟକଣାରେ ଘଣା ପେଡିବା ଅବସ୍ଥାରୁ ମାଆ ରକ୍ଷା କରୁଥିଲେ କି ନାହିଁ ରାମବାବୁଙ୍କୁ ସେକଥା ନିଆରା କିନ୍ତୁ ହୁଣ୍ଡାର ଖାଲିପଡ଼ିଥିବା ଖଟ, ଶେଜ, ଖାଦ୍ୟ ଥାଳିଆ,ଗିନା ଓ ଶିକୁଳି ସହ ସେଦିନର ଷ୍ଟେସନରେ ଦିଗହଜା ହୁଣ୍ଡାକୁ ଦୂରରୁ ମୁନିବକୁ ଖୋଜି ନିରାଶ ଆଖିରେ ଖୋଜିବା ଦୃଶ୍ୟ ରୋଗ ବଢ଼ାଉଥାଏ ରାମବାବୁଙ୍କର ତ ସେ ବେକରେ ପଡ଼ିଥିବା ଦୁର୍ଗା ମାଆଙ୍କ ଲକେଟକୁ ଛୁଇଁ ନିଜ ପାଇଁ ନଡାକି ଡାକନ୍ତି ମାଆଲୋ ମାଆ ମତେ ପଛେ ମନମୁତାବକ ଖାଦ୍ୟ ନମିଳୁ ହୁଣ୍ଡାକୁ ମିଳିଯାଉ ।ସେ ଭଲରେ ଥାଉ ।

ଏବେ ଏବେ ସେହି ଦ୍ୱିତୀୟ ପଡୋଶୀଙ୍କ ଘରେ ଆଉ ସେ ଭଡାଟିଆ ରହୁନାହାଁନ୍ତି କି ସ୍ୱାଧୀନତା ପାଇଁ ବ୍ୟାକୁଳ ହେଉଥିବା ଦେଶୀ କୁକୁର ଛୁଆର ଆର୍ତ୍ତନାଦ ଶୁଣି ରାମବାବୁ ଆଉ ପଛକୁ ଫେରି ହୁଣ୍ଡାର ଆବର୍ତ୍ତମାନ କଥା ଭାବୁନାହାଁନ୍ତି କି ହୁଣ୍ଡା ପରି ଆଉ କାହାର ସେହିପରି ପୁନରାବୃତ୍ତି ଭବିଷ୍ୟତ କଥା ଚିନ୍ତା କରି ଜଡ଼ସଡ଼ ହେଉନାହାଁନ୍ତି । କିନ୍ତୁ ରୋଗ ଛାଡୁନି ତାଙ୍କୁ । କଲ୍ୟାଣୀ ବୁଝୁନାହାଁନ୍ତି ସମୟ ଏମିତି!ତୁମେ ନିଜେ ତ ଏଥର ମୋ ସାଙ୍ଗ ହେବାକୁ ଯାଇ ସକାଳୁ ମେଥିଗୁଣ୍ଡା ସାଙ୍ଗକୁ ପିତା ଶାଗ ଓ କଲରା ସିଝା ଖାଇଲଣି ନା । କଲ୍ୟାଣୀ କହନ୍ତି ନା ମ ଲୁଣ ହାଣ୍ଡି ଖାଇଲା ଭଳି ଚିନ୍ତା ପରା ଖାଏ ଗଣ୍ଡି । ତୁମେ କାହା ଚିନ୍ତା କରୁଛ ଶୁଣେ କଲ୍ୟାଣୀ କୁହନ୍ତି କାହିଁକି ମୋ ପୁଅ,ଝିଅ, ଜୋଇଁ, ବୋହୁ, ନାତି, ନାତୁଣୀଙ୍କ ଚିନ୍ତା ସହ ତୁମ ଚିନ୍ତା ଆଉ । । । କିଏ ଆଉ କିଛି କହନ୍ତିନି କଲ୍ୟାଣୀ ହେଲେ ଠିକ ବୁଝନ୍ତି ରାମବାବୁ । ସେଦିନ ରାମବାବୁଙ୍କୁ ଜୋର କରି ଟ୍ରେନରେ ବସାଇ କଲ୍ୟାଣୀ ନେଇଯାଇଥିଲେ ଜଟଣୀର ରେଲୱେ ହସ୍ପିଟାଲ । ରାମବାବୁ ଜୀବନକାଳ ଜାକ ରେଳ ବିଭାଗର ସୋ କରିଆସିଲେ ଆଉ ସମୟ ବେଳେ ସୋ ପାଇବାକୁ କଲ୍ୟାଣୀ ଆଉ କୋଉଠିକୁ ଆଣିପାରନ୍ତେ ତାଙ୍କୁ କାହିଁକି ବି ପିଲାମାନଙ୍କୁ ହଇରାଣ କରିବେ ଅଯଥା । ହଠାତ ଦୁଇଜଣଙ୍କର ନଜର ପଡିଲା ଡଉଲ ଡାଉଲ ହୁଣ୍ଡା ପରି କୁକୁରଟି ଉପରେ । ସେ ମଧ୍ୟ ଦଉଡି ଆସି ଘଷି ହେଲା, ଲାଞ୍ଜି ହଲେଇଲା । ଚମକି ପଡିଲେ ସ୍ୱାମୀ ସ୍ତ୍ରୀ । ତା ବେକରେ ମଧ୍ୟ ଦୁର୍ଗାଙ୍କ ଲକେଟ । ମନଭରି ପାଖ ହୋଟେଲରୁ କିଣି ଖାଇବାକୁ ଦେଲେ ତାକୁ । ପ୍ରେସକ୍ରିପସନ ଔଷଧ ଇତ୍ୟାଦି କିଣି ଫେରିବା ବେଳକୁ କୁକୁର ନଥିଲା । ଟ୍ରେନ ପାଇଁ ଅପେକ୍ଷା କରିବା ଭିତରେ ଯାହା ସଙ୍ଗେ ଦେଖାହେଲା ସେମାନେ ସେଇ ଦ୍ୱିତୀୟ ପଡୋଶୀ ଘରେ ରହୁଥିବା ଭଡାଟିଆ ସ୍ୱାମୀ ସ୍ତ୍ରୀ ହିଁ ଥିଲେ । ସାଙ୍ଗରେ ପୁଅ । ତିନିହେଁଙ୍କ ମୁହଁ ଥମଥମ । କିଛି ନପଚାରିବାକୁ ଯାଇ କୁକୁର କଥା ପଚାରିଦେଲେ ରାମବାବୁ । କାନ୍ଦି ପକେଇଲେ ବାପା ମାଆ ଓ ପୁଅ । କହିଲେ ଏଇ ଷ୍ଟେସନରେ ଛାଡ଼ି ଦେଇ ପରା ଖୋଜୁଛୁ । ସମସ୍ତଙ୍କୁ କାମୁଡିଲା । କେତେ କାହାକୁ ଇଞ୍ଜେକ୍ସନ ପଇସା ଦେବୁ ଛାଡ଼ିଦେଲୁ ସିନା ମିଷ୍ଟରଙ୍କର ହାଇ ବି । ପି ମୋର ମଧ୍ୟ ଆଉ ପୁଅର ରେଜଲ୍ଟ ଖରାପ ହୋଇଗଲା । ଛାଡିଲା ବେଳେ ଦୁର୍ଗାଙ୍କ ଲକେଟ ବାନ୍ଧି ଛାଡ଼ିଥିଲୁ ତ ଭାବୁଛୁ ପାଇଯିବୁ । ସେତେବେଳକୁ ଟ୍ରେନ ଆସିଯାଇଥିଲା ତ ରାମବାବୁ ଓ କଲ୍ୟାଣୀ ଭାବୁଥିଲେ କୁକୁରଟି କଥା । ଗାଡିରେ ବସୁ ବସୁ କହିଲେ ରେଲୱେ ହସ୍ପିଟାଲ ପାଖେ ଦେଖିଥିଲୁ ।ଖାଇବାକୁ ମଧ୍ୟ ଦେଇଥିଲୁ । ମିଳିଯିବ । ଧନ୍ୟବାଦ ଆଜ୍ଞା । ଏଥର ଦାନ୍ତ ଭାଙ୍ଗି ରଖିବୁ । ହେଲେ ସେ ତ କିଛି ଖାଇପାରିବ ନାହିଁ କହି ଦୁଃଖ ପ୍ରକାଶ କଲେ ରାମବାବୁ ।ଯାହା ଖାଉ ପଛେ ବିଚ୍ଛେଦ ଭାରି ଯନ୍ତ୍ରଣା ଆଜ୍ଞା । ଟ୍ରେନ ଛାଡିଦେଇଥିଲା । ଗଡିଆସୁଥିବା କଲ୍ୟାଣୀଙ୍କ ଆଖିର ଲୁହ ପୋଛି ନିଜକୁ ଖୁବ ସହଜ ମନେ କରୁଥିଲେ ରାମବାବୁ । କଲ୍ୟାଣୀ କିନ୍ତୁ ନିଜକୁ ନିଜେ କହୁଥିଲେ ଆମେ ମଧ୍ୟ ସେତେବେଳେ ସେୟା କରିଥିଲେ ଭଲ ହୋଇଥାନ୍ତା । କଲ୍ୟାଣୀଙ୍କ ପିଠିରେ ହାତ ରଖି ରାମବାବୁ କହିଲେ ତୁମେ ଦୁର୍ଗାଙ୍କ ଲକେଟ ବାନ୍ଧି ଦେଇଥିଲ ନା ତା ବେକରେ ତା ଜୀବନ ଭଲରେ କଟିଥିବ ନିଶ୍ଚୟ ।ସ୍ୱାମୀଙ୍କ ବେକର ଲକେଟଟିକୁ ସଜାଡି ଦେଇ କଲ୍ୟାଣୀ ହାତ ଯୋଡି କହୁଥିଲେ ତୁ ଏକା ସାହା ଭରସା ଲୋ ମାଆ ଦୁର୍ଗା ଦେବୀ କରୁଣାମୟୀ ଜଗତ ଜନନୀ ଠାକୁରାଣୀ ।

ସୁନନ୍ଦା ମହାନ୍ତି, ସାକ୍ଷୀଗୋପାଳ, ପୁରୀ

# ଅଜୟଗଡ ସାପ୍ତାହିକ ହାଟର ଶୁଭ ଉଦଘାଟନ କଲେ ବିଧାୟକ

ପାରଳାଖେମୁଣ୍ଡି,୨୬।୮(ଆନିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଅଜୟଗଡ ଗ୍ରାମରେ ବହୁ ପ୍ରତୀକ୍ଷିତ ସାପ୍ତାହିକ ହାଟର ଶୁଭ ଉଦଘାଟନ ଅନୁଷ୍ଠିତ ହୋଇଛି। ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହାଟର ଶୁଭ ଉଦଘାଟନ କରିଥିଲେ।ଅଜୟଗଡ ଅଞ୍ଚଳରେ ଏକ ସୁବିଧାଜନକ ସାପ୍ତାହିକ ହାଟ ପ୍ରତିଷ୍ଠା ପାଇଁ ଗ୍ରାମବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ହାଟ ନଥିବାରୁ ସ୍ଥାନୀୟ ଚାଷୀ, ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ନିଜର ଉତ୍ପାଦ ବିକ୍ରି ଏବଂ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ କିଣିବା ପାଇଁ ଅନ୍ୟ ଅଞ୍ଚଳକୁ ଯିବାକୁ ପଡୁଥିଲା।ହାଟ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ଦାବି ହୋଇଥିଲେ ମଧ୍ୟ ଦୀର୍ଘ ସମୟ ଧରି ଏହା ବାସ୍ତବ ରୂପ ନେଇପାରିନଥିଲା। ଶେଷରେ



ବିଧାୟକ ରୂପେଶ ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ଅଜୟଗଡରେ ସାପ୍ତାହିକ ହାଟ ପ୍ରତିଷ୍ଠା ହୋଇଥିବାରୁ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଛି।ଏହି ହାଟ ଆରମ୍ଭ ହେବା ଦ୍ୱାରା ସ୍ଥାନୀୟ ଚାଷୀ ଓ ବ୍ୟବସାୟୀମାନେ ନିଜର କୃଷିଜାତ ଦ୍ରବ୍ୟ, ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ସହଜରେ ବିକ୍ରି କରିପାରିବେ। ଏଥିସହ ସ୍ଥାନୀୟ ଲୋକଙ୍କୁ ନିକଟରେ ଆବଶ୍ୟକ ସାମଗ୍ରୀ ମିଳିବା ସହ ଅଞ୍ଚଳର ଛୋଟ ବ୍ୟବସାୟୀମାନଙ୍କ ପାଇଁ ରୋଜଗାରର ସୁଯୋଗ ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ଶୁଭ ଉଦଘାଟନ ଅବସରରେ ବିଧାୟକ ଶ୍ରୀ ପାଣିଗ୍ରାହୀ ହାଟର ସୁବ୍ୟବସ୍ଥା, ପରିମଳ ଓ ଲୋକଙ୍କ ସୁବିଧା ପ୍ରତି ଗୁରୁତ୍ୱ ଦେବାକୁ ସମ୍ପୃକ୍ତ ଅଧିକାରୀ ଓ ସ୍ଥାନୀୟ ପ୍ରତିନିଧିମାନଙ୍କୁ କହିଥିଲେ।ଦୀର୍ଘଦିନର ଦାବି ପୂରଣ ହୋଇ ଅଜୟଗଡରେ ସାପ୍ତାହିକ ହାଟ ଆରମ୍ଭ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଦେଇଛି।

ଏଥିପାଇଁ ଅଞ୍ଚଳବାସୀ ବିଧାୟକ ରୂପେଶ ପାଣିଗ୍ରାହୀଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ହାଟର ସୁବ୍ୟବସ୍ଥା ଓ ଉନ୍ନତି ପାଇଁ ଆହୁରି ପଦକ୍ଷେପ ନିଆଯିବ ବୋଲି ଆଶା ପ୍ରକାଶ କରିଛନ୍ତି।ଗୁମ୍ମା ବ୍ଲକରେ ବିଧାୟକଙ୍କ ସ୍ଥାନୀୟ ସମସ୍ୟା ସମାଧାନ ନେଇ ଗସ୍ତ ଓ ପଦକ୍ଷେପ ସମ୍ପର୍କରେ ସମ୍ପ୍ରତି ଅନ୍ୟ ଖବର ମଧ୍ୟ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମ ରେ ବିଧାୟକ ସମେତ ଗୁମ୍ମା ବ୍ଲକର ଗୋଷ୍ଠି ଉନ୍ନୟନ ଅଧିକାରୀ ଦେଲେରାମ ମାରାଣ୍ଡି , ଗୁମ୍ମା ବ୍ଲକ ତହସିଲଦାର ସହ ବିଭିନ୍ନ ଅଧିକାରୀ ବୁଦ୍ଧିଜିବୀ ପ୍ରମୁଖ ଉପସ୍ଥିତ ଥିଲେ

# ମାଲକାନଗିରି ସୁରକ୍ଷା ବାହିନୀକୁ ବଡ଼ ସଫଳତା

## ମାଓବାଦୀ ଡମ୍ପ ଠାବ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଓସାମଗ୍ରୀ ଜବତ

ମାଲକାନଗିରି,୨୬।୮(ଆନିସ): ମାଓବାଦୀ ବିରୋଧୀ ଅଭିଯାନରେ ମାଲକାନଗିରି ପୋଲିସକୁ ବଡ଼ ସଫଳତା । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସୁଚନା ଆଧାରରେ ମାଥିଲି ଥାନା ଅଧୀନ ଚେରକୋଟଲା, କିର୍ମିଟି, କୋଟୱାପଦର ଓ କଡ଼ାଭଟା ଜଙ୍ଗଲ ଅଞ୍ଚଳରେ ଡିଭିଏଫ୍ ଟିମ୍ ପକ୍ଷରୁ ଚାଲିଥିବା ସର୍ଚ୍ଚ ଅପରେସନ ସମୟରେ ଏକ ବଡ ମାଓ ଡମ୍ପ ଠାବ କରିଛି ପୋଲିସ୍ ।



ଏହି ଅଞ୍ଚଳଟି ଛତିଶଗଡ଼ର ବସ୍ତର ଜିଲ୍ଲାର ଦରଭା ଥାନା ଏବଂ ସୁକମା ଜିଲ୍ଲାର ପୁଷପାଲ ଥାନା ଅଞ୍ଚଳ ସୀମାକୁ ଲାଗି ରହିଛି । ଠାବ ହୋଇଥିବା ଡମ୍ପରୁ ୩ ବନ୍ଧୁକ ସହ , ବିସ୍ଫୋରକ, କ୍ଲେମୋର ମାଇନ୍ ସମେତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମାଓବାଦୀ ସାମଗ୍ରୀ ଜବତ ହୋଇଛି । ଏହି ଅସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ସାଧାରଣ ଲୋକ ଏବଂ ସୁରକ୍ଷାବଳଙ୍କୁ ଟାର୍ଗେଟ କରିବା ପାଇଁ ମାଓବାଦୀମାନେ ବ୍ୟବହାର କରିବାକୁ ରଖିଥିବା ସନ୍ଦେହ କରାଯାଉଛି ।

ଜବତ ସାମଗ୍ରୀଗୁଡ଼ିକ ର ମାଓବାଦୀ କ୍ୟାଡରଙ୍କର ହୋଇଥିବା ବେଳେ ଚଳିତ ବର୍ଷ ଜୁନ୍ ମାସରେ ମଧ୍ୟ ମାଲକାନଗିରି ଜିଲ୍ଲାରୁ ୩ଟି ବଡ଼ ମାଓବାଦୀ ଡମ୍ପ ଠାବ କରାଯାଇଥିଲା । ମାଓବାଦୀମାନେ ଜଙ୍ଗଲରେ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଠାବ କରିବା ପାଇଁ ଓ ପକ୍ଷରୁ ନିୟମିତ କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଜାରି ରହିଛି ।

# ସେପ୍ଟେମ୍ବର ୩ରୁ ମାଲକାନଗିରି-ଭୁବନେଶ୍ୱର ବିମାନ ସେବା ଆରମ୍ଭ, ପ୍ରସ୍ତୁତି ଚୂଡ଼ାନ୍ତ

ମାଲକାନଗିରି, ୨୬।୮ (ଆନିସ): ମାଲକାନଗିରି ଜିଲ୍ଲାବାସୀଙ୍କ ପାଇଁ ଏକ ବଡ଼ ସୁଖବର। ସୀମାନ୍ତ ଜିଲ୍ଲା ମାଲକାନଗିରିରୁ ରାଜଧାନୀ ଭୁବନେଶ୍ୱରକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ଆଗାମୀ ସେପ୍ଟେମ୍ବର ୩ ତାରିଖରୁ ଏହି ବାଣିଜ୍ୟିକ ଉଡ଼ାଣ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେବ। ଏହାଦ୍ୱାରା ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ଜିଲ୍ଲାବାସୀଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି।ଏହି ବିମାନ ସେବା ପ୍ରାରମ୍ଭିକ ପର୍ଯ୍ୟାୟରେ ୯ ସିଟ୍ ବିଶିଷ୍ଟ ବିମାନ ମାଧ୍ୟମରେ ପରିଚାଳିତ ହେବ। ଏଥିପାଇଁ ଟିକେଟ୍ ବୁକିଂ ପ୍ରକ୍ରିୟାକୁ ସହଜ କରିବା ପାଇଁ ଏକ ସ୍ୱତନ୍ତ୍ର ଅନଲାଇନ୍ ପୋର୍ଟାଲ୍ ଖୁବ୍ ଶୀଘ୍ର ଉପଲବ୍ଧ ହେବ। ସାଧାରଣ ଜନତା ଏବଂ ଯାତ୍ରୀମାନେ ଘରେ ବସି ନିଜର ସିଟ୍ ବୁକ୍ କରିପାରିବେ। ଏହା ସହିତ ଯାତ୍ରୀମାନଙ୍କୁ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିମାନବନ୍ଦରର ରନୱେ ଏବଂ ସୁରକ୍ଷା ବ୍ୟବସ୍ଥାର ଟ୍ରାଏଲ୍ ରନ୍ ମଧ୍ୟ ସଫଳତାର ସହ ଶେଷ ହୋଇଛି। ଏହି ଅବସରରେ

ଜିଲ୍ଲାପାଳ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମାଲକାନଗିରିରୁ ଭୁବନେଶ୍ୱର ବିମାନ ସେବା ଆରମ୍ଭ ହେବା ଯାହା ଜିଲ୍ଲା ପାଇଁ ଏକ ଐତିହାସିକ ସଫଳତା। ଏହା କେବଳ ଯାତ୍ରୀମାନଙ୍କ ସମୟ ବଞ୍ଚାଇବ ନାହିଁ, ବରଂ ସ୍ଥାନୀୟ ଅଞ୍ଚଳରେ ସାମାଜିକ ସଂଯୋଗ, ପର୍ଯ୍ୟଟନର ବିକାଶ ଏବଂ ଆର୍ଥିକ ପ୍ରଗତିର ଏକ ନୂତନ ଦିଗ ଉନ୍ମୋଚନ କରିବ। ଯାତ୍ରୀମାନେ ସହଜରେ ଅନଲାଇନ୍ ମାଧ୍ୟମରେ ନିଜର ଟିକେଟ୍ ବୁକ୍ କରି ଏହି ସେବାର ଲାଭ ଉଠାଇବାକୁ ଅନୁରୋଧ କରିଛନ୍ତି ଜିଲ୍ଲାପାଳ। ଏହି ନୂତନ ବିମାନ ସେବା ଦ୍ୱାରା ଜିଲ୍ଲାରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବ୍ୟବସାୟିକ କ୍ଷେତ୍ରରେ ବ୍ୟାପକ ସୁଧାର ଆସିବ ବୋଲି ଆଶା କରାଯାଉଛି।

# ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷିଣ ଅନୁଷ୍ଠାନ ଦ୍ୱାରା ୩୫ଜଣ ମହିଳା ତାଲିମାର୍ଥୀ

## "ବସ୍ତ୍ର ଓ ଚିତ୍ର କଳା ତାଲିମ" କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବ ଅନୁଷ୍ଠିତ



ପାରଳାଖେମୁଣ୍ଡି,୨୬।୮(ଆନିସ): ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷିଣ ଅନୁଷ୍ଠାନ ଦ୍ୱାରା ୩୫ଜଣ ମହିଳା ତାଲିମାର୍ଥୀ ''ବସ୍ତ୍ର ଓ ଚିତ୍ର କଳା ତାଲିମ'' କାର୍ଯ୍ୟକ୍ରମର ଶୁଭ ଉଦଘାଟନୀ ଉତ୍ସବ ୟୁନିୟନ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଶ୍ରେଣୀ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି ଏହି ୩୧ ଦିନିଆ ତାଲିମ କାର୍ଯ୍ୟକ୍ରମଟି ସ୍ଥାନୀୟ ୟୁନିୟନ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ, ଗଜପତିରେ ଚାଲୁରହିବ ଏଥିରେ ଗଜପତି ଜିଲ୍ଲାର ୭ଗୋଟି ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତର ମହିଳା ମାନଙ୍କୁ ବସ୍ତ୍ର ଓ ଚିତ୍ର କଳା ତାଲିମ ଦିଆଯିବ। ଏଥିରେ ମୋଟ ୩୫ ଜଣ ମହିଳାଉପସ୍ଥିତଥିଲେ ।ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀମାନ ତିମନ ବାରା, ଓଡ଼ିଶା ଜୀବିକା ମିଶନ ତଥା ମିଶନ ଶକ୍ତି-ଗଜପତି ଏବଂ ଶ୍ରୀମାନ ଅଭିଷେକ ମିଶ୍ର, ମୁଖ୍ୟ ଜିଲ୍ଲା ବ୍ୟାଙ୍କ ପରିଚାଳକ ତଥା ନିର୍ଦ୍ଦେଶକ, ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷିଣ ଅନୁଷ୍ଠାନ ଗଜପତି, ସଭାପତିତ୍ୱ କରିଥିଲେ ତଥା ଶ୍ରୀମତୀ ଏ.ବାଲାମଣି ଆଚାରୀ, ପ୍ରଶିକ୍ଷିକା ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଲିମାର୍ଥୀ ମାନଙ୍କୁ ବସ୍ତ୍ର ଓ ଚିତ୍ର କଳା ତାଲିମ କରି ସ୍ୱରୋଜଗାର କରିବାକୁ ଉତ୍ସାହିତ କରିଥିଲେ ମହିଳା ତାଲିମ ପ୍ରତିଭାଗୀ ମାନଙ୍କୁ ଭାଷଣ ମାଧ୍ୟମରେ ବିଭିନ୍ନ ଉଦାହରଣ ଦେଇ ମନଯୋଗ ସହକାରେ ତାଲିମ ପ୍ରାପ୍ତ ହୋଇ ଭବିଷ୍ୟତରେ ଉତ୍ତରୋତ୍ତର ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ ଏବଂ ସମସ୍ତେ ଯେପରି ଭବିଷ୍ୟତରେ ନିଜେ ଜଣେ ସ୍ୱାବଲମ୍ବୀ ଭାବେ ରୋଜକାରୀକ୍ଷମ ଉଦ୍ୟୋଗୀ ହୋଇପାରିବେ । ବରିଷ୍ଠ ପ୍ରାଧ୍ୟାପକ ଶ୍ରୀମାନ ଦିଲ୍ଲୀପ କୁମାର ତନ୍ତି ଉପସ୍ଥିତ ରହି କାର୍ଯ୍ୟକୁ ସୁଚାର ରୂପେ ସମ୍ପାଦନା କରିଥିଲେ ଏବଂ ଅନୁଷ୍ଠାନର ପ୍ରାଧ୍ୟାପକ ତଥା ସଂଯୋଜକ ଶ୍ରୀମାନ ପ୍ରଦୀପ କୁମାର ଦାସ ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୟପୁରରେ ଧୁମଧାମରେ ମହମ୍ମଦଙ୍କ ଜୟନ୍ତୀ, ଶାନ୍ତି ଓ ଭାଇଚାରାର ବାର୍ତ୍ତା ଦେଲା ବିଶାଳ ଶୋଭାଯାତ୍ରା



ଜୟପୁର,୨୬।୮(ଆନିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଉତ୍ସାହ,ଶ୍ରଦ୍ଧା ଓ ଭକ୍ତିର ପରିବେଶ ମଧ୍ୟରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ପବିତ୍ର ଅବସରକୁ ନେଇ ସହରରେ ଦେଖିବାକୁ ମିଳିଥିଲା ଉତ୍ସବ ମୁଖର ପରିବେଶ। ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଜୟନ୍ତୀ ଅବସରରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଶାନ୍ତି, ସଦ୍ଭାବ, ଭାଇଚାରା ଓ ଏକତାର ବାର୍ତ୍ତା ନେଇ ବାହାରିଥିବା ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଲୋକେ ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ସମ୍ପ୍ରଦାୟର ଲୋକମାନେ ଏକାଠି ହୋଇ ଶୋଭାଯାତ୍ରାରେ ଯୋଗଦେଇଥିଲେ। ସୁସଜ୍ଜିତ ଶୋଭାଯାତ୍ରା ଜୟପୁର ସହରର ବିଭିନ୍ନ ରାସ୍ତା ପରିକ୍ରମା କରିଥିଲା।

ଶୋଭାଯାତ୍ରା ସମୟରେ ଲୋକଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦର ପରିବେଶ ଦେଖିବାକୁ ମିଳିଥିଲା। ତେବେ ଏହି ଆୟୋଜନର ମୁଖ୍ୟ ବାର୍ତ୍ତା ଥିଲା ଶାନ୍ତି ଓ ଭାଇଚାରା। ସମାଜରେ ପରସ୍ପର ମଧ୍ୟରେ ସଦ୍ଭାବ, ସହଯୋଗ ଓ ଏକତା ବଜାୟ ରଖିବାକୁ ଶୋଭାଯାତ୍ରା ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା।ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରବି ନନ୍ଦ ମଧ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେ ସମସ୍ତଙ୍କୁ ମହମ୍ମଦଙ୍କ ଜୟନ୍ତୀର ଶୁଭେଚ୍ଛା ଜଣାଇବା ସହ ଶାନ୍ତି, ସଦ୍ଭାବ ଓ ଭାଇଚାରାର ବାର୍ତ୍ତାକୁ ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ। ଜୟପୁର ଭଳି ଏକ ବହୁସଂସ୍କୃତି ଓ ବିଭିନ୍ନତାର ସହରରେ ଏଭଳି ଆୟୋଜନ ସାମାଜିକ ଏକତାର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି। ଧର୍ମ ଓ ସମ୍ପ୍ରଦାୟର ଭିନ୍ନତାକୁ ପଛରେ ପକାଇ ପରସ୍ପର ପ୍ରତି ସମ୍ମାନ, ଶାନ୍ତି ଓ ଭାଇଚାରାର ବାର୍ତ୍ତା ଦେଇଛି ଏହି ଶୋଭାଯାତ୍ରା।

ସାରା ସହରରେ ଏହି ଜୟନ୍ତୀ ପାଳନକୁ ନେଇ ଉତ୍ସବର ମାହୋଲ ଦେଖିବାକୁ ମିଳିଥିବା ବେଳେ, ଶାନ୍ତି ଓ ସଦ୍ଭାବର ବାର୍ତ୍ତା ସହ ଶୋଭାଯାତ୍ରା ଜୟପୁରବାସୀଙ୍କ ମନରେ ଏକତାର ଭାବନାକୁ ଆହୁରି ମଜବୁତ କରିଛି। ଭାଇଚାରା ଓ ସାମାଜିକ ସଦ୍ଭାବର ଏହି ବାର୍ତ୍ତା ସହ ଜୟପୁରରେ ମହମ୍ମଦଙ୍କ ଜୟନ୍ତୀ ପାଳନ ଏକତାର ନିଦର୍ଶନ ପାଲଟିଛି।

# ଜୟପୁରରେ ମଦର ଟେରେସାଙ୍କ ୧୧୬ତମ ଜନ୍ମ ବାର୍ଷିକୀ ପାଳନ

ଜୟପୁର,୨୬।୮(ଆନିସ): ମାନବ ସେବାକୁ ଜୀବନର ମୂଳ ଲକ୍ଷ୍ୟ କରିଥିବା ମଦର ଟେରେସାଙ୍କ ୧୧୬ତମ ଜନ୍ମ ବାର୍ଷିକୀ ଅବସରରେ ଜୟପୁରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅସୁସ୍ଥ, ଦୁର୍ବଳ, ଅସହାୟ ଓ ନିରାଶ୍ରୟଙ୍କ ସେବା ପାଇଁ ନିଜ ଜୀବନକୁ ସମର୍ପିତ କରିଥିବା ମଦର ଟେରେସାଙ୍କ ମାନବୀୟ ସେବା ଓ ତ୍ୟାଗକୁ ସ୍ମରଣ କରି ଏହି ଆୟୋଜନ କରାଯାଇଥିଲା ।ଜୟପୁର ସ୍ଥିତ ଟାଉନ ହଲ ଠାରେ ମଦର ଟେରେସାଙ୍କ ୧୧୬ତମ ଜନ୍ମ ବାର୍ଷିକୀ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ 'ମଣିଷର ସେବା ହିଁ ଭଗବାନଙ୍କ ସେବା' ବାର୍ତ୍ତାକୁ ନେଇ ମାନବ ସେବାର ମହତ୍ତ୍ୱ ଉପରେ ଆଲୋଚନା ଓ ସ୍ମୃତିଚାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପାଡାଲ ଓ ପୂର୍ବତନ ସାଂସଦ ଝିନ୍ନ ହିକକା ଅତିଥି ଭାବେ ଯୋଗ



ଦେଇଥିଲେ । ମଦର ଟେରେସାଙ୍କ ମାନବ ସେବା, ଦୟା, ତ୍ୟାଗ ଓ ନିଷ୍ଠାପର ଜୀବନ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ନିଜ ମତ ରଖି ଥିଲେ। ବିଶେଷକରି ଅସହାୟ, ରୋଗୀ, ନିରାଶ୍ରୟ ଓ ସମାଜର ଅବହେଳିତ ବର୍ଗଙ୍କ ପାଇଁ ମଦର ଟେରେସା କରିଥିବା ସେବାକୁ ଏହି ଅବସରରେ ସ୍ମରଣ କରାଯାଇଥିଲା । ତାଙ୍କ ଜୀବନ ଓ ଆଦର୍ଶ ଆଜି ମଧ୍ୟ ସମାଜକୁ ମାନବ ସେବା ଓ ପରୋପକାରର ପଥରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଛି। ଇନ୍ଦ୍ରା ଲକ୍ଷ୍ମୀ ପଣ୍ଡା ମେମୋରିଆଲ ଟ୍ରଷ୍ଟ ତରଫରୁ ଆୟୋଜନ କରାଯାଇଥିଲା । ମଦର ଟେରେସାଙ୍କ ମାନବ ସେବାର ଆଦର୍ଶକୁ ସ୍ମରଣ କରି ଜୟପୁରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାନବିକତା, ସେବା ଓ ସମାଜ ପ୍ରତି ଦାୟିତ୍ୱର ଏକ ସୁନ୍ଦର ବାର୍ତ୍ତା ଦେଇଥିଲା। ଏହି କାର୍ଯ୍ୟକ୍ରମ ରେ ଉପ ସଭାପତି ପ୍ରବୀନ ରାଜପାତ୍ର,ସମାଜସେବୀ ସଲମନ ଖୋସଲ୍ଲା ,ଅନିଲ କୁମାର ତୁରୁକ, ଅମିତ ଖୋସଲ୍ଲା, ଯୋଗେନ୍ଦ୍ର ସିଂ, ଡେଭିଟ ଦୀନବନ୍ଧୁ, ଆସମାଇଲ ପାତ୍ର ଙ୍କ ସମେତ ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ।

# ମାଲକାନଗିରି ଜିଲ୍ଲାରେ ଭୁଶୁଡ଼ି ପଡିଛି ଶିକ୍ଷା ବ୍ୟବସ୍ଥା

## ୧୯୪୦ ରେ ଆରମ୍ଭ ହୋଇଥିବା ବିଦ୍ୟାଳୟର ନାହିଁ ନିଜସ୍ୱ ଘର

ଚିତ୍ରକୋଣ୍ଡା,୨୫।୮(ଆନିସ):ମାଲକାନଗିରି ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଲାଗି ରହିଥିବା ଅବ୍ୟବସ୍ଥାକୁ ନେଇ ସର୍ବଦା ଚର୍ଚ୍ଚାରେ ରହିଆସିଛି।ଶିକ୍ଷା ବ୍ୟବସ୍ଥାର ଅଗ୍ରଗତି ପାଇଁ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ଯୋଜନା ପ୍ରାଣୟନ କରିବା ସହିତ ଏଥି ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରୁଛନ୍ତି। କିନ୍ତୁ ସେଥିରେ କେତେକ ବିଦ୍ୟାଳୟରେ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଆବଶ୍ୟକ ଶିକ୍ଷକ ନାହାନ୍ତି,ଆଉ କେଉଁଠି ଭିତ୍ତି ଭୂମି, ସ୍କୁଲ ଗୃହ ନାହିଁ ଏବଂ କେଉଁଠି ଶୌଚାଳୟ, ସୁରକ୍ଷା ପାଚେରୀ ଓ ଆବଶ୍ୟକୀୟ ଆନୁସାଙ୍ଗିକ ସାମଗ୍ରୀ ନାହିଁ।କେଉଁଠି ରକ୍ଷଣା ବେକ୍ଷଣ ଅଭାବରୁ ସ୍କୁଲ ଗୃହ ଗୁଡିକ ଭଗ୍ନ ଓ ଜରାଜୀର୍ଣ ଅବସ୍ଥାରେ ପଡି ରହିଛି।ଏଭଳି ସ୍ଥିତିରେ ପିଲାମାନେ ବିପଦ ସଂକୁଳ ଅବସ୍ଥାରେ ଏବଂ ଅସ୍ୱାସ୍ଥ୍ୟକର ପରିବେଶ ରେ କାହା ବାରଣ୍ଡାରେ, ଗଛ ତଳେ ବସି ପାଠ ପଢିବାକୁ ବାଧ ହେଉଛନ୍ତି।ଏ ସମସ୍ତ ଦାଇତ୍ୱରେ ଥିବା ଅଧିକାରୀଙ୍କ ଦାୟିତ୍ୱ ଶୂନ୍ୟତା ଓ ଅପରଗତା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳ ତଥା ଚିତ୍ରକୋଣ୍ଡା ବ୍ଲକ ରାଲେଗାଡା ପଞ୍ଚାୟତ ଅଧୀନ ଶୁଆପାଲି ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବହୁ ବ୍ୟତିକ୍ରମ ଘଟିଥିବା ଦେଖିବାକୁ ମିଳିଛି। ୧୯୪୦ ମସିହାରେ ଶିକ୍ଷା ବିଭଗ ପକ୍ଷରୁ ପ୍ରଥମରୁ ୫ମ ଶ୍ରେଣୀକୁ ନେଇ ଏକ ବିଦ୍ୟାଳୟ ଆରମ୍ଭ କରାଯାଇଥିଲା।ବର୍ତ୍ତମାନ ଏହି



ବିଦ୍ୟାଳରେ ବାଲବାଟିକାରେ ୬, ପ୍ରଥମରେ ୩, ଦ୍ୱତୀୟରେ ୪,ତୃତୀୟ ରେ ୩, ଚତୁର୍ଥରେ ୧ ଏବଂ ପଞ୍ଚମରେ ୧ ମୋଟ ୧୮ ଜଣ ପିଲାଙ୍କୁ ପ୍ରଧାନ ଶିକ୍ଷକ କଲ୍ୟାଣ ସୂତ୍ରଧର ଏବଂ ଜଣେ ସହକାରୀ ଶିକ୍ଷୟତ୍ରୀ ରିଙ୍କିଲ ପଣ୍ଡା ପାଠ ପଢ଼ାଉଛନ୍ତି।କିନ୍ତୁ ବହୁ ବିଡମ୍ବନାର ବିଷୟ ଏହିକି ଯେ, ଶିକ୍ଷା ବିଭାଗ ପକ୍ଷରୁ ଏହି ଶୁଆପାଲି ଗ୍ରାମରେ ଗତ ୧୯୮୦ ମସିହାରୁ ଆରମ୍ଭ ହୋଇଥିବା ଏହି ବିଦ୍ୟଳୟ ଆଜକୁ ଦୀର୍ଘ ୪୬ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ବିଦ୍ୟାଳୟର ଆଜି ପର୍ଯ୍ୟନ୍ତ ନିଜସ୍ୱ ସ୍କୁଲ ଗୃ, ରୋଷେଇ ଘର ଏବଂ ଶୌଚାଳୟଟିଏ ବିଭାଗ ଶିକ୍ଷା ବିଭାଗ କିମ୍ବା ପ୍ରଶାସନଙ୍କ ପକ୍ଷରୁ ଆଦୌ ନିର୍ମାଣ କରାଯାଇନାହିଁ।ଯାହା ଫଳରେ ଦୀର୍ଘ ୪୬ ବର୍ଷ ହେବ ନିରୁପାୟ ହୋଇ ଉକ୍ତ ଗ୍ରାମର ସନ୍ୟାସୀ ରାଓ ସଙ୍ଗିନୀ ନାମକ ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ବିପଦ ସଂକୁଳ ଅବସ୍ଥାରେ ଏବଂ ଅସ୍ୱାସ୍ଥ୍ୟକାର ପରିବେଶରେ ବସି ପାଠ ପଢିବାକୁ ବାଧ ହେଉଛନ୍ତି। ସ୍କୁଲ ଘର ନ ଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷା ପ୍ରତି ମାସରେ ନିଜ ବେତନରୁ ସ୍କୁଲ ପାଇଁ ଘରଭଡା ବାବଦରେ ୫ ଶହ ଟଙ୍କା ଘର ମାଲିକଙ୍କୁ ଦେଉଛନ୍ତି। ସ୍କୁଲ ଗ୍ରହ ନ ଥିବାରୁ ସ୍କୁଲର ସମସ୍ତ ଜରୁରୀ ନଥି ପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଗ୍ରାମର କିଛି ଲୋକଙ୍କ ଘରେ ରଖାଯାଇଛି। ପିଲାଙ୍କ ପାଇଁ ରୋଷେଇ ଘର ନ ଥିବାରୁ ସ୍କୁଲ ଠାରୁ ପ୍ରାୟ ୨ ଶହ ମିଟର ଦୂରରେ ରହୁଥିବାର ରିସେୟା କାନ୍ତାମା ସଙ୍ଗିନୀ ଏବଂ ହେଲ୍ପର ୱାରାଲାମା ବୂଟାଲଙ୍କ ଘରେ ପିଲାଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ପିଲାମାନଙ୍କୁ ଖାଇବାକୁ ଦିଆଁଯାଉଛି। ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟା ଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ଗ୍ରାମ ଓ ଅଞ୍ଚଳବାସୀ ବହୁବାର ବି ବିଭାଗୀୟ କତୃପକ୍ଷ ଏବଂ ପ୍ରଶାସିନକ ଅଧିକାରୀଙ୍କ ନିକଟରେ ଦାବି କରିବା ପରେ ଶିକ୍ଷା ବିଭାଗ ପକ୍ଷରୁ ତଥା ସ୍କୁଲ ଓ ମାସ ଏଜୁକେଶନ ବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଯୋଜନାରେ ଗତ ୨୦୨୧ ମସିହାରେ ଉକ୍ତ ଶୁଆପାଲି ଗ୍ରାମରେ ପ୍ରାୟ ୧୩ ଲକ୍ଷ୍ୟ ୬୫ ହଜାର ଟଙ୍କା ବ୍ୟୟରେ ଏକ ସ୍କୁଲ ଗୃହ ସାଙ୍ଗକୁ ରୋଷେଇ ଘରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କୌଣସି କାରଣରୁ ଏହି ଦୁଇଟି ଗୃହର ନିର୍ମାଣ କାର୍ଯ୍ୟ ଦୀର୍ଘ ୫ ବର୍ଷ ହେବ ଅଧାପନ୍ତରିଆ ଓ ଜରାଜୀର୍ଣ ଅବସ୍ଥାରେ ପଡ଼ିରହିଛି। ବର୍ତ୍ତମାନ ଅଞ୍ଚଳରେ ଲଗାଣ ବର୍ଷା ଜାରୀ ରହିଥିବାରୁ ପିଲାମାନେ ବରଣ୍ଡାରେ ଓଦା ହୋଇ ବସି ପାଠ ପଢିବା କଷ୍ଟସାଧ ହୋଇପଡୁଛି। ଏ ସମ୍ପର୍କରେ ସ୍କୁଲ କତୃପକ୍ଷ, ଅଭିଭାବକ ଏବଂ ଅଞ୍ଚକବାସୀ ବହୁବାର ସ୍କୁଲ ପ୍ରଦର୍ଶନରେ ଆସିଥିବା ସିଆରସିସି, ଚିତ୍ରକୋଣ୍ଡା ଏବିଇଓ ବିଇଓ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଖାଲି ଏତିକି ନୁହେଁ ବ୍ଲକ ପ୍ରଶାସନ ପକ୍ଷରୁ ଧୁଳିପୁଟ ଓ ରାଲେଗାଡା ପଞ୍ଚାୟତରେ ହୋଇଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିବା ପରେ ବି ଏହାର ସ୍ଥାୟୀ ସମାଧାନ ଦିଗରେ କେହି ଦୃଷ୍ଟି ଦେଉ ନ ଥିବା ସ୍କଲ ପରିଚାଳନା କମିଟିର ସଭାପତି ପ୍ରେମ ସାଗର ମଣ୍ଡାପାଲି, ଗ୍ରାମର ସନ୍ୟାସୀ ରାଓ ସଙ୍ଗିନୀ, ମୋହନ ରାଓ ଇନ୍ତେଙ୍ଗ, ସୋମେଶ ଗୋବେଲ, ସଲମାନ କର୍ତ୍ତାମୀ, ବୁଞ୍ଜିବାବୁ ମାଢି, ଶିବାୟ ସାଙ୍ଗନୀ, ବାଲରାଜୁ ମାଡ଼କାମୀ, ଚିନାରାଓ ମାଡ଼କାମୀ, ଚିଟିବାବୁ ବୂଟାରୀ, ପେଟୁ ଗେବେଲଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଏ ସମ୍ପର୍କରେ ଉକ୍ତ ବିଦ୍ୟାଳୟ ଦାୟିତ୍ୱରେ ଥିବା ସିଆରସିସି ବାବୁଲା କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅନେକ ଥର ଶିକ୍ଷା ବିଭାଗର ଅଧିକାରୀ ମାନେ ଉକ୍ତ ସ୍କୁଲ ପରିଦର୍ଶନ

କରି ଯାଉଛନ୍ତି ସେମାନେ ସ୍କୁଲ ଘର ନାହିଁ ବୋଲି ଜାଣିଛନ୍ତି ବୋଲି ସେ କହିଥିଲେ। ଏ ସମ୍ପର୍କରେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀଙ୍କୁ ପଚାରିବାରୁ ସେ କହିଛନ୍ତି, ଆମ ବ୍ଲକରେ କେଉଁଠି ଘର ନାହିଁ, ଘର ଭାଙ୍ଗି ଯାଇଛି ସେ ସବୁର ତାଲିକା ପ୍ରସ୍ତୁତ କରି ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମୁଁ ଉଚ୍ଚ କତୃପକ୍ଷଙ୍କ ନିକଟକୁ ରିପୋର୍ଟ ପଠାଇଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତ ରଞ୍ଜନ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ଏହି ଘଟଣା ସମ୍ପର୍କରେ କଣ ହୋଇଛି ପଚାରି ବୁଝିବି। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ନୂତନ ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ କାହିଁକି ବନ୍ଦ ରହିଛି ବୋଲି ସମଗ୍ର ଶିକ୍ଷା ବିଭାଗର ସହକାରୀ ଯନ୍ତ୍ରୀ ସରୋଜ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି ଯେ,ମୁଁ ବାହାରେ ଅଛି ଅଫିସରୁ ଏ ବିଷୟରେ କଣ ହୋଇଛି ବୁଝି କହିବି ବୋଲି କହିଥିଲେ। ଏ ସମ୍ପର୍କରେ ଉକ୍ତ ଗୃହ ନିର୍ମାଣ ଦାଇତ୍ୱରେ ଥିବା ସମଗ୍ର ଶିକ୍ଷା ଯୋଜନାର କନିଷ୍ଠ ଯନ୍ତ୍ରୀ ଶରତ ଚର୍ଚ୍ଚିଙ୍କୁ ପଚାରିବାରୁ ସେ କହିଲେ, ଶ୍ୟାମଲ ହାଲଦାର ନାମକ ଜଣେ ଠିକାଦାର ଏହି ଘର କାମ କରୁଥିଲା। ମଝିରେ ଘର ବାବଦରେ ଅନୁଦାନ ରାଶି ନ ଆସିବାରୁ କାମ ବନ୍ଦ ଥିଲା। ବର୍ତ୍ତମାନ ଏ ବାବଦରେ ଫଣ୍ଡ ଆସିଛି। ଆସନ୍ତା ସେପ୍ଟେମ୍ବର ୧୫ ସୁଧା ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ ବୋଲି ସେ କହିଛନ୍ତି। ଦୀର୍ଘ ୪୬ ବର୍ଷ ହେବ ଶୁଆପାଲି ଗ୍ରାମରେ ସ୍କୁଲ ଗୃହ ନାହିଁ ଏ ସମ୍ପର୍କରେ ଶିକ୍ଷା ବିଭାଗର କତୃପକ୍ଷ ଏବଂ ପ୍ରଶାସନିକ ଅଧିକାରୀ ଏ ସମ୍ପର୍କରେ କମିତି ଜାଣି ପାରିଲେନି, ଯଦି ଏ ସମ୍ପର୍କରେ ସବୁ ଜାଣି ଥିଲେ ତେବେ ସମସ୍ତେ ଏହାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷପ ଗ୍ରହଣ ନ କରି କେମିତି ଚୁପ ରହିଛନ୍ତି ଏହାକୁ ନେଇ ଜନ ସାଧାରଙ୍କ ମନରେ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି.।

# ଟିପିଗୁଡା ଆମ ବ୍ୟାଙ୍କ ସିଏସପି ପ୍ଲୁସରେ ତାଲା ଝୁଲୁଛି

ଧର୍ମଗଡ଼,୨୬।୮(ଆନିସ): ହାତ ପାଆନ୍ତାରେ ଗ୍ରାମାଞ୍ଚଳରେ ଲୋକଙ୍କୁ ବ୍ୟାଙ୍କିଂ ସେବା ଯୋଗାଇ ଦେବା ନେଇ ପୂର୍ବ ସରକାର ଆମ ବ୍ୟାଙ୍କ ସିଏସପି ପ୍ଲସ ବ୍ୟାଙ୍କ ନଥିବା ପଞ୍ଚାୟତ ଗୁଡିକରେ ସ୍ଥାପନ କରିଥିଲେ । ସେଠାରେ ଅଞ୍ଚଳର ବ୍ୟାଙ୍କ ଖାତା ଧାରି ମାନେ ଟଙ୍କା ଜମା କରିବା, ଟଙ୍କା ଉଠାଇବା ଓ ବ୍ୟାଙ୍କ ଖାତା ଖୋଲିବା ଭଳି ଅନେକ ବ୍ୟାଙ୍କ ସମ୍ବଧୀୟ କାର୍ଯ୍ୟ କରୁଥିଲେ । ଏହି ସମସ୍ତ କାର୍ଯ୍ୟ ସମ୍ପାଦନା କରିବା ପାଇଁ ଜଣକୁ ନିଯୁକ୍ତି ପ୍ରଦାନ କରାଯାଇ ଥିଲା । ଠିକ ସେହି ପରି ଧର୍ମଗଡ଼ ବ୍ଲକ ଟିପିଗୁଡା ପଞ୍ଚାୟତରେ ମଧ୍ୟ ଏକ ଆମ ବ୍ୟାଙ୍କ ସିଏସପି ସ୍ଥାପନ କରାଯାଇ ମନୋଜ ନାଏକଙ୍କୁ ଦାୟୀତ୍ୱ ଦିଅଯାଇଥିଲା । ସେ ଠିକ ଭାବରେ ସେହି କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ । ହେଲେ ହଟାତ ତାଙ୍କ ମୃତ୍ୟୁ ହୋଇ ଯିବାରୁ ଆଜକୁ ପ୍ରାୟ




ଏକ ବର୍ଷ ହେବ ସେହି ଆମ ବ୍ୟାଙ୍କରେ ତାଲା ଝୁଲୁଛି । ଫଳରେ ଅଂଚଳର ଅନେକ ଗ୍ରାହକ ନୂତନ ଖାତା ଖୋଲିବା,ନିଜ ଟଙ୍କା ଜମା କରିବା ଓ ଟଙ୍କା ଉଠାଇବାରେ ଅନେକ ଅସୁବିଧା ଭୋଗୁଛନ୍ତି । ଯାହା ମାଗଣାରେ ସେବା ପାଉଥିଲେ ତାହା ବର୍ତ୍ତମାନ ଟଙ୍କା ଦେଇ ସେବା ପାଇବା ସଙ୍ଗେ ଅଯଥାରେ ଖର୍ଚ୍ଚାନ୍ତର ହେଉଛନ୍ତି । ମୁଖ୍ୟତ ଆକାଉଣ୍ଟ ମଧ୍ୟମରେ ଭତ୍ତା ପାଉଥିବା ବୃଦ୍ଧ ବୃଦ୍ଧା,ବିକଳାଙ୍ଗ ଓ ଗର୍ଭବତୀ ମହିଳା ନାଇନଥିବା ଅସୁବିଧା ଭୋଗୁଛନ୍ତି ।

ଏସମ୍ପର୍କରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଧର୍ମଗଡ଼ ଶାଖା ମ୍ୟାନେଜରଙ୍କୁ ପଚାରିବାରୁ ଜଣକୁ ଦାୟିତ୍ୱ ଦିଆଯାଇଛି ଖୁବ ଶୀଘ୍ର ଖୋଲା ଯିବ ବୋଲି ପ୍ରକାଶ କରିଥିବା ବେଳେ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ଟିପିଗୁଡା ଠାରେ ବନ୍ଦ ଥିବା ଆମ ବ୍ୟାଙ୍କକୁ ଯଥା ଶୀଘ୍ର ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବୀ ହେଉଛି ।

# ନଦୀରେ ବୁଡ଼ି ହଷ୍ଟେଲ ଛାତ୍ର ମୃତ୍ୟୁର ତଦନ୍ତ କି କାର୍ଯ୍ୟାନୁଷ୍ଠାନ ହେଉନି !

## ରାତିରେ ଛାତ୍ର ହଷ୍ଟେଲ ବାହାରକୁ ଗଲେ କେମିତି , ହଷ୍ଟେଲ ସୁରକ୍ଷା ଏସ୍‌ଓପି ପାଳନ ଓ ତଦାରଖକୁ ନେଇ ଉଠିଲା ପ୍ରଶ୍ନ

ରାୟଗଡ଼ା,୨୬।୮(ଆନିସ): ନାଗାବଳୀ ନଦୀରେ ବୁଡ଼ି ବୁଢ଼ାଗୁଡ଼ା ଉଚ୍ଚ ବିଦ୍ୟାଳୟର ହଷ୍ଟେଲ ଛାତ୍ର ଜଗନ୍ନାଥ ମାଝିଙ୍କ ମୃତ୍ୟୁ ଘଟଣା ପରେ ଜିଲ୍ଲାର ଆବାସିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ହଷ୍ଟେଲର ଶୌଚାଳୟ ଭାଙ୍ଗିଥିବାରୁ ଛାତ୍ର ରାତିରେ ଶୌଚ ପାଇଁ ବାହାରକୁ ଯାଇଥିବା ଏବଂ ନାଗାବଳୀ ନଦୀରେ ଭାସିଯାଇଥିବା ନେଇ ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ତେବେ ଏହି ଘଟଣା ହଷ୍ଟେଲ ପରିଚାଳନାରେ ରହିଥିବା ବ୍ୟବସ୍ଥା ଓ ତଦାରଖର ଗୁରୁତର ଅଭାବକୁ ପଦାକୁ ଆଣିଛି।


ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସୂଚନା ଅନୁଯାୟୀ, ହଷ୍ଟେଲର କିଛି ଶୌଚାଳୟ ଭାଙ୍ଗିଥିବାରୁ ମରାମତି କାର୍ଯ୍ୟ ଚାଲିଥିଲା। ଶନିବାର ରାତିରେ ଛାତ୍ର ଜଗନ୍ନାଥ ଶୌଚ ପାଇଁ ଯାଇଥିବାବେଳେ ନାଗାବଳୀ ନଦୀରେ ଭାସିଯାଇଥିବା କୁହାଯାଇଛି। ପରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଶବ ବ୍ୟବଚ୍ଛେଦ ପରେ ଶିକ୍ଷକଙ୍କ ସହାୟତାରେ ପରିବାରବର୍ଗ ମୃତଦେହ ନେଇ ଯାଇଥିବା ଜଣାପଡ଼ିଛି। ଘଟଣା ପରେ ବିଦ୍ୟାଳୟ ଓ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ତେବେ ଏଠାରେ ମୁଖ୍ୟ ପ୍ରଶ୍ନ ହେଉଛିହଷ୍ଟେଲର ଶୌଚାଳୟ ମରାମତି ଚାଲିଥିଲେ ଛାତ୍ରମାନଙ୍କ ପାଇଁ ବିକଳ୍ପ ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା କି? ଯଦି ବିକଳ୍ପ ବ୍ୟବସ୍ଥା ଥିଲା, ତେବେ ଜଣେ ଛାତ୍ର ରାତିରେ ହଷ୍ଟେଲ ବା ବିଦ୍ୟାଳୟ ପରିସର ବାହାରକୁ କିପରି ଗଲେ? ଏତେ ବଡ଼ ହଷ୍ଟେଲରେ ରାତିରେ ଛାତ୍ରଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ କିଏ ଦାୟିତ୍ୱରେ ଥିଲେ? ଏସବୁ ପ୍ରଶ୍ନ ଏବେ ଅଭିଭାବକ ଓ ସାଧାରଣ ଲୋକଙ୍କ ମନରେ ଉଠିଛି।ସୂଚନା ଅନୁସାରେ, ବୁଢ଼ାଗୁଡ଼ା ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ପ୍ରାୟ ୨୩୦ ଜଣ ଛାତ୍ର ରହୁଛନ୍ତି। ସେମାନଙ୍କ ପାଇଁ ୪୦ଟି ଶୌଚାଳୟ ଥିବାବେଳେ ସେଥିରୁ ୨୦ଟିର ମରାମତି କାମ ଚାଲିଥିବା ବିଦ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏଭଳି ସ୍ଥିତିରେ ଅବଶିଷ୍ଟ ଶୌଚାଳୟଗୁଡ଼ିକ କେତେ ମାତ୍ରାରେ ବ୍ୟବହାରଯୋଗ୍ୟ ଥିଲା ଏବଂ ଛାତ୍ରମାନଙ୍କୁ ବିକଳ୍ପ ବ୍ୟବସ୍ଥା କ'ଣ ଦିଆଯାଇଥିଲା, ତାହାର ଯାଞ୍ଚ ଆବଶ୍ୟକ ହୋଇପଡ଼ିଛି।ରାତିର ସୁରକ୍ଷା ବ୍ୟବସ୍ଥା କେତେ ଦୃଢ଼ ହଷ୍ଟେଲ ପରିଚାଳନା ମାର୍ଗଦର୍ଶିକାରେ ଅନ୍ତେବାସୀଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ସ୍ୱତନ୍ତ୍ର ଏସ୍‌ଓପି ପାଳନର ବ୍ୟବସ୍ଥା ରହିଥିବା କୁହାଯାଉଛି। ଏହାର ତଦାରଖ ପାଇଁ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କଠାରୁ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ହଷ୍ଟେଲ ଯାଞ୍ଚ କରି ରିପୋର୍ଟ ଦେବାର ପ୍ରାବଧାନ ରହିଛି। ଏହି ନିୟମ ବୁଢ଼ାଗୁଡ଼ା ହଷ୍ଟେଲରେ କେତେଦୂର ପାଳନ ହୋଇଥିଲା, ତାହା ଏବେ ତଦନ୍ତର ବିଷୟ। ଅଭିଯୋଗ ହେଉଛି, ଛାତ୍ରାବାସରେ ରାତି ସମୟରେ ରୋଷେୟା ଓ ସେବାୟତମାନେ ଅନ୍ତେବାସୀଙ୍କ ସହ ରହିବାର ନିୟମ ଥିଲେ ମଧ୍ୟ ଅନେକ ସ୍ଥାନରେ ଏହା ପାଳନ ହେଉନାହିଁ। ଦାୟିତ୍ୱରେ ଥିବା କର୍ମଚାରୀ ଓ ଶିକ୍ଷକମାନେ ରାତିରେ ହଷ୍ଟେଲରେ ଉପସ୍ଥିତ ରହୁଛନ୍ତି କି ନାହିଁ, ତାହାର ନିୟମିତ ଯାଞ୍ଚ ହେଉଛି କି ନାହିଁଏହି ପ୍ରଶ୍ନ ମଧ୍ୟ ଉଠିଛି। ରାୟଗଡ଼ା ଜିଲ୍ଲାର ଆବାସିକ ବିଦ୍ୟାଳୟଗୁଡ଼ିକୁ ନେଇ ଗତ କିଛି ଦିନ ଧରି ଏକାଧିକ ଅଭିଯୋଗ ସାମ୍ନାକୁ ଆସିଛି। ଅଳ୍ପଦିନ ତଳେ କୋଲନରା ବ୍ଲକର ରିଭଲକଣା ଆବାସିକ ବିଦ୍ୟାଳୟରେ କିଛି ବରିଷ୍ଠ ଛାତ୍ର କନିଷ୍ଠ ଛାତ୍ରଙ୍କୁ ମାଡ଼ ମାରିଥିବା ଘଟଣା ଚର୍ଚ୍ଚାକୁ ଆସିଥିଲା। ଏହା ପରେ ଆବାସିକ ବିଦ୍ୟାଳୟରେ ଛାତ୍ରଙ୍କ ସୁରକ୍ଷା, ଶୃଙ୍ଖଳା ଓ ନିରୀକ୍ଷଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ଏବେ ବୁଢ଼ାଗୁଡ଼ା ଘଟଣା ସେହି ପ୍ରଶ୍ନକୁ ଆହୁରି ତୀବ୍ର କରିଛି। ଗୋଟିଏ ପଟେ ଛାତ୍ରଙ୍କ ଉପରେ ହିଂସା ଅଭିଯୋଗ, ଅନ୍ୟପଟେ ରାତିରେ ହଷ୍ଟେଲରୁ ଛାତ୍ର ବାହାରି ନଦୀରେ ଭାସିଯିବା ଭଳି ଘଟଣା ଆବାସିକ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଛି।

ଜିଲ୍ଲାର ବିଭିନ୍ନ ଆବାସିକ ବିଦ୍ୟାଳୟରେ ୪୮ ହଜାରରୁ ଅଧିକ ଛାତ୍ରଛାତ୍ରୀ ପଢ଼ୁଥିବା ସୂଚନା ମିଳିଛି। ସେଥିମଧ୍ୟରୁ ପ୍ରାୟ ୨୩ ହଜାର ଛାତ୍ର ଓ ୨୫ ହଜାର ୪୦୦ ଛାତ୍ରୀ ରହିଛନ୍ତି। ଛାତ୍ରୀମାନଙ୍କ ପାଇଁ ମେଟ୍ରନ୍ ବ୍ୟବସ୍ଥା ଥିବାବେଳେ ଛାତ୍ରାବାସଗୁଡ଼ିକରେ ସମାନ ଢାଞ୍ଚାର ରାତ୍ରିକାଳୀନ ନିରୀକ୍ଷଣ ବ୍ୟବସ୍ଥା ନେଇ ପ୍ରଶ୍ନ ଉଠୁଛି। ଅଭିଭାବକଙ୍କ ଅଭିଯୋଗ, ହଷ୍ଟେଲରେ ରହୁଥିବା ଶତାଧିକ ଛାତ୍ରଙ୍କ ଦାୟିତ୍ୱରେ ଥିବା କର୍ମଚାରୀ ଓ ଶିକ୍ଷକଙ୍କ ଉପସ୍ଥିତି ଏବଂ ରାତ୍ରି ନିରୀକ୍ଷଣକୁ ନେଇ ଅନେକ ସ୍ଥାନରେ ଅବହେଳା ଦେଖାଯାଉଛି। ତେବେ ଏହି ଅଭିଯୋଗର ବାସ୍ତବତା ନିରପେକ୍ଷ ଯାଞ୍ଚ ପରେ ସ୍ପଷ୍ଟ ହେବ।

ମଙ୍ଗଳ ବିଭାଗ ଅଧୀନ ଆବାସିକ ବିଦ୍ୟାଳୟରେ ବାରମ୍ବାର ଅଘଟଣ ଘଟୁଥିବା ବେଳେ ପ୍ରତିଥର ତଦନ୍ତ ଘୋଷଣାରେ ମାମଲା ସୀମିତ ରହୁଥିବା ଅଭିଯୋଗ ହେଉଛି। ଯଦି ନିୟମିତ ତଦାରଖ ଓ ଏସ୍‌ଓପି ପାଳନ ହେଉଥାନ୍ତା, ତେବେ ବୁଢ଼ାଗୁଡ଼ା ଭଳି ଘଟଣାକୁ ରୋକାଯାଇପାରିଥାନ୍ତା କି ନାହିଁତାହା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଜଗନ୍ନାଥଙ୍କ ମୃତ୍ୟୁ ଏବେ କେବଳ ଏକ ଦୁଃଖଦ ଘଟଣା ହୋଇ ରହିନାହିଁ ଏହା ଜିଲ୍ଲାର ଆବାସିକ ବିଦ୍ୟାଳୟଗୁଡ଼ିକରେ ଛାତ୍ର ସୁରକ୍ଷା ବ୍ୟବସ୍ଥା କେତେ ପ୍ରସ୍ତୁତ ଓ ଦାୟିତ୍ୱବାନ, ସେନେଇ ବଡ଼ ପ୍ରଶ୍ନ ଠିଆ କରିଛି। ହଷ୍ଟେଲର ଶୌଚାଳୟ ମରାମତି ସମୟରେ ବିକଳ୍ପ ବ୍ୟବସ୍ଥା, ରାତ୍ରିକାଳୀନ ନିରୀକ୍ଷଣ, କର୍ମଚାରୀଙ୍କ ଉପସ୍ଥିତି, ଏସ୍‌ଓପି ପାଳନ ଏବଂ ନିୟମିତ ବିଭାଗୀୟ ତଦାରଖସବୁକିଛିର ନିରପେକ୍ଷ ଯାଞ୍ଚ ଏବେ ଜରୁରୀ ହୋଇପଡ଼ିଛି। ଅଭିଭାବକଙ୍କ ମହଲରେ ମଧ୍ୟ ଦାବି ହେଉଛି, କେବଳ ତଦନ୍ତ ନୁହେଁ, ଦୋଷୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ ସହ ଭବିଷ୍ୟତରେ ଏଭଳି ଅଘଟଣ ଯେପରି ନଘଟେ ସେଥିପାଇଁ କଠୋର ସୁରକ୍ଷା ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।

# ଏଚଡିଏଫସି ବ୍ୟାଙ୍କରେ ଅବ୍ୟବସ୍ଥା ଓ ମ୍ୟାନେଜରଙ୍କ ମନମାନୀ



ବ୍ରହ୍ମପୁର,୨୬।୮(ଆନିସ):ବର୍ତ୍ତମାନ ଅନଲାଇନରେ ସବୁକିଛି ହେଉଥିବା ବେଳେ ବ୍ୟାଙ୍କିଂ କର୍ତ୍ତପକ୍ଷଙ୍କ ଅସହଯୋଗ ଓ ମନମାନୀ ଯୋଗୁଁ ବହୁ ଗ୍ରାହକ ଅସନ୍ତୋଷ ପ୍ରକାଶ କରିବା ସହ ହନ୍ତସନ୍ତ ହେଉଛନ୍ତି। ସ୍ଥାନୀୟ ଏଚଡିଏଫସି ଗୋଷାଣୀନୂଆଗାଁ ଶାଖାରେ ଏପରି ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଛି। ମ୍ୟାନେଜରଙ୍କ କର୍ତ୍ତୃତ୍ୱ ନଥିବା ଭଳି ମନେ ହେଉଛି। ବ୍ୟାଙ୍କରେ ନାନା ପରିଚାଳନାଗତ ସମସ୍ୟା ଲାଗି ରହିଥିବା ଯୋଗୁଁ ଅନଲାଇନ କାରବାର ମଧ୍ୟ ପ୍ରଭାବିତ ହେଉଛି। ଅନଲାଇନରେ ଜଣକ ନାମରେ ଅର୍ଥ ପ୍ରେରଣ କରାଗଲେ ଅନ୍ୟଜଣକ ପାଖକୁ ଚାଲିଯାଉଥିବା ଏବଂ ଏଥିନେଇ ଅଭିଯୋଗ କଲେ ମ୍ୟାନେଜର ନିରବ ରହୁଛନ୍ତି। ଏଭଳି ବାରମ୍ବାର ହେଉଥିବା ବହୁ ଗ୍ରାହକ ଏଠାରେ କହିଛନ୍ତି। ଏଭଳି ତ୍ରୁଟିର କାରଣ ସମ୍ପର୍କରେ ମଧ୍ୟ ବ୍ୟାଙ୍କ ପକ୍ଷରୁ କୌଣସି ସ୍ପଷ୍ଟିକରଣ ଦିଆଯାଉନାହିଁ। ବର୍ତ୍ତମାନ ବ୍ୟାଙ୍କ କାରବାର ଉପରେ ଗ୍ରାହକ ନିର୍ଭର କରୁଥିବା ବେଳେ ସେମାନଙ୍କୁ ନିରାଶ ହେବାକୁ ପଡୁଛି।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନୟାଗଡ଼ ଜିଲ୍ଲା ଗସ୍ତ



ନୟାଗଡ଼, ୨୬।୮(ଆନିସ): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଏବଂ ସଦସ୍ୟା ଚନ୍ଦନା ଦାସ ନୟାଗଡ଼ ଜିଲ୍ଲା ଗସ୍ତ କରି ଜିଲ୍ଲାର ବିଭିନ୍ନ ଶିଶୁ ସେବା ଅନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଆୟୋଗର ଅଧକ୍ଷା ଓ ସଦସ୍ୟା ଶକ୍ତି ସଦନ, ତୁଳସୀପୁର ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟ, ଡିମିରିଝରି ଉଚ୍ଚ ବିଦ୍ୟାଳୟ, ନୂଆଗାଁ ଆଶ୍ରମ ବିଦ୍ୟାଳୟ ଏବଂ ଦଶପଲ୍ଲାସ୍ଥିତ ଶ୍ରୀ କପିଳେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ଛତୁଆ ୟୁନିଟ୍ ପରିଦର୍ଶନ କରିବା ସହ ଏହାର କାର୍ଯ୍ୟକଳାପ ଓ ବ୍ୟବସ୍ଥାର ଯାଞ୍ଚ କରିଥିଲେ। ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ ସମୟରେ ଶିଶୁମାନଙ୍କ ପାଇଁ ଉପଲବ୍ଧ ସେବା, ପୋଷଣ, ପ୍ରାକ୍-ବିଦ୍ୟାଳୟ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମ୍ପର୍କରେ ଆୟୋଗ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ସେହିପରି ବିଦ୍ୟାଳୟ ଓ ଆଶ୍ରମ ବିଦ୍ୟାଳୟରେ ଶିଶୁମାନଙ୍କ ଶିକ୍ଷା, ସୁରକ୍ଷା, ରହଣି ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ମଧ୍ୟ ତଥ୍ୟ ନିଆଯାଇଥିଲା।

ଶିଶୁମାନଙ୍କ ଅଧିକାରର ସୁରକ୍ଷା, ସେମାନଙ୍କୁ ଏକ ସୁରକ୍ଷିତ ଓ ଉତ୍ତମ ପରିବେଶ ଯୋଗାଇଦେବା ଏବଂ ଜିଲ୍ଲାରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ମାନ୍ୟବର ଅଧକ୍ଷା ଗୁରୁତ୍ୱାରୋପ କରିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ସିବିୟନ ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜୟଶ୍ରୀ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଶିଶୁ କଲ୍ୟାଣ ସମିତିର ସଦସ୍ୟବୃନ୍ଦ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଆୟୋଗକୁ ଆବଶ୍ୟକ ତଥ୍ୟ ଓ ସୂଚନା ପ୍ରଦାନ କରିଥିଲେ।

ପରିଶେଷରେ ସଦଭାବନା ଗୃହ, ନୟାଗଡ଼ ଠାରେ ଜିଲ୍ଲାର ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାରେ ଶିଶୁମାନଙ୍କ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ବିଶେଷକରି ବାଲ୍ୟ ବିବାହ, ଶିଶୁ ଶ୍ରମ ଏବଂ ଶିଶୁ ଅଧିକାରର ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ବାଲ୍ୟ ବିବାହ ଓ ଶିଶୁ ଶ୍ରମକୁ କିପରି ପ୍ରଭାବଶାଳୀ ଭାବେ ରୋକାଯାଇପାରିବ, ଶିଶୁମାନଙ୍କୁ ସୁରକ୍ଷିତ ପରିବେଶ କିପରି ଯୋଗାଇ ଦିଆଯାଇପାରିବ ଏବଂ ବିଭିନ୍ନ ସମ୍ପୃକ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ମାଧ୍ୟମରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ କିପରି ଅଧିକ ସୁଦୃଢ଼ କରାଯାଇପାରିବ, ସେନେଇ ବୈଠକରେ ଗୁରୁତ୍ୱପୂର୍ଣ୍ଣ ମତବିନିମୟ କରାଯାଇଥିଲା।

# ନରହତ୍ୟା ଅଭିଯୁକ୍ତ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଫେରାର

ସୁନ୍ଦରଗଡ଼,୨୬।୮(ଆନିସ): ନରହତ୍ୟା ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ କାରାଗାରରେ ବନ୍ଦୀ ଥିବା ଟେକଚାନ୍ଦ ବେହେରା ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରୁ ଚମ୍ପଟ ମାରିଛି।

ସୂଚନା ଅନୁସାରେ, ଗତକାଲି ଅର୍ଥାତ୍ ଅଗଷ୍ଟ ୨୫ ତାରିଖ ଅପରାହ୍ନରେ ଟେକଚାନ୍ଦ ବେହେରାଙ୍କୁ ଅସୁସ୍ଥତା କାରଣରୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଜେଲ୍ ସୁରକ୍ଷାକର୍ମୀଙ୍କ ନଜରରେ ରହିଥିଲେ କଏଦୀ। କିନ୍ତୁ ଆଜି ଅଗଷ୍ଟ ୨୬ ତାରିଖ ଭୋର ସମୟରେ ଶୌଚ ଯିବାର ବାହାନା କରି ସୁରକ୍ଷାକର୍ମୀଙ୍କୁ ଚକମା ଦେଇ ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ଘଟଣା ଜଣାପଡ଼ିବା ପରେ ଡାକ୍ତରଖାନା ପରିସରରେ ଚାଞ୍ଚଲ୍ୟ ଖେଳି ଯାଇଥିଲା। ଖବର ପାଇ ସୁନ୍ଦରଗଡ଼ ଟାଉନ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। କଏଦୀ କେଉଁ ବାଟ ଦେଇ ଫେରାର ହେଲା, ଏଥିରେ କାହାର ଅବହେଳା ରହିଛି କି ନାହିଁ, ସେନେଇ ତଦନ୍ତ ଚାଲିଛି। ନରହତ୍ୟା ମାମଲାରେ ସେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ କାରାଗାରରେ ବନ୍ଦୀ ଜୀବନ କାଟୁଥିଲେ। ଏବେ ସବୁଠାରୁ ବଡ଼ ପ୍ରଶ୍ନ,ଜେଲ୍ ସୁରକ୍ଷା ବଳୟ ଭିତରୁ



ଡାକ୍ତରଖାନାକୁ ଆସିଥିବା ଜଣେ କଏଦୀ କିପରି ସୁରକ୍ଷା କର୍ମୀଙ୍କ ନଜର ଏଡ଼ାଇ ଫେରାର ହେଲା ଏଥିପାଇଁ ଦାୟୀ କିଏ ? ଏହି ସବୁ ପ୍ରଶ୍ନର ଉତ୍ତର ଖୋଜୁଛି ପୋଲିସ। ଫେରାର କଏଦୀ ଟେକଚାନ୍ଦ ବେହେରାକୁ ଧରିବା ପାଇଁ ପୋଲିସ ପକ୍ଷରୁ ଖୋଜା ଖୋଜି ଜାରି ରହିଛି।

# ପ୍ରଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ ସଙ୍ଗୀତଧାରା ପକ୍ଷରୁ ଶ୍ରଦ୍ଧାଞ୍ଜଳି



ନୟାଗଡ଼,୨୬।୮(ଆନିସ): ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ, ପ୍ରଚ୍ଛଦପଟ ଗାୟକ ତଥା ଗଜଲ୍ ସମ୍ରାଟ୍ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ନୟାଗଡ଼ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସଙ୍ଗୀତଧାରା ପକ୍ଷରୁ ଏକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।

ଅନୁଷ୍ଠାନର ସଭାପତି ଡ. ବିଜୟ କୁମାର ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ଓ କଳାକାର ସ୍ୱର୍ଗତ ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରମୋଦ ପଟ୍ଟନାୟକ, କଣ୍ଠଶିଳ୍ପୀ ନବକିଶୋର ମିଶ୍ର, ନାଟ୍ୟକାର ବିଶ୍ୱନାଥ ମହାପାତ୍ର, କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ଅଧ୍ୟାପକ ଆଶୁତୋଷ ମିଶ୍ର,ପ୍ରଶାନ୍ତ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ଗୋପୀନାଥ ସେଠି, ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ଜଗତକୁ ଅବଦାନ ସମ୍ପର୍କରେ ଆଲୋଚନା କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମେକମାଇଁଟ୍ରିପ ଓ ଆକ୍ସିସ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ଭ୍ରମଣ ଲାଭର ଶୁଭାରମ୍ଭ

ଭୁବନେଶ୍ୱର,୨୬।୮(ଆନିସ): ଲମ୍ବା ସପ୍ତାହନ୍ତ ଓ ଗୁରୁତ୍ୱପୂର୍ଣ୍ଣ ଛୁଟିଦିନ ଭ୍ରମଣ ସମୟରେ ସ୍ୱତନ୍ତ୍ର ଭ୍ରମଣ ଲାଭ ପ୍ରଦାନ କରିବା ପାଇଁ ମେକମାଇଁଟ୍ରିପ ଓ ଆକ୍ସିସ ବ୍ୟାଙ୍କ ପକ୍ଷରୁ ସହଯୋଗିତା ଘୋଷଣା କରାଯାଇଛି।

ଭାରତର ଲମ୍ବା ସପ୍ତାହନ୍ତ କ୍ୟାଲେଣ୍ଡରକୁ ନଜରରେ ରଖି ଏହି କାର୍ଯ୍ୟକ୍ରମକୁ ପ୍ରସ୍ତୁତ କରାଯାଇଛି ଯାହା ବାରମ୍ବାର ଭ୍ରମଣ କରୁଥିବା ଲୋକମାନଙ୍କୁ ବର୍ଷତମାମ ଲାଭ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ଡୋମେଷ୍ଟିକ ଓ ଅନ୍ତର୍ଜାତୀୟ ବିମାନ ଯାତ୍ରା, ହୋଟେଲ, ହଲିଡେ, ଟୁର, ବସ ଓ କ୍ୟାବ ଆଦି ରହିଛି ଯାହା ଯାତ୍ରୀମାନଙ୍କୁ ନିଜ ଭ୍ରମଣ ଯୋଜନା ପ୍ରସ୍ତୁତ କରିବାରେ ସକ୍ଷମ କରିବ।


ପ୍ରତି ଲମ୍ବା ସପ୍ତାହନ୍ତ ପାଇଁ ଛୁଟିଦିନ ଅବଧି ଆରମ୍ଭ ହେବା ପୂର୍ବରୁ ଏକ ବୁକିଂ ୱିଣ୍ଡୋ ଖୋଲିବ ଯାହା ଗ୍ରାହକମାନଙ୍କୁ ବିଭିନ୍ନ ଭ୍ରମଣ ବର୍ଗରେ ସ୍ୱତନ୍ତ୍ର ଲାଭ ଓ ଅଫର ପ୍ରଦାନ କରିବ।

ଆକ୍ସିସ ବ୍ୟାଙ୍କର ଗ୍ରୁପ୍ ହେଡ୍ (ଏକ୍ୱାୟରିଂ ଓ କାର୍ଡସ୍) ବିନୀତ ବଜାଜ୍ କହିଛନ୍ତି ଯେ, ଭ୍ରମଣ ଆମ ପାଇଁ ଏକ ମୁଖ୍ୟ କ୍ଷେତ୍ର ହୋଇ ରହିଛି। କାରଣ ଗ୍ରାହକମାନେ ସେମାନଙ୍କର ଦୈନନ୍ଦିନ ଖର୍ଚ୍ଚରୁ ଅର୍ଥପୂର୍ଣ୍ଣ ଅନୁଭୂତି ଓ ଅଧିକ ମୂଲ୍ୟ ଚାହୁଁଛନ୍ତି ଲମ୍ବା ସପ୍ତାହାନ୍ତଗୁଡ଼ିକ ଭ୍ରମଣ ପାଇଁ ଉତ୍ତମ ସୁଯୋଗ ଏବଂ ଲୋକମାନେ ବର୍ଷ ସାରା ଛୋଟ ଛୋଟ ଛୁଟି ବିତାଇ ଏହାର ପୂରା ଫାଇଦା ଉଠାଉଛନ୍ତି। ମେକମାଇଁଟ୍ରିପ୍ ସହିତ ଆମର ସହଯୋଗିତା ମାଧ୍ୟମରେ ଆମେ ସମୟୋପଯୋଗୀ ଓ ପ୍ରାସଙ୍ଗିକ ଲାଭ ଆଣୁଛୁ ଯାହା ଆମର କାର୍ଡଧାରୀମାନଙ୍କ ପାଇଁ ଭ୍ରମଣ ଯୋଜନାକୁ ଅଧିକ ଫଳପ୍ରଦ ଏବଂ ସୁଲଭ କରିବ। ଏହି ସହଯୋଗିତା ସ୍ୱତନ୍ତ୍ର ଭ୍ରମଣ ଅନୁଭୂତି ଯୋଗାଇବ। ଏବଂ ଗ୍ରାହକମାନେ ସେମାନଙ୍କ ଅକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡରୁ ପାଉଥିବା ମୂଲ୍ୟକୁ ବୃଦ୍ଧି କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ।

ମେକମାଇଁଟ୍ରିପର ଚିଫ୍ ଅପରେଟିଂ ଅଫିସର (ଫ୍ଲାଇଟସ୍, କର୍ପୋରେଟ୍, ଜିସିସି ଏବଂ ମାର୍କେଟିଂ) ରାଜ ଋଷି ସିଂହ କହିଛନ୍ତି ଯେ, ମାର୍କେଟିଂ ବର୍ତ୍ତମାନ କେବଳ ବଡ଼ ଆୱାଜ୍‌ରେ ନୁହେଁ, ବରଂ ସଠିକ୍ ସମୟ ଉପରେ ଆଧାରିତ ହେଉଛି ଆକ୍ସିସ୍ ବ୍ୟାଙ୍କ ସହିତ ଏହି ଭାଗିଦାରୀ ସେହି ପରିବର୍ତ୍ତନକୁ ଦର୍ଶାଉଛି। ଯାହା କେବଳ ଆମେ ଚାହୁଁଥିବା ସମୟରେ ନୁହେଁ, ବରଂ ଯାତ୍ରୀ ଯେତେବେଳେ ନିଷ୍ପତ୍ତି ନେଉଛନ୍ତି। ସେହି ସଠିକ୍ ସମୟରେ ପ୍ରକୃତ ମୂଲ୍ୟ ପ୍ରଦାନ କରୁଛି।

ଏହି ଅଫରର ଅଂଶ ସ୍ୱରୂପ ମେକମାଇଁଟ୍ରିପରେ ବୁକିଂ କରୁଥିବା ଓ ଅକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ ମାଧ୍ୟମରେ ପେମେଂଟ କରୁଥିବା ଯାତ୍ରୀମାନେ ଘରୋଇ ବିମାନ ଯାତ୍ରାରେ ସିଧାସଳଖ ୧୦% ତୁରନ୍ତ ଛାଡ଼ (ସର୍ବାଧିକ ୧,୮୦୦ ଟଙ୍କା ପର୍ଯ୍ୟନ୍ତ) ଏବଂ ଘରୋଇ ହୋଟେଲ ବୁକିଂରେ ୧୫% ପର୍ଯ୍ୟନ୍ତ ତୁରନ୍ତ ଛାଡ଼ (ସର୍ବାଧିକ ୫,୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇବେ ସମାନ ଲାଭ ଆନ୍ତର୍ଜାତୀୟ ବିମାନ ଯାତ୍ରା ଓ ହୋଟେଲ, ବସ୍, କ୍ୟାବ୍, ଟୁର୍ ଗୁଡ଼ିକରେ ମଧ୍ୟ ଉପଲବ୍ଧ ହେବ। ଛୁଟିଦିନ ପ୍ୟାକେଜ୍ ଗୁଡ଼ିକ ଅକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ ସହିତ ମେକମାଇଁଟ୍ରିପର ଅଫରଗୁଡ଼ିକ ଉପରେ ଅତିରିକ୍ତ ୫% ତୁରନ୍ତ ଛାଡ଼ ପାଇଁ ଯୋଗ୍ୟ ହେବ, ଯାହାର ସର୍ବାଧିକ ସୀମା ୨୦,୦୦୦ ଟଙ୍କା ରହିବ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ



ପୁରୀ,୨୬।୮ (ଆନିସ): ପୁରୀ ୟୁଥ ହଷ୍ଟେଲ ପରିସରରେ ଦୁଇଦିନବ୍ୟାପି ଅବସର ପ୍ରାପ୍ତ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନବକୁମାର କର୍ମକାର ସର୍ବ ଭାରତୀୟ ନେତୃତ୍ୱ ସମ୍ମିଳନୀକୁ ଉଦଘାଟନ କରିଥିଲେ। ନରସିଂହରାଓ ରେଡ୍ଡୀ, ରାମଅବତାର ପାଣ୍ଡେ, ଅଧ୍ୟାପକ ମାନସ ବେହେରା ଓ ବିଶ୍ୱ ଶିକ୍ଷକ ସଙ୍ଘ ସଭାପତି ଡ: ଅମୀୟ କୁମାର ମହାନ୍ତି ବିଦ୍ୟାଳୟ ସ୍ତରୀୟ ଶିକ୍ଷାରେ ଉପୁଜୁଥିବା ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ବିବେକାନନ୍ଦ ଦାଶ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞ୍ୟାପନ କରିବାସହ ଅତିଥିବୃନ୍ଦ ଓ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ଡ଼. ଦିଲୀପ କୁମାର ମିଶ୍ର ଦିବଂଗତ ଆତ୍ମମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଶିକ୍ଷକ ମହାସଂଘ ସଭାପତି ଅକ୍ଷୟ ଦାସ, କର୍ମକର୍ତ୍ତା ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ଯୁଗ୍ମ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଓ ରାମନାରାୟଣ ମିଶ୍ର ପୁରୀଜିଲ୍ଲା ତରଫରୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକାରୀ ସଭାପତି ଧନଞ୍ଜୟ କେଶରୀ ରାଉତରାୟ, ଓଷ୍ଟାର କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ଡ଼.ଦୁଷ୍ମନ୍ତ କୁମାର ନାୟକ, କମଳ ଲୋଚନ ବିଶ୍ୱାଳ, ଦିଗମ୍ବର ସାହୁ ଓ କାମରାଜ ମହାରଣା ପ୍ରମୁଖ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ତଥା ଅବସର ପ୍ରାପ୍ତ କର୍ମଚାରୀଙ୍କ ପେନସନ ଓ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ମତପୋଷଣ କରିଥିଲେ। ସର୍ବଶେଷରେ ସଂଗଠନ ସମ୍ପାଦକ ଗଗନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଜେମିନି ଏଡିବିଲସ ଆଣ୍ଡ ଫ୍ୟାଟସ ଇଣ୍ଡିଆ ପକ୍ଷରୁ ଆଇପିଓ ପାଇଁ ଡିଆରଏଚପି ଦାଖଲ

ଭୁବନେଶ୍ୱର,୨୬।୮(ଆନିସ): ଫ୍ରିଡମ ଅଏଲ ବ୍ରାଣ୍ଡର ମାଲିକାନା ରଖିଥିବା ଜେମିନି ଏଡିବଲସ ଆଣ୍ଡ ଫ୍ୟାଟସ ଇଣ୍ଡିଆ ଲିମିଟେଡ (ଜିଇଏଫଏଲ) ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି।

ଏଥିରେ ଅଫର ଫର ସେଲରେ ୪୧.୧୫ ନିୟୁତ ଇକ୍ୱିଟି ସେୟାର ବିକ୍ରି କରାଯିବ ଅଳକା ଚୌଧୁରୀ, ଗୋଲଡେନ ଏଗ୍ରି ଇଂଟରନ୍ୟାସନାଲ ଏଂଟରପ୍ରାଇଜେସ ପିଟିଇ ଲିମିଟେଡ (ଜିଏଆଇଇ), ବ୍ଲାକ ରିଭର ଫୁଡ ୨ ପିଟିଇ ଲିମିଟେଡ ଓ ଇନଭେଷ୍ଟେସମେଂଟ ଆଣ୍ଡ କମର୍ସିଆଲ ଏଂଟରପ୍ରାଇଜେସ ପିଟିଇ ଲିମିଟେଡ ଅଫର ଫର ସେଲରେ ବିକ୍ରି ହେବାକୁ ଥିବା ମୋଟ ସେୟାର ମଧ୍ୟରୁ ଅଳକା ଚୌଧୁରୀ ଓ ଜିଏଆଇଇ ୨.୦୬ ନିୟୁତ ସେୟାର, ବ୍ଲାକ ରିଭର ଫୁଡ ୨ ଓ ଆଇସିଇ ଯଥାକ୍ରମେ ୩୦.୮୬ ନିୟୁତ ଓ ୬.୧୭ ନିୟୁତ ସେୟାର ବିକ୍ରି କରିବେ।

ହାଇଦ୍ରାବାଦରେ ମୁଖ୍ୟ କାର୍ଯ୍ୟାଳୟ ଥିବା ଜିଇଏଫଏଲ ପ୍ରଦୀପ କୁମାର ଚୌଧୁରୀଙ୍କ ଦ୍ୱାରା ପରିଚାଳିତ ହେଉଛି ୨୦୨୫-୨୬ରେ ଦକ୍ଷିଣ ଭାରତର ପ୍ୟାକେଜଡ ସନଫ୍ଲାୱାର ଅଏଲ ବଜାରରେ କମ୍ପାନିର ବଜାର ଅଂଶ ୨୨.୨ ପ୍ରତିଶତ ଥିଲା ଏବଂ କମ୍ପାନି ୮୬୬,୦୯୫ ଏମଟି ଖାଇବା ତେଲ ଓ ଫ୍ୟାଟସ ଏବଂ ୧୭୦୬ ଏମଟି ମସଲା ଓ କନଭିନିଏନ୍ସ ଫୁଡ ବିକ୍ରି କରିଥିଲା। ସର୍ବବୃହତ ସାନଫ୍ଲାୱାର ଅଏଲ କମ୍ପାନି ଭାବେ ଏହାର ବଜାର ଅଂଶ ୧୮.୦୮ ପ୍ରତିଶତ ରହିଛି।

ଫ୍ରିଡମ ଓ ବି-ରାଇଟ ବ୍ରାଣ୍ଡ ଅଧୀନରେ ସନଫ୍ଲାୱାର, ରାଇସ୍ ବ୍ରାନ୍, ସୋରିଷ ଓ ବାଦାମ ତେଲ ବିକ୍ରି କରୁଥିବା ଜେଇଏଫଏଲର ବ୍ରାଣ୍ଡେଡ୍ ରିଟେଲ୍ କଂଜ୍ୟୁମର ବ୍ୟବସାୟର ରାଜସ୍ୱରେ ଅବଦାନ ୨୦୨୩-୨୪ର ୬୪%ରୁ ୨୦୨୫-୨୬ରେ ୭୨%କୁ ବଢ଼ିଛି। ଆନ୍ଧ୍ରପ୍ରଦେଶରୁ ଆରମ୍ଭ ହୋଇଥିବା ବ୍ରାଣ୍ଡେଡ୍ ଅଏଲ୍ ବ୍ୟବସାୟ ଏବେ ଓଡ଼ିଶା ସମେତ ତେଲେଙ୍ଗାନା, କର୍ଣ୍ଣାଟକ, ଛତିଶଗଡ଼ ଓ ତାମିଲନାଡୁରେ ପହଞ୍ଚିଛି।

୨୦୧୯-୨୦ରୁ ୨୦୨୪-୨୫ ମଧ୍ୟରେ କମ୍ପାନିର ବ୍ରାଣ୍ଡେଡ୍ ରାଜସ୍ୱ ବାର୍ଷିକ ୨୦.୫ ପ୍ରତିଶତ ହାରାରେ ବଢ଼ିଛି। ଯାହା ସମାନ ସମୟରେ ସମଗ୍ର ବ୍ରାଣ୍ଡେଡ୍ ଖାଇବା ତେଲ ବଜାରର ବାର୍ଷିକ ୧୦.୧ ପ୍ରତିଶତ ଅଭିବୃଦ୍ଧିର ପ୍ରାୟ ଦୁଇଗୁଣ। କମ୍ପାନିର ବିତରଣ ନେଟୱର୍କରେ ୧୬୦୦ରୁ ଅଧିକ ବିତରକ, ୩ ଲକ୍ଷରୁ ଅଧିକ ରିଟେଲ୍ ଆଉଟଲେଟ୍ ଓ ୬୦ରୁ ଅଧିକ ଗୋଦାମ/ଷ୍ଟକ୍ ପଏଣ୍ଟ ରହିଛି। ଏହି ନେଟୱର୍କ ଓଡ଼ିଶା ସମେତ ଛଅଟି ରାଜ୍ୟର ପ୍ରାୟ ୩୧.୮ କୋଟି ଲୋକଙ୍କୁ ସୁବିଧା ପ୍ରଦାନ କରୁଛି।

କମ୍ପାନି ଖାଇବା ତେଲ ସହିତ ଶିଳ୍ପ ଉପଭୋକ୍ତା ଓ ବଲ୍କ ମର୍କେଣ୍ଟାଇଜ ବ୍ୟବସାୟରେ ମଧ୍ୟ ସକ୍ରିୟ ଶିଳ୍ପ କ୍ଷେତ୍ରରେ ଗତ ଆର୍ଥକ ବର୍ଷରେ ୧୨୭ ଗ୍ରାହକଙ୍କୁ ସେବା ଦେଇଥିବା ବେଳେ ଖାଦ୍ୟ ଶିଳ୍ପ ପାଇଁ ସ୍ପେସିଆଲିଟି ଫ୍ୟାଟ୍ସ ଓ ଖାଇବା ତେଲ ଯୋଗାଉଛି। ୨୦୨୫ରେ ସହାୟକ କମ୍ପାନି ଜେଏଇଏଫ ଫୁଡସ ମାଧ୍ୟମରେ ଅନ୍ନପୂର୍ଣ୍ଣା ବ୍ରାଣ୍ଡ ଅଧିଗ୍ରହଣ କରି ମସଲା ଓ କନଭିନିଏନ୍ସ ଫୁଡ୍ ବଜାରରେ ମଧ୍ୟ ପ୍ରବେଶ କରିଛି ଏହି ବ୍ରାଣ୍ଡ ତାମିଲନାଡୁରେ ମଜବୁତ ବିତରଣ ନେଟୱର୍କ ସହ ୪୩ଟି ଉତ୍ପାଦ ପ୍ରଦାନ କରୁଛି।

୨୦୨୩-୨୪ରେ କମ୍ପାନି ୯୦,୫୩୮.୪୪ ନିୟୁତ ଟଙ୍କା ରାଜସ୍ୱରୁ ହାସଲ କରିଥିବା ବେଳେ ୨୦୨୫-୨୬ରେ ତାହା ୧,୨୫,୫୦୦ ନିୟୁତ ଟଙ୍କାକୁ ବୃଦ୍ଧି ପାଇଛି ସେହିପରି ଏବିଟଡା ୪୬୨୮.୨୮ ନିୟୁତ ଟଙ୍କାରୁ ବଢ଼ି ୭୯୩୯.୨୫ ନିୟୁତ ଟଙ୍କା ହୋଇଛି କାକିନାଡାରେ ଦୁଇଟି ଓ କୃଷ୍ଣପଟ୍ଟନମ୍ରେ ଗୋଟିଏ ପୋର୍ଟ-ଭିତ୍ତିକ ପ୍ଲାଣ୍ଟ ମିଳିତ ଭାବେ ୧୨.୨୨୫ ଲକ୍ଷ ମେଟ୍ରିକ୍ ଟନ୍ ବାର୍ଷିକ ରିଫାଇନିଂ କ୍ଷମତା ରହିଛି ଭବିଷ୍ୟତ ବିସ୍ତାର ପାଇଁ କୃଷ୍ଣପଟ୍ଟନମ୍ରେ ୩୩.୨୮ ଏକର ଓ କାକିନାଡାରେ ୨.୪୧ ଏକର ଅତିରିକ୍ତ ଜମି ମଧ୍ୟ ଉପଲବ୍ଧ ରହିଛି ଆଗାମୀ ଦିନରେ କେରଳ, ପଶ୍ଚିମବଙ୍ଗ ଓ ଅନ୍ୟାନ୍ୟ ପୂର୍ବ ଭାରତୀୟ ରାଜ୍ୟକୁ ପ୍ରବେଶ କରିବା ସହ ଏଡିବଲ୍ ଅଏଲ୍ ବ୍ୟବସାୟକୁ ଆହୁରି ବିସ୍ତାର କରିବା କମ୍ପାନୀର ଲକ୍ଷ୍ୟ

ଏହି ଅଫରର ବୁକ ରନିଂ ଲିଡ ମ୍ୟାନେଜର ହେଉଛନ୍ତି ମୋତିଲାଲ ଓସ୍ୱାଲ ଓ ଆଇଆଇଏଫଏଲ କ୍ୟାପିଟାଲ।

### ଘୁ.ଉଦୟଗିରି ପୋଲିସ ପକ୍ଷରୁଆମ ପୋଲିସ ଆମ ସାଥି କାର୍ଯ୍ୟକ୍ରମ

# ପୋଲିସ ଓ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ନିକଟତର ହେବା ମୂଳ ଲକ୍ଷ୍ୟ

ଘୁ.ଉଦୟଗିରି,୨୬।୮(ଆନିସ): କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ପୋଲିସ ପକ୍ଷରୁ ମଙ୍ଗଳବାର ଦିନ ରୁଦାଙ୍ଗିଆ ଗ୍ରାମରେ ସାଇବର ଅପରାଧ,ପୋକ୍ସ ଓ ନିଶାନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଇଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିଗୁଡା ଉପଖଣ୍ଡ ପୋଲିସ ଅଧିକାରୀ ଶୁଭମ ଭୋସଲେ ସଞ୍ଜୟ ଯୋଗଦେଇ ପୋକ୍ସ ଆଇନ, ନିଶା ନିବାରଣ ଉପରେ ସଚେତନତା କରାଇବା ସହ ଜନସାଧାରଣ ଓ ପୋଲିସ ମଧ୍ୟରେ ସୁସମ୍ପର୍କ ରଖି ଉଭୟେ ଉଭୟଙ୍କ ନିକଟତର ହେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ ବୋଲି ପ୍ରକାଶ କରିଥିଲେ। ଉପସ୍ଥିତ ଜନସାଧାରଣ ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯେ କେହି ବି ବିପଥଗାମୀ ହେବା ପୂର୍ବରୁ ଏହି ସଚେତନତା କଥା ଚିନ୍ତା କଲେ ଆୟୋଜିତ କାର୍ଯ୍ୟକ୍ରମର ଉଦେଶ୍ୟ ସାଧିତ ହୋଇ ପାରିବ ବୋଲି ଥାନାଧିକାରୀ ବିଜୟ କୁମାର ସ୍ୱାଇଁ ମତବ୍ୟକ୍ତ କରିବା ସହ ସୁସମ୍ପର୍କ ସ୍ଥାପନ କରିବାରେ ସର୍ବଦା ଆମେ ଚେଷ୍ଟୀତ ବୋଲି କହିଥିଲେ। ବର୍ତ୍ତମାନର ସମୟରେ ଲୋକେ



ବିଭିନ୍ନ ପ୍ରକାରର ସାଇବର ଅପରାଧର ସମ୍ମୁଖୀନ ହେଉଥିବା ବେଳେ ତାର ନିରାକରଣ ଉପରେ ଏସଆଇ ଲକ୍ଷ୍ମୀ ମାଝି ବକ୍ତବ୍ୟ ରଖିଥଲେ। ସ୍ଥାନୀୟ ଗ୍ରାମବାସୀ ତଥା ଜିଲ୍ଲାପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ ଓ ଗଦଗୁଡା ସରପଞ୍ଚ ମଞ୍ଚାସୀନ ଥିଲେ। ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ଦ୍ୱାରା ଗ୍ରାମର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ ସହ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଶତାଧିକ ଗ୍ରାମବାସୀଙ୍କୁ ପୋଲିସ ପକ୍ଷରୁ କମ୍ବଳ, ବେଡସିଟ, ଛତା, ସୋଲାର ଲଣ୍ଠନ, ଟର୍ଚ୍ଚ ଲାଇଟ ଣ୍ଟନ କରାଯାଇଥିଲା। ଏଏସ ଆଇ ବୁଲୁ ବେହେରା, ରବୀନ୍ଦ୍ର କୁମାର ସେଠୀ ଓ ବିଷ୍ଣୁପାଣି ସେଠୀଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨୯ ୟୁନିଟ ରକ୍ତ ସଂଗ୍ରହ

ଡୁଙ୍ଗୁରିପାଲ,୨୬।୮(ଆନିସ): ଆଜି ରାଜଯୋଗିନୀ ଦାଦୀ ପ୍ରକାଶମଣିଙ୍କ ପୂଣ୍ୟ ଜନ୍ମ ସ୍ମୃତି ଦିବସ ଅବସରରେ ବ୍ରହ୍ମା କୁମାରୀ ବିଶ୍ୱ ବିଦ୍ୟାଳୟ, ଡୁଙ୍ଗୁରିପାଲି ଶାଖା ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡୁଙ୍ଗୁରିପାଲିର ବରିଷ୍ଠ ଭେଷଜ ରୋଗ ବିଶେଷଜ୍ଞ ଡା. ସଞ୍ଜୟ କୁମାର ପଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମ କୁ ଡୁଙ୍ଗୁରିପାଲି ଶାଖା ସଂଚାଳିକା ବି.କେ.ମୀରା ଭଉଣୀ ପରିଚାଳନା କରିଥିଲେ । ଏହି ଶିବିରରେ ୨୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ବି.କେ.ମୀରା ଭଉଣୀ, ବି.କେ. ଡା.କ୍ଷମାନିଧି ଭାଇ, ବି.କେ.ପ୍ରକାଶ,ବି.କେ.ଅନନ୍ତ, ଶେଷଦେବ ଥନାପତି ପ୍ରମୁଖ ରକ୍ତ ଦାନ କରିଥିଲେ । ସୋନପୁର ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ର କର୍ମଚାରୀ ଜଗତ ଦରାନ, ସୁଦାମ ବିଶ୍ୱାଲ, ମୁନା ଭାଇ ରକ୍ତ ସଂଗ୍ରହ କରିଥିଲେ । ବ୍ରହ୍ମା କୁମାରୀ ବିଶ୍ୱ ବିଦ୍ୟାଳୟ, ଡୁଙ୍ଗୁରିପାଲି ପରିବାର ର ସମସ୍ତେ ଭାଇ ଭଉଣୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ବି.କେ.ଦିଲୀପ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ ।



### ଅଧ୍ୟକ୍ଷାଙ୍କୁ ମିଳିଲା ନିମନ୍ତ୍ରଣ

# ବଲାଙ୍ଗୀର ପୌର ପରିଷଦକୁ ୧ କୋଟି ଟଙ୍କା ପୁରସ୍କାର




ବଲାଙ୍ଗୀର,୨୬।୮(ଆନିସ): ୨୦୨୫--୨୬ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ ଓ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ବଲାଙ୍ଗୀର ପୌର ପରିଷଦକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପ୍ରଦାନ ସମାରୋହ ଆସନ୍ତା ୩୧ ତାରିଖରେ ଭୁବନେଶ୍ୱରସ୍ଥିତ କୃଷି ଭବନ ଠାରେ ଅନୁଷ୍ଠିତ ହେବ।ଏହି ଅବସରରେ ବଲାଙ୍ଗୀର ପୌର ପରିଷଦର ଅଧ୍ୟକ୍ଷା ଲିକା ସାହୁଙ୍କୁ ଆଜି ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ ପହଞ୍ଚିଛି।ଏହି ସମ୍ମାନକୁ ନେଇ ଅଧ୍ୟକ୍ଷା ସେ କହିଛନ୍ତି ଯେ, ''ଏହି ସଫଳତା କେବଳ ପୌର ପରିଷଦର ନୁହେଁ ଏହା ବଲାଙ୍ଗୀର ସହରର ସମସ୍ତ ଜନସାଧାରଣଙ୍କ ଚେଷ୍ଟା, ପ୍ରଚେଷ୍ଟା ଓ ସହଯୋଗର ଫଳ।''.ସହରର ବିକାଶ ଓ ପୌର ପରିଷଦର କାର୍ଯ୍ୟକୁ ସଫଳ କରିବାରେ ସହରବାସୀଙ୍କ ସହଯୋଗକୁ ସେ ଭୂୟସୀ ପ୍ରଶଂସା କରିବା ସହ ବଲାଙ୍ଗୀର ଜିଲ୍ଲା ପ୍ରଶାସନ,କାର୍ଯ୍ୟନିର୍ବାହୀ ଅଧିକାରୀ,ଉପ ନଗରପାଳ, ପରିଷଡ ର ସମସ୍ତ ସଦସ୍ୟ ଓ ସଦସ୍ୟା, ପୌର ପରିଷଦର ସମସ୍ତ କର୍ମଚାରୀ ଏବଂ ରାଜ୍ୟ ସରକାରଙ୍କୁ ହୃଦୟରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଏହି ପୁରସ୍କାର ବଲାଙ୍ଗୀର ସହରର ବିକାଶ ଯାତ୍ରାକୁ ଆହୁରି ଗତିଶୀଳ କରିବା ସହ ପୌର ପରିଷଦର ଅଧିକ ଦାୟିତ୍ୱ ଓ ଉତ୍ସାହ ବଢ଼ାଇବ ବୋଲି ସେ କହିଛନ୍ତି।

# ୧୬ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ



ସମ୍ବଲପୁର,,୨୬।୮(ଆନିସ):ଫୁଲୁଛି ହୀରାକୁଦ । ମହାନଦୀର ଉପରମୁଣ୍ଡରେ ବର୍ଷା ଫଳରେ ଜଳଭଣ୍ଡାର ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଉଥିବାରୁ ଆଜି ସନ୍ଧ୍ୟାରେ ହୀରାକୁଦ ନଦୀବନ୍ଧର ଆଉ ୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ବର୍ତ୍ତମାନ ବାମପାଶ୍ୱର୍ ସ୍ପିଲ୍-ୱେରେ ୧୧ଟି ଓ ଦକ୍ଷିଣ ପାର୍ଶ୍ୱ ସ୍ପିଲ୍-ୱେର ୫ଟି ସ୍ଲୁଇସ୍ ଗେଟ୍କୁ ମିଶାଇ ମୋଟ୍ ୧୬ଟି ଗେଟ୍‌ରେ ବନ୍ୟା ଜଳ ନିଷ୍କାସିତ ହେଉଛି ।ଏବେ ଜଳଭଣ୍ଡାର ଜଳସ୍ତର ୬୨୩.୧୦ ଫୁଟ୍‌ରେ ପହଞ୍ଚିଛି । ପ୍ରତି ସେକେଣ୍ଡ୍‌ରେ ହାରାହାରି ୨,୮୮,୭୪୨ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ୨,୨୫,୨୬୨ ଘନଫୁଟ୍ ଜଳ ନିଷ୍କାସିତ ହେଉଛି । ସେଥିମଧ୍ୟରୁ ଉଭୟ ସ୍ପିଲ୍-ୱେରେ ସର୍ବାଧିକ ୨ ଲକ୍ଷ ୫୪ ହଜାର ୪୯୬ ଘନଫୁଟ୍ ଜଳ, କେନାଲ୍ ମାଧ୍ୟମରେ ୩୧,୫୪୩ ଘନଫୁଟ୍ ଓ ଶିଳ୍ପାଞ୍ଚଳ ବ୍ୟବହାର ପାଇଁ ୨୨୯ ଘନଫୁଟ୍ ଜଳ ନିଷ୍କାସିତ ହେଉଛି । ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ମହାନଦୀ ଅବବାହିକାର ତଳମୁଣ୍ଡରେ ଥିବା ଲୋକଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି । ଜଳସ୍ତରକୁ ଦୃଷ୍ଟିରେ ରଖି ଆହୁରି ଗେଟ୍ ଖୋଲାଯିବାର ସମ୍ଭାବନା ମଧ୍ୟ ରହିଛି । ମହାନଦୀର ତଳମୁଣ୍ଡରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନଥିବା ବେଳେ ହୀରାକୁଦର ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ଚିନ୍ତା ବଢ଼ାଇଛି ।

# ଗ୍ରେଡ ସବଷ୍ଟେକ୍ସର ସୁରକ୍ଷା ବାଡ ଉଦଘାଟନ ପୂର୍ବରୁ ଲଗାଣ ବର୍ଷାରେ ଭୁଶୁଡିଲା

ଥୁଆମୂଳ ରାମପୁର,୨୬।୮(ଆନିସ): ସରକାରୀ ଅର୍ଥକୁ ବିଭାଗୀୟ ଅଧିକାରୀ ଯନ୍ତ୍ରୀ ଓ ସମ୍ପୃକ୍ତ ଠିକାଦାର ମିଳିମିଶି ଆତ୍ମସାତ କରିଥିବା ଘଟଣାର ପ୍ରକୃତ ରହସ୍ୟ ପଦାରେ ପଡି ଦାଣ୍ଡରେ ଗଡିବା ଭଳି ଘଟଣା ସାମ୍ନାକୁ ଆସିଛି। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଠିକାଦାରଙ୍କ ଅବହେଳା ସହିତ ପକେଟ୍ ଗରମ ମଉକା ଯୋଗୁଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ସୁରକ୍ଷା ବାଡ ଅଳ୍ପ ବର୍ଷାରେ ଭୁଶୁଡି ମାଟିରେ ମିଶିବା କେତେ ଦୂର ଯୁକ୍ତିସଙ୍ଗତ ବୋଲି ଆଲୋଚନା ହେଉଛି। ଗରୀବ ଜନସାଧାରଣଙ୍କ ରାଜସ୍ୱ ଟଙ୍କା ସଂଗ୍ରହ ହୋଇ ସରକାରୀ ରାଜକୋଷରୁ କୁ ଯାଉଥିବା ଟଙ୍କାର ଅପବ୍ୟବହାର କରାଯାଉଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଗୁଣପୁର ନିକଟସ୍ଥ ଇଲେକ୍ଟ୍ରି ବିଭାଗ ତରଫରୁ ନୂତନ ଭାବେ ନିର୍ମାଣ ହେଉଥିବା ଗ୍ରୀଡ଼ ସବଷ୍ଟେକ୍ସର ବିନା ସୂଚନା ଫଳକରେ ଆଜକୁ ତିନିବର୍ଷରୁ ଅଧିକ ସମୟ ହେଲା ନିର୍ମାଣ ଚାଲିଛି। କିନ୍ତୁ ଏହା ଅଳ୍ପ ଦିନ ମଧ୍ୟରେ ଉଦ୍ଘାଟନ ହେବାଥିବା କୋଟି କୋଟି ଟଙ୍କାର ସୁରକ୍ଷା ବାଡ ଭୁଶୁଡ଼ି ପଡିବା ଏକ ଦୁଃଭାଗ୍ୟ ଜନିତ ଘଟଣା ନୁହେଁ ତ ଆଉ କଣ ହୋଇଥାଇପାରେ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକା ସାଙ୍ଗରେ ଏହି ଭଳି ସବଷ୍ଟେକ୍ସର ଅନ୍ୟାନ୍ୟ ସ୍ଥାନରେ ନିର୍ମାଣ ଶେଷ ହୋଇ କାର୍ଯ୍ୟକ୍ଷମରେ ହୋଇଥିବା ସୂଚନା ରହିଥିବା ବେଳେ ଏହି ଗୁଣପୁର ନିକଟସ୍ଥ ସବଷ୍ଟେକ୍ସର ନିର୍ମାଣ କାହିଁକି ଶେଷ ହୋଇପାରିନାହିଁ। ଏପରିସ୍ଥଳେ ଏହାର ସୁରକ୍ଷା ବାଡ ଭୂଶୁଡି ପଡିଛି। ଲୋକଙ୍କ ଆଲୋଚନା ରୁ ଜଣାପଡିଛି ଯେ ଏହି ସୁରକ୍ଷା ବାଡ ଅତି ନିମ୍ନର ନିର୍ମାଣ ହୋଇଥିବା ଯୋଗୁଁ ଚଳିତ ବର୍ଷାର ଅଳ୍ପ ବର୍ଷାରେ କୋଟିଏ ଟଙ୍କାର ସୁରକ୍ଷା ବାଡ ଏତେ ଶିଘ୍ର ଭୂଷୁଡି ପଡିବା ଅଞ୍ଚଳରେ ଆଶ୍ଚର୍ଯ୍ୟ କରିଦେଇଛି। ଏନେଇ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ଯେ ଧନ୍ୟ ଏହି ବିଭାଗର ଇଞ୍ଜିନିୟରଙ୍କୁ ସୁରକ୍ଷା ବାଡ ରାତି ସମୟରେ ଭୂଶୁଡିବା ଏକ ସୁଭାଗ୍ୟର ବିଷୟ ହୋଇଥିବା ବେଳେ ଦିନ ବେଳା ଯଦି ଏହି ସୁରକ୍ଷା ବାଡ ଭୂଶୁଡି ଥାନ୍ତା ତେବେ କୌଣସି ନା କୌଣସି ଜନଜୀବନ ଉପରେ ପଡିବା ସମ୍ଭାବନାରୁ ଉଦ୍ଧାର ପାଇଯାଇଛି।

ଏହି ସୁରକ୍ଷା ବାଡ ପରିସରରେ ଗୁନଧର ନାଏକ ନାମକ ଜଣେ ଚାଷୀଙ୍କ ୧୦ ଆମ୍ବଗଛ



ସବଷ୍ଟେକ୍ସରର ସୁରକ୍ଷା ବାଡ ଭୁଶୁଡିବା ଫଳରେ ପୋତି ହୋଇଯାଇଥିବା ଘଟଣାକୁ ନେଇ ଅଭିଯୋଗ କରିଛନ୍ତି। ପୁଣି ଏହି ଆମ୍ବ ଗଛ ଗୁଡିକ ତିନିରୁ ଚାରି ବର୍ଷ ହୋଇଯାଇଥିଲେ ବର୍ଷକୁ ଅନ୍ତତଃ ଦୁଇରୁ ଅଢେଇଲକ୍ଷ ଟଙ୍କା ରୋଜଗାର ହେବା ସମ୍ଭାବନା ରହିଥିଲା। କିନ୍ତୁ ଏହି ଗରୀବ ପରିବାରଙ୍କୁ ଏହାର କ୍ଷତିପୂରଣ ବାବଦରେ ସହାୟତା କିଏ ଦେବ ତାହା ପ୍ରଶ୍ନ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଠାରୁ ହିଁ ଏହାର କ୍ଷତିପୂରଣ ବାବଦରେ ସଂଗ୍ରହ କରାଯିବ ବୋଲି ଚର୍ଚ୍ଚା ଜୋର ଧରୁଛି। ଏଠାରେ ପ୍ରକାଶ ଥାଉ କି ଯେ ଉକ୍ତ ସବଷ୍ଟେକ୍ସର ସୁରକ୍ଷା ବାଡ ନିମ୍ନମାନରେ ନିର୍ମାଣ କରିବା ଓ ଅର୍ଥ ଆତ୍ମସାତ କରିଥିବା ଯୋଗୁଁ ତାହା ଅଳ୍ପ ଦିନ ମଧ୍ୟରେ ଭୁଶୁଡି ପଡିଛି ବୋଲି ଅଞ୍ଚଳରେ ସନ୍ଦେହ ଘନେଇବାରେ ଲାଗିଛି। ଏହାର ଉଚିତ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

# ସ୍କୁଲରେ ସର୍ଟ ସିନେମା କରି ହରଡ଼ଘଣାରେ ସରପଞ୍ଚ !



କାଶୀନଗର,୨୬।୮(ଆ ନି ସ): ଆଜି କାଲି ପିଲାରୁ ବୁଢ଼ା ରିଲ କରିବା, ଭ୍ଲୋଗ କରିବା ନିଶା ରେ ପଡିବା ନୂଆ କଥା ନୁହେଁ। କିନ୍ତୁ ଜଣେ ଜନ ପ୍ରତିନିଧି ସରପଞ୍ଚ ବିଦ୍ୟାଳୟର ଚାବି ମାଗି ବିଦ୍ୟାଳୟ ପୃଷ୍ଠଭୂମିରେ ଏକ ତେଲୁଗୁ ସର୍ଟ ଫିଲ୍ମ କରି ହରଡ଼ ଘଣାରେ ପଡିବା ଏବେ ଗଜପତି ଜିଲ୍ଲା ରେ ଭାଇରଲ ହୋଇଛି। ଘଟଣା ରୁ ପ୍ରକାଶ କି କାଶୀନଗର ବ୍ଲକ କେ.ସୀତାପୁର ସରପଞ୍ଚ କେ.ତେଜେଶ୍ୱର ରାଓ ସିଂଗିପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ରବିବାର ଏକ ମିଟିଙ୍ଗ ହେବ ବୋଲି କହି ଚାବି ନେଇ ଏହି ବିଦ୍ୟାଳୟ ରେ ଏକ ତେଲୁଗୁ ସର୍ଟ ଫିଲ୍ମ କରି ପୁଣି ସୋସିଆଲ ମିଡ଼ିଆରେ ଛାଡିବା ପରେ ଏହି କଥା ଏବେ ଚାରିଆଡେ ଭାଇରଲ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରପଞ୍ଚ ତେଜା ଏକ ମିଟିଙ୍ଗ ହେବା ବୋଲି କହିବାରୁ ସେ ଚାବି ଦେଇଥିଲେ । ସେ ଏଭଳି କରିବେ ବୋଲି ଭାବି ନ ଥିଲେ। ଏ ନେଇ ଜଣେ ଜନପ୍ରତିନିଧି ହୋଇ ମିଥ୍ୟା କହିବା ପୁଣି ସରକାରୀ ବିଦ୍ୟାଳୟକୁ କାହାର ଅନୁମତି ନ ଥାଇ ସର୍ଟ ଫିଲ୍ମ କରି ନିଜେ ସେଥିରେ ଅଭିନୟ କରିବା ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ମାୟାଧର ସାହୁଙ୍କୁ ପଚାରିବାରେ ସେ ତଦନ୍ତ କରି ଯାହା କାର୍ଯ୍ୟାନୁଷ୍ଠାନ ନେବାକୁ ହେବା କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳି ପାରିନି। ସେ ଯାହା ହେଉ ନା କାହିଁକି ଏହି ଘଟଣା ଏକ ସ୍ୱର୍ଶ କାତରର ପ୍ରଶ୍ନ ହୋଇଥିବାରୁ ବିରୋଧୀ ଏହାକୁ କଡା ସମାଲୋଚନା କରିଛନ୍ତି।

# ପଟ୍ଟାମୁଣ୍ଡାଇ ପୌରପରିଷଦରେ ଏନଫୋର୍ସମେଣ୍ଟ ଅଭିଯାନ, ୬୧ ହଜାର ଟଙ୍କା ଜରିମାନା ଆଦାୟ

କେନ୍ଦ୍ରାପଡ଼ା,୨୬।୮(ଆନିସ): ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧୀନରେ ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକରେ ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି ଓ ବିକ୍ରୟ, ନିଷିଦ୍ଧ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକର ବ୍ୟବହାର ଏବଂ ଘରୋଇ ଏଲ୍?ପିଜି ସିଲିଣ୍ଡରର ବେଆଇନ ବ୍ୟବହାର ବିରୋଧରେ ଏକ ଏନଫୋର୍ସମେଣ୍ଟ ଅଭିଯାନ କରାଯାଇଛି।

କେନ୍ଦ୍ରାପଡ଼ା ଖାଦ୍ୟ ଅଧିକାରୀ, ମାର୍କେଟିଂ ଇନ୍ସପେକ୍ଟର, ରେଭେନ୍ୟୁ ଇନ୍ସପେକ୍ଟର, ଜେଏସ୍‌ଇଙ୍କ ଉପସ୍ଥିତିରେ ପଟ୍ଟାମୁଣ୍ଡାଇ ପୌରପରିଷଦର ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଏହି ଅଭିଯାନ କରାଯାଇଥିଲା।.

ଅଭିଯାନ ସମୟରେ ୧୦୩ କିଲୋଗ୍ରାମ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ଜବତ କରାଯାଇଥିଲା। ଅସ୍ୱାସ୍ଥ୍ୟକର ଖାଦ୍ୟ ସମ୍ବନ୍ଧୀୟ ଉଲ୍ଲଂଘନ ପାଇଁ ୩୬,୦୦୦ ଟଙ୍କା ଏବଂ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ବ୍ୟବହାର ପାଇଁ ୨୫,୦୦୦



ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହିପରି ମୋଟ ୬୧,୦୦୦ ଟଙ୍କା ଜରିମାନା ଆଦାୟ ହୋଇଛି।

ଏଥିସହିତ, ହୋଟେଲ ଓ ରେଷ୍ଟୁରାଣ୍ଟରେ ବ୍ୟବହାର କରାଯାଉଥିବା ୭ଟି ଘରୋଇ ଏଲ୍‌ପିଜି ସିଲିଣ୍ଡର ମଧ୍ୟ ଜବତ କରାଯାଇଛି।

ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି, ନିଷିଦ୍ଧ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକର ବ୍ୟବହାର ଏବଂ ବାଣିଜ୍ୟିକ ପ୍ରତିଷ୍ଠାନରେ ଘରୋଇ ଏଲ୍‌ପିଜି ସିଲିଣ୍ଡରର ଅନଧିକୃତ ବ୍ୟବହାର ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି ଏନଫୋର୍ସମେଣ୍ଟ ଅଭିଯାନ ଜାରି ରହିବ ବୋଲି ସୂଚନା ରହିଛି ।

### ଆଦିବାସୀ ଅଞ୍ଚଳରେ ଶିକ୍ଷାର ମାନ ସୁଦୃଢ଼ କରିବାକୁ ନୂଆ ପ୍ରୟାସ

# ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ନେଇ ଦିନିକିଆ କର୍ମଶାଳା

### ଯୋଗଦେଲେ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ



ଜୟପୁର,୨୬।୮(ଆନିସ): କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ମାନକୁ ଆହୁରି ସୁଦୃଢ଼ କରିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ନିକଟରେ ସରଳ ଓ ସହଜ ଶିକ୍ଷା ପହଞ୍ଚାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂଆ ପ୍ରୟାସ ଆରମ୍ଭ ହୋଇଛି। ଗତବର୍ଷ ଜ୍ଞାନଦୀପ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବା ପରେ ଏବେ ଜ୍ଞାନଦୀପ ୨:୦ ଉପରେ ଗୁରୁତ୍ୱ ଦିଆଯାଇଛି। କୋରାପୁଟ ମେଡିକାଲ କଲେଜ ଅଡିଟୋରିୟମରେ ଜ୍ଞାନଦୀପ ୨:୦ କୁ ନେଇ ଜିଲ୍ଲାର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ଶିକ୍ଷା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଶିକ୍ଷକମାନଙ୍କୁ ଉତ୍ସାହିତ କରିବା ସହ ଗତବର୍ଷ ମେଟ୍ରିକ୍ ପରୀକ୍ଷାରେ କୋରାପୁଟ ଜିଲ୍ଲାର ସଫଳତାକୁ ପ୍ରଶଂସା କରିଥିଲେ। ତେବେ ଏହି ସଫଳତାକୁ କେବଳ ଦଶମ ଶ୍ରେଣୀରେ ସୀମିତ ନରଖି ଆଦିବାସୀ ଅଧ୍ୟୁଷିତ ଓ ସୀମାନ୍ତ ଅଞ୍ଚଳରେ ଶିକ୍ଷାର ମାନଦଣ୍ଡକୁ ଆହୁରି ମଜବୁତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାର ବିକାଶ ସମସ୍ତ ବିକାଶର ମୂଳ ଆଧାର ହୋଇଥିବାରୁ ଏଥିପ୍ରତି ଗୁରୁତ୍ୱ ଦେଇ ମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମସ୍ତେ ନିଷ୍ଠାର ସହ କାମ କଲେ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ମନ୍ତ୍ରୀ କହି ଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ।

### ବରାହ ଉପଦ୍ରବରେ ଫସଲ ନଷ୍ଟ

# ଚମ୍ପୁଆ ରେଞ୍ଜରଙ୍କ ଦ୍ୱାରସ୍ଥ ହେଲେ ଗୋଧୂଳି ଚାଷୀ



ଚମ୍ପୁଆ,୨୬।୮(ଆନିସ): ହାତୀ ପରେ ଚାଷୀଙ୍କ ଦୁଃଖ ପାଲଟିଛନ୍ତି ଜଙ୍ଗଲି ବାରାହା । ଏକର ଏକର ମକା ଓ କନ୍ଦମୂଳ ଫସଲ ଉଜାଡି ଚାଲିଥିବା ବେଳେ ଚାଷିଙ୍କ ମଧ୍ୟରେ ଅସନ୍ତୋଷ ଚରମ ସିମାରେ ପହଁଚିଲାଣି । ଏହାର ପ୍ରତିକାର ଦାବିରେ ଗୋଧୂଳି ଗ୍ରାମର ଚାଷି ବନାଞ୍ଚଳ ଅଧିକାରୀ ସାଗରରାଜ ନାୟକଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବାରାହା ଦଳ ଖେତରେ ପଶି ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ବିପୁଳ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ।

ଚାଷୀମାନେ ନଷ୍ଟ ହୋଇଥିବା ଫସଲର କ୍ଷୟକ୍ଷତି ଆକଳନ କରି ଉଚିତ କ୍ଷତିପୂରଣ ପ୍ରଦାନ ସହ ବରାହ ଉପଦ୍ରବ ରୋକିବା ପାଇଁ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ଚମ୍ପୁଆ ରେଞ୍ଜରଙ୍କ ନିକଟରେ ଦାବି କରିଥିଲେ। ସୂଚନା ଯୋଗ୍ୟ କି ମକା ଓ କନ୍ଦମୂଳ ଚାଷକୁ ନେଇ ଗୋଧୂଳି ଗ୍ରାମର ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ପ୍ରାୟ ୮୦ ଭାଗ ଲୋକ ଏହି ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି ।

ଏଥିପାଇଁ ବନାଞ୍ଚଳ ଅଫିସ ରେ କ୍ଷତି ପୂରଣ ଦାବିରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ହାତୀ ପାର ବାରାହା ଉପଦ୍ରବରେ ଗ୍ରାମର ବହୁ ଚାଷୀ ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ଚାଷୀଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ନିମନ୍ତେ ମଧ୍ୟ ଦାବି ହେଉଛି। ଉଜୁଡା ଫସଲର ଭରଣା କିପରି କରିହେବ ସେଥିନେଇ ଚାଷୀ ଜାଣିପାରୁନାହାନ୍ତି। ବନବିଭାଗ ତୁରନ୍ତ ଏସମ୍ପର୍କରେ ପଦକ୍ଷେପ ନେବାକୁ ଗ୍ରାମବାସୀ ରେଞ୍ଜରଙ୍କ ନିକଟରେ ଦାବି କରିଛନ୍ତି। ଚାଷୀଙ୍କ ମକା ଓ କନ୍ଦମୂଳ ଫସଲ ନଷ୍ଟ ହୋଇଛି । ଏହି ଫସଲରୁ ଆମଦାନୀ ସେମାନଙ୍କ ଜୀବିକା ହୋଇଥିବାରୁ କିଭଳି ଭରଣା କରିବେ ସେ ନେଇ ଚିନ୍ତାରେ ରହିଛନ୍ତି। ଚାଷୀଙ୍କ ଦୁଃଖ ଏବେ ବାରାହା ପାଲିଟିଛି ବୋଲି ସେମାନେ କହିଛନ୍ତି।

■ ପିଏମଶ୍ରୀ ନାରାୟଣ ହାଇସ୍କୁଲ ଶରଣକୁଳ

# ନିଶାମୁକ୍ତ ଭାରତ ଗଠନ ସଚେତନତା ଅଭିଯାନ

## ନିଶା ବେପାରୀ ସମ୍ପର୍କୀୟ ଶିଶୁଙ୍କୁ ବ୍ୟବହାର କରନ୍ତି

ଓଡ଼ଗାଁ ୨୬/୦୮(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଶରଣକୁଳ ପିଏମଶ୍ରୀ ନାରାୟଣ ହାଇସ୍କୁଲ ପକ୍ଷରୁ ନିଶାମୁକ୍ତ ଭାରତ ଗଠନ ନିମନ୍ତେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଶରଣକୁଳ ଆଇଆଇସି ଅନୀତା ସାହୁ,ଏଏସ୍ଆଇ ତାରାକାନ୍ତ ପଟ୍ଟନାୟକଙ୍କ ସହିତ ଶିକ୍ଷକ ପ୍ରଶାନ୍ତ ଦାଶ, ଗୋଦାବରୀ ବସନ୍ତିଆ,ଚନ୍ଦନ ମଲ୍ଲିକ,ଦୀପକ କୁମାର ନାୟକ,ଆଲୋକ ମଲ୍ଲିକ ପ୍ରମୁଖ ଯୋଗଦେଇ ନିଶା ସେବନର ବିଭିନ୍ନ ଦିଗ ଏବଂ ଏହାର ପରିଣାମ ଉପରେ ଛାତ୍ର/ଛାତ୍ରୀଙ୍କ ସହିତ ପାରସ୍ପରିକ ଆଲୋଚନା ଅଧିବେଶନ ରଖିଥିଲେ।କୋମଳମତି



ଶିଶୁମାନଙ୍କ ଅଜାଣତରେ ସେମାନଙ୍କ ଦ୍ବାରା ନିଶାଦ୍ରବ୍ୟକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ନିମନ୍ତେ ବିଶେଷକରି ସମ୍ପର୍କୀୟମାନେ ଶିଶୁମାନଙ୍କୁ ବ୍ୟବହାର କରିଥାନ୍ତି।ଶିଶୁ ମାନଙ୍କ ଠାରୁ ନିଶା ଦ୍ରବ୍ୟ ଜବତ ହେଲେ।ସେମାନଙ୍କୁ ଦଣ୍ଡ ମିଳିବ ନାହିଁ।ତେଣୁ ଛାତ୍ର ଛାତ୍ରୀ ମାନେ ଏଥି ପ୍ରତି ସତର୍କ ରହିବା ସହିତ ପରିବାରରେ ଅଥବା ସମ୍ପର୍କୀୟ ମାନଙ୍କ ମଧ୍ୟରେ ଯଦି କେହି ନିଶା ସେବନ କରନ୍ତି ତେବେ ନିଶା ସେବନକାରୀଙ୍କୁ ମନା କରିବେ ଏବଂ ପରିଣାମ ବିଷୟରେ ଚେତେଇ ଦେବେ। ଶେଷରେ ନିଶା ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ସଠିକ ଉତ୍ତରଦାତାଙ୍କୁ ପୁରସ୍କୃତ କରାଯାଇଥିଲା।। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାଟିକୁ ମୁରୁମ ଦେଖେଇ ଠକିଦେଲା ଠିକାଦାର

## ବିକାଶ ନାଁରେ ଚାଲିଛି ପୋଷା ନୀତି

ଖପ୍ରାଖୋଲ ୨୬।୦୮ (ଆନିସ) : ବିକଶିତ ଓଡିଶାର ଡିମ ଡ଼ିମି ପିଟୁଥିବା ସରକାରଙ୍କ



ବିରଳ ଦୃଶ୍ୟ । ମୁରୁମ ବଦଳରେ ମାଟି ପକାଇ ରାସ୍ତା କଲେ ଠିକାଦାର । ସାଧାରଣ ଜନତା ଯିବା ଆସିବାରେ ବେହାଲ । ବିକାଶ ନାଁରେ ଚାଲିଛି ଠିକାଦାର ପୋଷା ନୀତି । ପିସି ଦିଆ ନିଆ କଥା ହାଟରେ ବାଟରେ ଚର୍ଚ୍ଚା ହେଉଛି । ଏମିତି ଦୃଶ୍ୟ ହେଉଛି ବଲାଙ୍ଗୀର ଜିଲ୍ଲାର ଉପାନ୍ତ ଇଲାକା ଖପ୍ରାଖୋଲ ବ୍ଲକର ତୁର୍ଲା ରାସ୍ତା । ସୂଚନା କାନ୍ଥ ଅନୁଯାଇ ଭାନପୁର ପଞ୍ଚାୟତର ତୁର୍ଲା ଠାରୁ ଭୁର୍ସିବାଞ୍ଜି ରାସ୍ତା । ତିନି ଲକ୍ଷ ଅଟକଳରେ ରାସ୍ତା କାମ ହୋଇଥିବା ଜଣାଯାଏ । ଏହି ରାସ୍ତା ଦେଇ ତାମ୍ବିପଦର, ତୁର୍ଲା, ଭୁର୍ଶୀବାଞ୍ଜି ଗାଁର ଲୋକ ମାନେ ଯାତାୟାତ କରିଥାନ୍ତି । ସ୍କୁଲ, କଲେଜ ଓ ଡାକ୍ତରଖାନା ସହ ବିଲକୁ ଯାଇ ପାରୁନାହାନ୍ତି ଚାଷୀ । ଗାଁ ଲୋକ ମାନେ ଠିକାଦାରକୁ କାମ ଚାଲୁଥିଲା ବେଳେ ଅଭିଯୋଗ କରିଥିଲେ ମଧ ଠିକାଦାର ମନମାନି କାମ କରିଥିବା ଲୋକଙ୍କ ଅଭିଯୋଗ । ବ୍ଲକର ଅନେକ ରାସ୍ତା କାମରେ ବ୍ୟାପକ ଅନିୟମିତତା ସାଧାରଣରେ ଚର୍ଚ୍ଚା । କିଛି ଜାଗାରେ ଛାଏ ଛାଏ ମୁରୁମ ପକାଇ ଟଙ୍କା ହାଡ଼ପ କରିବା ପାଇଁ ଯୋଜନା ହେଉଥିବା ଚର୍ଚ୍ଚା । ନେତାଙ୍କ ଦବ ଦବାରେ ଜନତା ଭୟ । କାମ ଚାଲି ଥିବା ସମୟରେ ଯନ୍ତ୍ରୀ ବାବୁଙ୍କ ଅନୁପସ୍ଥିତିରେ ସୁଯୋଗରେ ଠିକାଦାର ମାଲେମାଲ । ଏହାର ଜବାବ ଦେବା ପାଇଁ ଭୋଟକୁ ଅପେକ୍ଷାରେ ଗ୍ରାମବାସୀ ।

## 'ବେଟି ବଚାଓ, ବେଟି ପଢାଓ' ଉପରେ ଜିଲ୍ଲାସ୍ତରୀୟ ଓରିଏଣ୍ଟେସନ୍ ଓ ଜିଲ୍ଲା କାର୍ଯ୍ୟଯୋଜନା ପ୍ରସ୍ତୁତି

ପୁରୀ, ୨୬।୦୮(ଆନିସ): ପୁରୀ ଜିଲ୍ଲା ପ୍ରଶାସନ ଦ୍ବାରା 'ବେଟି ବଚାଓ, ବେଟି ପଢାଓ' କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାସ୍ତରୀୟ ଓରିଏଣ୍ଟେସନ୍ ଓ ଜିଲ୍ଲା କାର୍ଯ୍ୟଯୋଜନା ପ୍ରସ୍ତୁତି ସମ୍ପର୍କିତ କାର୍ଯ୍ୟକ୍ରମ ସ୍ପେସିଆଲ ସର୍କିଟ ହାଉସ ସଭା ଗୃହରେ ଅନୁଷ୍ଠିତ ହୋଇଛି ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ର ମୁଖ୍ୟ ଚିକିତ୍ସାଧିକାରୀ ଡା ସୁକାନ୍ତ ରଥ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୌମ୍ୟ ରଂଜନ ମଲ୍ଲିକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପ୍ରିୟଦର୍ଶିନୀ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମନୋଜ କୁମାର ତ୍ରିପାଠୀ, ମୁଖ୍ୟ ପରିଦର୍ଶିକା ବାଲ୍ୟବତୀ ମହାନ୍ତି , ବିଦ୍ୟାଧର ମଲିକ୍ , କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।ତତ ସହିତ ଉପସ୍ଥିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ପରିଦର୍ଶୀକା , ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା ଓ ଆଶା କର୍ମୀ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ସାଇବର୍ ଥାନାର ପ୍ରଶିକ୍ଷକ ସୂର୍ଯ୍ୟ ପ୍ରକାଶ ତ୍ରିପାଠୀ ଡ଼ିଜିଟାଲ୍ ଅପରାଧ, ମୋବାଇଲ ରେ ବ୍ୟକ୍ତିଗତ ବିବରଣୀର ସୁରକ୍ଷା ଯଥା ଆରକ୍ଷୀ ଅଧିକାରୀ ବାଳିକାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଓ ସଶକ୍ତିକରଣ ସହିତ ଲିଙ୍ଗଭିତ୍ତିକ ବୈଷମ୍ୟ ଦୂରୀକରଣ ଉପରେ ଆଲୋଚନା କରାଯାଇଥିଲା।। ଏଥିସହ ଶିଶୁ ବିବାହ ରୋକିବା, ବାଳିକାଙ୍କ ସ୍କୁଲ୍ ଡ୍ରପ୍‌ଆଉଟ୍ ହ୍ରାସ, ଶିକ୍ଷାରେ ନିରନ୍ତରତା ଏବଂ ସମାଜରେ ଲିଙ୍ଗ ସମାନତା ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ବିଭାଗ ଓ ଅଂଶୀଦାରଙ୍କ ସମନ୍ୱୟରେ ବାଳିକାଙ୍କ ସର୍ବାଙ୍ଗୀଣ ବିକାଶ ନିମନ୍ତେ ଏକ ସୁଦୃଢ଼ ଜିଲ୍ଲା କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଉପରେ ମତବିନିମୟ ହୋଇଥିଲା। ଅଧୀନରେ ଜିଲ୍ଲା କାର୍ଯ୍ୟଯୋଜନା ବିଭିନ୍ନ ବିଭାଗର ପରାମର୍ଶ ଓ ସମନ୍ୱିତ ପଦକ୍ଷେପ ଆଧାରରେ ପ୍ରସ୍ତୁତ କରାଯାଏ । ବାଳିକାଙ୍କୁ ସୁରକ୍ଷିତ, ଶିକ୍ଷିତ ଓ ସଶକ୍ତ କରିବା ସହିତ ସମାଜରେ ତାଙ୍କ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ। ଶେଷରେ ପ୍ରୋଗ୍ରାମ ଅଫିସର ସୁହାଗି ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ ।

# ଶ୍ୱଶୁରଙ୍କୁ କଟୁରୀରେ ହାଣି ହତ୍ୟା କଲା ଜ୍ୱାଇଁ

■ ଘରୋଇ କଳହକୁ ନେଇ ହତ୍ୟାକାଣ୍ଡ
■ ଅଭିଯୁକ୍ତ ଜ୍ୱାଇଁ ଅଟକ
■ ଗୋବିନ୍ଦପୁର ପୋଲିସର ତଦନ୍ତ ଜାରି

କୁଚିଣ୍ଡା, ୨୬।୮ (ଆନିସ): ଘରୋଇ କଳହରୁ ଉପୁଜିଥିବା ବିବାଦ ଶେଷରେ ଏକ ହତ୍ୟାକାଣ୍ଡର ରୂପ ନେଇଛି। ଜ୍ୱାଇଁଙ୍କ ଧାରୁଆ କଟୁରୀ ଆକ୍ରମଣରେ ଶ୍ୱଶୁରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ମହୁଲଛାପଲ ଗାଁ ଅଧୀନ ଲାଲପଡ଼ାରେ ଗତ ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ମୃତକ ହେଲେ ପିଣ୍ଡାପଥର ଗ୍ରାମର କାଲୋ କଚ୍ଛପ (୫୮)। ସୂଚନା ଅନୁଯାୟୀ, ମହୁଲଛାପଲ ଗ୍ରାମର ଏନ୍ଥୋନୀ କିସାନ (୩୫) ଓ ତାଙ୍କ ସ୍ତ୍ରୀ ଅମିତା କିସାନଙ୍କ ମଧ୍ୟରେ ମଙ୍ଗଳବାର ଘରୋଇ କଳହକୁ ନେଇ ବିବାଦ ହୋଇଥିଲା। ଏହାପରେ ଅମିତା ବାପଘର ପିଣ୍ଡାପଥରକୁ ଚାଲିଯାଇଥିଲେ। ପରେ ଝିଅର ପରିସ୍ଥିତି ବୁଝିବା ସହ ଜ୍ୱାଇଁଙ୍କୁ ବୁଝାଇବା ପାଇଁ ତାଙ୍କ ବାପା କାଲୋ କଚ୍ଛପ ଜ୍ୱାଇଁ ଘରକୁ ଆସିଥିଲେ। ତେବେ ଶ୍ୱଶୁର-ଜ୍ୱାଇଁଙ୍କ ମଧ୍ୟରେ କଥା କଟାକଟି ହେବା ପରେ ପରିସ୍ଥିତି ଅଧିକ ଉତ୍ତେଜିତ ହୋଇଥିଲା। ଅଭିଯୋଗ ଅନୁସାରେ, ବିଳମ୍ବିତ ରାତିରେ ଏନ୍ଥୋନୀ ଏକ ଧାରୁଆ କଟୁରୀରେ କାଲୋ କଚ୍ଛପଙ୍କୁ ଆକ୍ରମଣ କରିଥିଲେ। ଏଥିରେ କାଲୋଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।ଘଟଣାର ସୂଚନା ପାଇ ଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମାଳୟା ସାହୁ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଅଭିଯୁକ୍ତ ଏନ୍ଥୋନୀ କିସାନଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି। ଘଟଣାର ପ୍ରକୃତ କାରଣ ଓ ସମ୍ପୂର୍ଣ୍ଣ ପରିସ୍ଥିତି ନେଇ ପୋଲିସ ବିଭିନ୍ନ ଦିଗରୁ ଛାନ୍‌ଭିନ୍ କରୁଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ମହୁଲଛାପଲ ଓ ଆଖପାଖ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

## ଲୁହାକାନୀରେ ପାଳିତ ହେଲା ପବିତ୍ର ଇଦ୍ ମିଲାଦ-ଉନ୍-ନବୀ
## ଶାନ୍ତି, ମାନବିକତା ଓ ଭାଇଚାରାର ବାର୍ତ୍ତା ଦେଲା ମିଲାଦ ଉତ୍ସବ



ରାଇରଙ୍ଗପୁର୍ , ୨୬।୮ (ଆନିସ): ଆଜି ପବିତ୍ର ରବି-ଉଲ୍-ଅୱାଲ ମାସ ଅବସରରେ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଅନ୍ତର୍ଗତ ଲୁହାକାନୀଠାରେ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି ପବିତ୍ର ଇଦ୍ ମିଲାଦ-ଉନ୍-ନବୀ। ଏହି ଅବସରରେ ବିଶୋଇ ପୋଲିସ ପ୍ରଶାସନର ଅଧିକାରିଣୀ ସୁବର୍ଣ୍ଣ ବେହେରା ସମେତ ବିଶୋଇ ପୋଲିସ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।ଉତ୍ସବରେ ଲୁହାକାନୀ ମୁସଲିମ କମିଟିର ସଭାପତି ଆନୁୱାର ହୁସେନ, ସମ୍ପାଦକ ଆଜିଜୁଲଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ସ୍ଥାନୀୟ ମୁସଲିମ ସମାଜର ଆବାଳବୃଦ୍ଧବନିତା ଯୋଗଦେଇଥିଲେ।

ଏହି ଅବସରରେ ଇମାମ ମହମ୍ମଦ ଆହ୍ମଦ ହାଫିଜ୍ ପୈଗମ୍ବର ହଜରତ ମୁହମ୍ମଦ (ସଲ୍ଲାଲ୍ଲାହୁ ଅଲାଇହି ୱାସାଲାମ)ଙ୍କ ଜୀବନ, ଆଦର୍ଶ ଓ ମାନବିକ ଶିକ୍ଷା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଏହି ସମୟରେ ପୈଗମ୍ବର ମହମ୍ମଦଙ୍କ ଗୁଣଗାନ ଓ ତାଙ୍କର ମହାନ ଆଦର୍ଶକୁ ସ୍ମରଣ କରାଯାଇଥିଲା।ଇଦ୍ ମିଲାଦ-ଉନ୍-ନବୀ କେବଳ ଏକ ଧାର୍ମିକ ଅବସର ନୁହେଁ, ବରଂ ମାନବିକତା, ଦୟା, ଶାନ୍ତି, ସହନଶୀଳତା ଓ ଭାଇଚାରାର ବାର୍ତ୍ତା ବାଣ୍ଟିବାର ଏକ ପବିତ୍ର ଅବସର ବୋଲି ଉପସ୍ଥିତ ମାନେ କହିଥିଲେ।ପୈଗମ୍ବର ହଜରତ ମୁହମ୍ମଦଙ୍କ ଜୀବନରୁ ସତ୍ୟ, ଧୈର୍ଯ୍ୟ, କ୍ଷମା, ଅନ୍ୟକୁ ସମ୍ମାନ କରିବା ଓ ଅସହାୟଙ୍କୁ ସାହାଯ୍ୟ କରିବା ଭଳି ମାନବିକ ମୂଲ୍ୟବୋଧ ଶିଖିବାକୁ ଆହ୍ୱାନ ଦିଆଯାଇଥିଲା।କାର୍ଯ୍ୟକ୍ରମର ଶେଷରେ ସମସ୍ତେ ଏକତ୍ରିତ ହୋଇ ଦେଶ, ସମାଜ ଓ ସମସ୍ତଙ୍କ ମଙ୍ଗଳ ପାଇଁ ଦୋଆ କରିଥିଲେ। ପରେ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ସିରନି ଓ ଭୋଗ ବଣ୍ଟନ କରାଯାଇଥିଲା।

# ଜିଲ୍ଲାପାଳଙ୍କ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ

କେନ୍ଦ୍ରାପଡ଼ା, ୨୬।୮ (ଆନିସ): ବନ୍ୟା ପରବର୍ତ୍ତୀ ସମୟରେ ପ୍ରଭାବିତ ଅଞ୍ଚଳବାସୀଙ୍କୁ ତ୍ୱରିତ ଓ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବନ୍ୟା ପ୍ରଭାବିତ ବ୍ଲକଗୁଡ଼ିକରେ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଛି।

ଏହି ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବ୍ଲକର ପେଣ୍ଠପାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ନିରାକାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରକୁ ଜିଲ୍ଲାପାଳ ଶ୍ରୀ ଆୟର ଏବଂ ପଟ୍ଟାମୁଣ୍ଡାଇ ବିଡିଓ ଶୀତଲ ଅଗ୍ରୱାଲଙ୍କ ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ମେଡିକାଲ ଅଫିସର ଡାକ୍ତର ଜ୍ୟୋତି ନାରାୟଣ ଦାସ, ଆୟୁଷ ଡାକ୍ତର ଡାକ୍ତର ଲକ୍ଷ୍ମୀପ୍ରିୟା ଦାଶ, ନର୍ସିଂ ଅଫିସର, ଫାର୍ମାସିଷ୍ଟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଜିଲ୍ଲାପାଳ ସ୍ୱାସ୍ଥ୍ୟସେବାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।

ପରେ ଜିଲ୍ଲାପାଳ ପାଣିଘେରରେ ଥିବା ତୁଳସୀଡିହା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଆୟୋଜିତ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରିଥିଲେ। ଏଥିସହିତ କୁଳସାହି ଅଞ୍ଚଳରେ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ



ଅବଗତ ହୋଇଥିଲେ। ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଶିବିରକୁ ମଧ ଜିଲ୍ଲାପାଳ ପରିଦର୍ଶନ କରିଥିଲେ। ଏଠାରେ ଗର୍ଭବତୀ ମହିଳାମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା, ଔଷଧ ପ୍ରଦାନ ଓ ଅନ୍ୟାନ୍ୟ ସେବା ସମ୍ପର୍କରେ ମେଡିକାଲ ଅଫିସର ଡାକ୍ତର ଅଭିଲିପ୍ସା ସାହୁଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଲୋଚନା କରିଥିଲେ।

ବନ୍ୟା ପରବର୍ତ୍ତୀ ସମୟରେ ଜଳବାହିତ ଓ ସଂକ୍ରାମକ ରୋଗର ପ୍ରତିରୋଧ, ଆବଶ୍ୟକ ଔଷଧ ଯୋଗାଣ, ଗର୍ଭବତୀ ମହିଳା, ଶିଶୁ ଓ ବୟସ୍କମାନଙ୍କୁ ନିରନ୍ତର ସ୍ୱାସ୍ଥ୍ୟସେବା ଏବଂ ଆବଶ୍ୟକ ସ୍ଥଳେ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇଦେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ତରରେ ଡେପୁଟୀ ମ୍ୟାନେଜର ଡାକ୍ତର ସୁକାନ୍ତ କୁମାର ପ୍ରଧାନ, ଆର୍ସିଏଚ୍ ସହକାରୀ ପରିଚାଳକ ନୃସିଂହ ଚରଣ ଭୂୟାଁ, ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମାଥାନ ଏବଂ ପଟ୍ଟାମୁଣ୍ଡାଇ ବ୍ଲକର ହସ୍ପିଟାଲ ମ୍ୟାନେଜର ତଥା ବିପିଏମ୍ ଇନ୍‌ଚାର୍ଜ ଚିତ୍ତରଞ୍ଜନ ଚାନ୍ଦ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ନୃସିଂହ ଚରଣ ଦାସ, ବ୍ଲକ ଆକାଉଣ୍ଟସ୍ ମ୍ୟାନେଜର ସଞ୍ଜୟ କୁମାର ଦାସ, ଏସ୍‌ଟିଏସ୍ ମଧୁଛନ୍ଦା ମହାପାତ୍ର ଏବଂ ଡାଟା ଆସିଷ୍ଟାଣ୍ଟ ଓ ଆକାଉଣ୍ଟାଣ୍ଟ ଦେବାଶିଷ ଓଝା ପ୍ରମୁଖ ତଦାରଖ କରୁଛନ୍ତି.

ଜିଲ୍ଲା ସ୍ତରରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶ୍ୟାମସୁନ୍ଦର ଟୁଡୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ଦାସ, ଡିପିଏମ୍ ଡାକ୍ତର ମନୋରଞ୍ଜନ ସାହୁ, ଏପିଡେମିଓଲୋଜିଷ୍ଟ ଡାକ୍ତର ଅଶୋକ କୁମାର ସାହୁ ଓ ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ା ପ୍ରମୁଖ ସ୍ୱାସ୍ଥ୍ୟ ଶିବିରଗୁଡ଼ିକର ସମଗ୍ର କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି।

# ବନ୍ୟା ବିପନ୍ନ ପରିବାରଙ୍କୁ କଂଗ୍ରେସ ଦଳର ରିଲିଫ ବଣ୍ଟନ କାର୍ଯ୍ୟକ୍ରମ





ସାରସକଣା, ୨୬।୮ (ଆନିସ): ମୟୂରଭଞ୍ଜ ଜିଲ୍ଲାର ସାରସକଣା ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଅନେକ ଅଞ୍ଚଳର ଲୋକେ ଦୁର୍ଦ୍ଦଶା ଭୋଗୁଥିବା ବେଳେ ବିପନ୍ନ ପରିବାରଙ୍କୁ ସହାୟତା ପାଇଁ ଆଗେଇ ଆସିଛି କଂଗ୍ରେସ ଦଳ। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲା ପଶ୍ଚିମ କଂଗ୍ରେସ କମିଟି ପକ୍ଷରୁ ସାରସକଣା ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ବଣ୍ଟନ କରାଯାଇଛି। ଦଳର ନିର୍ଦ୍ଦେଶ କ୍ରମେ ସାରସକଣା ବ୍ଲକ କଂଗ୍ରେସ ସଭାପତି ତରୁଣ କୁମାର ଗିରିଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତାମାନେ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ବିପନ୍ନ ପରିବାରଗୁଡ଼ିକୁ ରିଲିଫ ସାମଗ୍ରୀ ପ୍ରଦାନ କରିଥିଲେ। ବନ୍ୟା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଥିବା ପରିବାରଗୁଡ଼ିକର ସମସ୍ୟା ଓ ଅସୁବିଧା ସମ୍ପର୍କରେ ଦଳୀୟ କର୍ମକର୍ତ୍ତାମାନେ ଅବଗତ ହେବା ସହ ସମ୍ଭାବ୍ୟ ସହାୟତା ଯୋଗାଇଦେବା ନେଇ ଆଶ୍ୱାସନ ଦେଇଥିଲେ। ଉକ୍ତ ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ତରୁଣ କୁମାର ଗିରିଙ୍କ ସହ ବ୍ଲକ ଉପସଭାପତି ମୁରାରୀ ମୋହନ ମହାପାତ୍ର, ପ୍ରଦୀପ୍ତ କିଶୋର ପୁଷ୍ଟି, ବ୍ଲକ ସମ୍ପାଦକ ଦୀପକ କୁମାର ଦାସ, ଜିଲ୍ଲା ସମ୍ପାଦକ ଚିତ୍ତବିକାଶ ମହାପାତ୍ରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ବିପଦ ସମୟରେ ବନ୍ୟା ବିପନ୍ନଙ୍କ ପାଖରେ ଠିଆ ହୋଇ ସେମାନଙ୍କୁ ସହଯୋଗ କରିବା କଂଗ୍ରେସର ଦାୟିତ୍ୱ ବୋଲି ଦଳୀୟ କର୍ମକର୍ତ୍ତାମାନେ କହିଥିଲେ। ଆଗାମୀ ଦିନରେ ମଧ୍ୟ ବନ୍ୟା ପ୍ରଭାବିତ ଲୋକଙ୍କ ସମସ୍ୟା ପ୍ରତି ଦଳ ଦୃଷ୍ଟି ରଖିବା ସହ ଆବଶ୍ୟକ ସହଯୋଗ ଜାରି ରଖିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଦଳର ଏଭଳି କାର୍ଯ୍ୟକ୍ରମକୁ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି ।

# ଓଇଆରସି ନିଯୁକ୍ତି କେବେ

ଭୁବନେଶ୍ୱର: ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିୟାମକ ସଂସ୍ଥା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍ସି)ର ଅଧ୍ୟକ୍ଷ ପଦ ଏବେ ଖାଲି। ଗୋଟିଏ ନୁହେଁ, ଦୁଇଥର ଆବେଦନର ଶେଷ ତାରିଖ ବଢ଼ିଲାଣି। ତଥାପି ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇପାରିନାହିଁ। ପ୍ରଥମେ ଅଗଷ୍ଟ ୧୦, ପରେ ଅଗଷ୍ଟ ୧୭ ଏବଂ ଏବେ ଅଗଷ୍ଟ ୩୧କୁ ଆବେଦନର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଫଳରେ ସରକାରଙ୍କ ଏହି 'ଡେଡ୍‌ଲାଇନ୍ ଖେଳ'କୁ ନେଇ ପ୍ରଶ୍ନ ଉଠିଛି। ୨୦୨୬ ମେ' ୨୬ରେ ଓଇଆର୍ସି ଅଧ୍ୟକ୍ଷ ପ୍ରଦୀପ ଜେନାଙ୍କ ଇସ୍ତଫା ପରେ ଏହି ପଦ ଖାଲି ପଡ଼ିଛି। ଏହାର ପ୍ରାୟ ତିନି ମାସ ବିତିବାକୁ ବସିଥିଲେ ମଧ ନୂଆ ଅଧ୍ୟକ୍ଷ ନିଯୁକ୍ତି ହୋଇପାରିନାହିଁ। ଜୁଲାଇ ୧ରେ ଚୟନ କମିଟି ନିକଟକୁ ପ୍ରସ୍ତାବ ପଠାଯାଇଥିଲା। ଜୁଲାଇ ୯ରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ଆବେଦନର ଶେଷ ତାରିଖ ଅଗଷ୍ଟ ୧୦ ରଖାଯାଇଥିଲା। କିନ୍ତୁ ଅଗଷ୍ଟ ୧୦ ପୂର୍ବରୁ ହିଁ ଆବେଦନ ସମୟସୀମା ବଢ଼ାଇ ଦିଆଗଲା। ପରବର୍ତ୍ତୀ ଶେଷ ତାରିଖ ହେଲା ଅଗଷ୍ଟ ୧୭। ଅଗଷ୍ଟ ୧୭ ମଧ ଅତିକ୍ରମ କରିଗଲା। ଏବେ ପୁଣି ଥରେ ଆବେଦନ ସମୟସୀମା ବଢ଼ାଇ ଅଗଷ୍ଟ ୩୧ କରାଯାଇଛି। ଅର୍ଥାତ୍ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦ ପାଇଁ ଆବେଦନ ଗ୍ରହଣ କରିବାର ଡେଡ୍‌ଲାଇନ୍ ଦୁଇଥର ବଦଳିସାରିଲାଣି। ଏଠାରୁ ହିଁ ଉଠୁଛି ଅନେକ ପ୍ରଶ୍ନ। ସରକାରଙ୍କୁ ପର୍ଯ୍ୟାପ୍ତ ଆବେଦନ ମିଳୁନାହିଁ କି ଆବେଦନକାରୀଙ୍କ ମଧ୍ୟରେ ଆବଶ୍ୟକ ଯୋଗ୍ୟତା ନାହିଁ କି ଅଧିକ ଯୋଗ୍ୟ ପ୍ରାର୍ଥୀଙ୍କୁ ସୁଯୋଗ ଦେବା ପାଇଁ ସମୟସୀମା ବଢ଼ାଯାଉଛି କି ନା ଚୟନ ପ୍ରକ୍ରିୟାରେ ଏମିତି କୌଣସି ଜଟିଳତା ରହିଛି, ଯାହା ପାଇଁ ନିଯୁକ୍ତି ଆଗକୁ ବଢ଼ିପାରୁନାହିଁ ସରକାର ଏହାର ସ୍ପଷ୍ଟ ଉତ୍ତର ଦେବା ଆବଶ୍ୟକ। ଓଇଆର୍ସି କୌଣସି ସାଧାରଣ ସରକାରୀ ପଦ ନୁହେଁ। ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରରେ ଏହି ଆୟୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣଠାରୁ ଆରମ୍ଭ କରି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, ବିତରଣ କମ୍ପାନୀଙ୍କ ନିୟନ୍ତ୍ରଣ, ଉପଭୋକ୍ତାଙ୍କ ସ୍ୱାର୍ଥ ଏବଂ ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ନିୟାମକ ନିଷ୍ପତ୍ତି ଓଇଆର୍ସି ସହ ଜଡ଼ିତ। ତେଣୁ ଏହାର ଶୀର୍ଷ ପଦ ଦୀର୍ଘ ସମୟ ଖାଲି ରହିବାକୁ ନେଇ ସ୍ୱାଭାବିକ ଭାବେ ଚିନ୍ତା ବଢ଼ୁଛି। ନିଯୁକ୍ତି ପ୍ରକ୍ରିୟାର ପ୍ରାରମ୍ଭିକ ପଦକ୍ଷେପ ହୋଇସାରିଛି। ବିଜ୍ଞପ୍ତି ପ୍ରକାଶ ପାଇଛି, ଯୋଗ୍ୟତା ଓ ଆବେଦନର ବ୍ୟବସ୍ଥା ରହିଛି ଏବଂ ଚୟନ କମିଟି ମଧ ରହିଛି। ତେବେ ନିଯୁକ୍ତି ପ୍ରକ୍ରିୟା କାହିଁକି ଏତେ ଲମ୍ବା ହେଉଛି, ତାହା ଏବେ ବଡ଼ ପ୍ରଶ୍ନ। ଯଦି ଅଧିକ ସଂଖ୍ୟାରେ ଯୋଗ୍ୟ ପ୍ରାର୍ଥୀଙ୍କୁ ଆବେଦନର ସୁଯୋଗ ଦେବା ଉଦ୍ଦେଶ୍ୟରେ ଡେଡ୍‌ଲାଇନ୍ ବଢ଼ାଯାଉଛି, ତେବେ ସରକାର ଏହାକୁ ସ୍ପଷ୍ଟ ଭାବେ ଜଣାଇବା ଦରକାର। କିନ୍ତୁ କାରଣ ସମ୍ପର୍କରେ କୌଣସି ସ୍ପଷ୍ଟତା ନଦେଇ ବାରମ୍ବାର ତାରିଖ ବଢ଼ାଇ ଚାଲିଲେ ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏପଟେ ଅଗଷ୍ଟ ୩୧ ଏବେ ନୂଆ ଶେଷ ତାରିଖ। ଏହି ସମୟସୀମା ମଧ୍ୟରେ ଯଦି ପର୍ଯ୍ୟାପ୍ତ ଆବେଦନ ଆସେ, ତେବେ ଚୟନ ପ୍ରକ୍ରିୟା କେତେ ଶୀଘ୍ର ଶେଷ ହେବ, ତାହା ଉପରେ ନଜର ରହିବ। ଆଉ ଯଦି ଅଗଷ୍ଟ ୩୧ ପରେ ପୁଣି ଡେଡ୍‌ଲାଇନ୍ ବଢ଼ାଯାଏ, ତେବେ ସରକାରଙ୍କୁ ଓଇଆର୍ସି ଅଧ୍ୟକ୍ଷ ନିଯୁକ୍ତିରେ ହେଉଥିବା ବିଳମ୍ବର ଅସଲ କାରଣ ସ୍ପଷ୍ଟ କରିବାକୁ ପଡ଼ିବ। ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥାର ମୁଖ୍ୟ ନିୟାମକ ସଂସ୍ଥାର ଅଧ୍ୟକ୍ଷ ପଦ ଅନିଶ୍ଚିତତାରେ ରହିବା ଦୀର୍ଘମିଆଦୀ ଭାବେ ଉଚିତ ନୁହେଁ। ତେଣୁ ଏବେ ଦରକାର କେବଳ ଆବେଦନର ଡେଡ୍‌ଲାଇନ୍ ନୁହେଁ, ନିଯୁକ୍ତିର ଡେଡ୍‌ଲାଇନ୍। ସରକାର ଶୀଘ୍ର ପ୍ରକ୍ରିୟା ଶେଷ କରି ଓଇଆର୍ସିକୁ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ଦେବେ କି, ନା ପୁଣି ବଢ଼ିବ ତାରିଖଏବେ ତାହା ଉପରେ ସମସ୍ତଙ୍କ ନଜର।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,

ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda